# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା-୮+୮

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 31/2026 Page 16 ₹ 7.00

୫୨ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 68 ମୂଲ୍ୟ ₹୭/-




## ସଂକ୍ଷେପରେ

### ଅଭିଯୁକ୍ତ ତନ୍ମୟ ମିର୍ଦ୍ଧା ଗିରଫ

**ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ,୩୦।୧

ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଫେରାର ଅଭିଯୁକ୍ତ ତନ୍ମୟ ମିର୍ଦ୍ଧାଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଚିଟ୍‌ଫଣ୍ଡ ଠକେଇ ସହ ଜଡ଼ିତ ମାମଲାଗୁଡ଼ିକର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୦ରେ ସିବିଆଇ ତତ୍କାଳ ମାମଲା ରୁଜୁ କରିଥିଲା। ଏକ୍ସପ୍ରେସ୍ କଲ୍ଟିଭେଶନ ଲିମିଟେଡ୍, କୋଲକାତାର ନିର୍ଦ୍ଦେଶକ ମିର୍ଦ୍ଧାଙ୍କ ସମେତ ଅନ୍ୟମାନେ ନିବେଶ ନାମରେ ଜାଲିଆତି କରି ଲୋକଙ୍କୁ ଠକି ୨.୧ କୋଟି ଟଙ୍କା ସଂଗ୍ରହ କରିଥିଲେ। ତଦନ୍ତ ଶେଷ ହେବା ପରେ ୨୦୨୨ରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିଲା। ମିର୍ଦ୍ଧା ତଦନ୍ତରେ ସାମିଲ ନ ହେବାରୁ ତାଙ୍କୁ ଫେରାର ଘୋଷଣା କରାଯାଇଥିଲା। କୋଲକାତାରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ।

### ଦିଲ୍ଲୀ ଦଙ୍ଗା ମାମଲାରେ ଖଲିଦ ସୈଫିଙ୍କୁ ଜାମିନ

ନୂଆଦିଲ୍ଲୀ,୩୦।୧

୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲା ସହ ଜଡ଼ିତ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ଖଲିଦ ସୈଫିଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୧୩ ଦିନ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଜାମିନରେ ରହିବା ସମୟରେ ସୋସିଆଲ ମିଡିଆ ବ୍ୟବହାର ନ କରିବା ସମେତ ଅନେକ ସର୍ତ୍ତ ରଖାଯାଇଛି। 'ୟୁନାଇଟେଡ୍ ଏଗେନେଷ୍ଟ ହେଟ୍'ର ପ୍ରତିଷ୍ଠାତା ସୈଫି ତାଙ୍କ ପୁତୁରା ବାହାଘରରେ ଯୋଗଦେବା ସହ ପରିବାର ସହିତ ରମଜାନ ପାଳିବା ନିମନ୍ତେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ଏହାର ଶୁଣାଣି କରି ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ସର୍ତ୍ତ ଅନୁଯାୟୀ, ସୈଫି ଏହି ସମୟରେ କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ କରିବେ ନାହିଁ ଏବଂ ଦିଲ୍ଲୀ, ଏନ୍‌ସିଆର୍ ଛାଡ଼ି ଯିବେ ନାହିଁ। ସେ ଗଣମାଧ୍ୟମ ସହ ଯୋଗାଯୋଗରେ ରହିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କୌଣସି ପୋଷ୍ଟ କରିବେ ନାହିଁ।

### ଭାରତ-ଇୟୁ ଏଫ୍‌ଟିଏକୁ ନେଇ ଚିନ୍ତାରେ ପାକିସ୍ତାନ

**ମିଳି ନପାରେ ଜିଏସ୍‌ପି ସୁବିଧା**

ନ୍ୟୁୟର୍କ ,୩୦।୧

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟିକ ଚୁକ୍ତି(ଏଫ୍‌ଟିଏ) ଏବେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାଠାରୁ ଆରମ୍ଭ କରି ବହୁ ପ୍ରମୁଖ ରାଷ୍ଟ୍ର ଏହି ଚୁକ୍ତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଭାରତ-ଇୟୁ ଚୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ବଢିଯାଇଛି। ଏହି ଚୁକ୍ତି ଅନୁସାରେ ଏବେ ଭାରତୀୟ ବ୍ୟବସାୟୀ ଏବଂ ଉଦ୍ୟୋଗୀମାନେ ୟୁରୋପୀୟ ଦେଶଗୁଡିକରେ ଶୁଳ୍କମୁକ୍ତ ବ୍ୟବସାୟ କରିବାକୁ ସୁଯୋଗ ପାଇବେ। ଏହାଦ୍ୱାରା ଭାରତୀୟ ସାମଗ୍ରୀର ଚାହିଦା ବୃଦ୍ଧି ପାଇବା ସହ ପାକିସ୍ତାନୀ ସାମଗ୍ରୀର ଚାହିଦା କମିବ। ପୂର୍ବରୁ ଇୟୁ ଦ୍ୱାରା ପାକିସ୍ତାନକୁ ରପ୍ତାନି ଏବଂ ବ୍ୟବସାୟ କ୍ଷେତ୍ରରେ ମିଳୁଥିବା ଜିଏସ୍‌ପି(ଜେନେରାଲାଇଜଡ୍ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସ) ସୁବିଧା ଆଉ ମିଳିବ ନାହିଁ। ପାକିସ୍ତାନୀ ରପ୍ତାନିକାରୀ ଘୋର ସମସ୍ୟାର ସମ୍ମୁଖୀନ ହେବେ।



ଜମ୍ମୁ-କଶ୍ମୀରର ରାଜୌରୀ ଅନ୍ତର୍ଗତ ବୁଧାଲ-ମାହୋର-ଗୁଲ୍ ରାସ୍ତାରୁ ବରଫ ହଟାଇବା ପାଇଁ ସୀମା ସଡ଼କ ସଂଗଠନ (ବିଆର୍‌ଓ) ଏକ ମେଶିନ୍ ବ୍ୟବହାର କରୁଛି।

### ଅହମଦାବାଦରେ ଅବତରଣ କଲା କୁଏଟ୍-ଦିଲ୍ଲୀ ବିମାନ

**ବୋମା ଭୟ**

ନୂଆଦିଲ୍ଲୀ,୩୦।୧

କୁଏଟ୍‌ରୁ ଶୁକ୍ରବାର ସକାଳେ ଦିଲ୍ଲୀ ଆସୁଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଖବର ପ୍ରଚାର ହୋଇଯିବା ପରେ ଏହାକୁ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଆଯାଇଥିଲା। ବିମାନଟି ଉକ୍ତ ଏୟାରପୋର୍ଟରେ ସକାଳ ୬ଟା ୪୦ ମିନିଟ୍ ସମୟରେ ନିରାପଦରେ ଅବତରଣ କରିଛି। ବିମାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବିମାନ ଭିତରୁ ଜଣେ ଯାତ୍ରୀ ଏକ ହାତଲେଖା ନୋଟ୍ ପାଇଥିଲେ, ଯେଉଁଥିରେ ଲେଖାଥିଲା ଉକ୍ତ ବିମାନରେ ବୋମା ରହିଛି। ଫଳରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ଏୟାରଟ୍ରାଫିକ କଣ୍ଟ୍ରୋଲକୁ ସତର୍କ କରାଇଥିଲେ ଏବଂ ବିମାନକୁ ଅହମଦାବାଦ ବିମାନବନ୍ଦରକୁ ଅବତରଣ ପାଇଁ ପଠାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଅବତରଣ କରିଥିବାବେଳେ ସୁରକ୍ଷା କର୍ମୀ ବିମାନରେ ଖାନତଲାସି କରିଥିଲେ। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇପାରନ୍ତି ସୁନେତ୍ରା

ମୁମ୍ବାଇ ,୩୦।୧



ସୁନେତ୍ରା ପାୱାର

**ଫେବୃଆରୀ ମଧ୍ୟଭାଗରେ ୨ ଏନ୍‌ସିପି ଗୋଷ୍ଠୀର ମିଶ୍ରଣ ହୋଇପାରେ**

ଦିବଂଗତ ଏନସିପି(ଅଜିତ) ନେତା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ନିଧନ ହେବା ପରେ ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଦଳୀୟ ସ୍ତରରେ ଦାବି ଜୋର୍‌ଦାର୍ ହୋଇଛି। ଏହିକ୍ରମରେ ଶୁକ୍ରବାର ଏନସିପି(ଅଜିତ)ର ୩ ବରିଷ୍ଠ ନେତା ଛଗନ୍ ଭୁଜବଳ, ପ୍ରଫୁଲ ପଟେଲ ଏବଂ ସୁନୀଲ ତଟକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍‌ଙ୍କୁ ତାଙ୍କ ବାସଭବନରେ ଭେଟି ଦାବି ଜଣାଇଛନ୍ତି। ଏପରିକି ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ଅଜିତ ପାୱାର ଫଡ଼ନଭିସ୍ ସରକାରରେ ଉପମୁଖ୍ୟମନ୍ତ୍ରୀ ରହିବା ସହିତ ତାଙ୍କ ହାତରେ ଅର୍ଥ, ଅବକାରୀ ଏବଂ କ୍ରୀଡ଼ା ଆଦି ପ୍ରମୁଖ ବିଭାଗ ଦାୟିତ୍ୱ ରହିଥିଲା। ସେହି ଅନୁସାରେ ସୁନେତ୍ରାଙ୍କୁ ଦାୟିତ୍ୱ ଦେବାକୁ ଏହି ନେତାମାନେ ଫଡ଼ନଭିସଙ୍କ ନିକଟରେ ଦାବି କରିଛନ୍ତି। ଏହି ଆଲୋଚନା ପରେ ଆସନ୍ତାକାଲି ସୁନେତ୍ରା ଶପଥ ନେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ଅନ୍ୟପଟେ ଏନସିପିର ବିଲୟକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପୂର୍ବରୁ ଏନସିପିର ଦୁଇ ଗୋଷ୍ଠୀର ବିଲୟ ନେଇ ଅଜିତ ଉଦ୍ୟମ କରିଥିଲେ। ଏଥିନେଇ ସେ ତାଙ୍କ ଚାଚା ଶରଦ ପାୱାରଙ୍କ ସହ ଆଲୋଚନା କରିବା ସହିତ ଗତ ଡିସେମ୍ବର ଏବଂ ଚଳିତ ମାସ ପ୍ରାରମ୍ଭରେ ଦୁଇ ଦୁଇଥର ବୈଠକ କରିଥିଲେ। ତେବେ ସାଂପ୍ରତିକ ପରିପ୍ରେକ୍ଷୀରେ ଦଳର ବିଲୟକୁ ଉଭୟ ଗୋଷ୍ଠୀର ନେତା ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ଆସନ୍ତା ଫେବୃଆରୀ ମଧ୍ୟଭାଗରେ ଘୋଷଣା କରାଯିବା ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଶେଷକରି ଦଳର ମଙ୍ଗ କାହା ହାତରେ ରହିବ ତାହାକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି।ଏଥିନେଇ ପ୍ରଫୁଲ ପଟେଲ, ସୁପ୍ରିୟା ସୁଲେ ଏବଂ ସୁନେତ୍ରା ପାୱାରଙ୍କ ନାମ ଚର୍ଚ୍ଚାରେ ରହିଥିଲେହେଁ ସାମ୍ପ୍ରତିକ ସ୍ଥିତିରେ ସୁନେତ୍ରାଙ୍କ ସପକ୍ଷରେ ଦଳର ବହୁ ନେତା ରହିଥିବା କୁହାଯାଉଛି।

## କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ,୩୦।୧



ରିଅଲ ଇଷ୍ଟେଟ୍ ବ୍ୟବସାୟୀ ତଥା କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟ ଶୁକ୍ରବାର ବେଙ୍ଗାଲୁରୁସ୍ଥିତ କାର୍ଯ୍ୟାଳୟରେ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତାଙ୍କ କାର୍ଯ୍ୟାଳୟରେ ଆୟକର ଚଢ଼ାଉ ଚାଲିଥିଲାବେଳେ ଏଭଳି ଅଘଟଣ ଘଟିଛି। ରୟଙ୍କୁ ୫୭ ବର୍ଷ ହୋଇଥିଲା। ଗୁରୁବାର ସକାଳେ ଆୟକର ବିଭାଗ ରୟଙ୍କ ସହ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ରୟଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଶୁକ୍ରବାର ଅଶୋକ ନଗର ଥାନା ଅଞ୍ଚଳରେ କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ନିଜକୁ ଗୁଳି କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ସୀମନ୍ତ କୁମାର ସିଂ କହିଛନ୍ତି।

ଆୟକର ବିଭାଗ ୩ ଦିନ ହେଲା ସିଂଙ୍କ କମ୍ପାନୀଗୁଡ଼ିକରେ ଚଢ଼ାଉ ଚଳାଇଥିଲା। ସିଂଙ୍କ ପରିବାର ସଦସ୍ୟ ଭାରତରେ ନ ଥିବାରୁ ପୋଲିସ ସେମାନଙ୍କ ସହ ଯୋଗାଯୋଗ କରିଛି। କେରଳ, କର୍ଣ୍ଣାଟକ ସମେତ ଅଧିକାଂଶ ଦକ୍ଷିଣ ଭାରତୀୟ ରାଜ୍ୟରେ ରିଅଲ ଇଷ୍ଟେଟ୍ ଡେଭେଲପର କନ୍‌ଫିଡେଣ୍ଟ ଗ୍ରୁପ୍‌ର ଉପସ୍ଥିତି ରହିଛି। ଏଥିସହିତ ରୟ କେତେକ ମାଲୟାଲମ୍ ଚଳଚ୍ଚିତ୍ରର ପ୍ରଯୋଜକ।

## ତିରୁପତି ଲଡୁରେ ପ୍ରାଣୀ ଚର୍ବି ଅଭିଯୋଗକୁ ସିବିଆଇର ଖଣ୍ଡନ

ନେଲୋର,୩୦।୧

ତିରୁପତି ଲଡୁ ପ୍ରସାଦମ୍‌ରେ ପ୍ରାଣୀ ଚର୍ବି ବ୍ୟବହାର ହୋଇ ନ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଶୁକ୍ରବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛି। ତିରୁମାଲା ଭେଙ୍କଟେଶ୍ୱର ମନ୍ଦିରରେ ମିଳୁଥିବା ପବିତ୍ର ପ୍ରସାଦରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିବା ନେଇ ହୋଇଆସୁଥିବା ଅଭିଯୋଗର ଅନ୍ତ ଘଟିଛି। ଲଡୁ ପ୍ରସ୍ତୁତିରେ ଅପମିଶ୍ରିତ ଘିଅ ବ୍ୟବହାର ଅଭିଯୋଗ ଉପରେ ସିବିଆଇ ୧୫ ମାସ ଧରି ତଦନ୍ତ କରିବା ପରେ ନେଲୋରର ଦୁର୍ନୀତି ନିରୋଧୀ ଅଦାଲତରେ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି। ୨୦୧୯ରୁ ୨୦୨୪ ମଧ୍ୟରେ ମନ୍ଦିରକୁ ଯୋଗାଣ ହୋଇଥିବା ଘିଅରେ ପ୍ରାଣୀ ଚର୍ବିନ ଥିବା ଉକ୍ତ ଚାର୍ଜଶିଟ୍‌ରେ ସ୍ପଷ୍ଟ କରାଯାଇଛି।

ତିରୁପତି ଲଡୁରେ ପ୍ରାଣୀ ଚର୍ବିକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ୨୦୨୪ ସେପ୍ଟେମ୍ବରରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିବା ଲଡୁରେ ନିମ୍ନମାନ ତଥା ପ୍ରାଣୀ ଚର୍ବି ଅପମିଶ୍ରିତ ଘିଅ ବ୍ୟବହାର କରାଯାଉଥିବା ନେଇ ସେତେବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ ଅଭିଯୋଗ କରିଥିଲେ। ଏହାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଗମ୍ଭୀର ସମ୍ବେଦନଶୀଳ ଧର୍ମୀୟ ପ୍ରସଙ୍ଗ ହୋଇଥିବାରୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛନ୍ତି, ତିରୁମାଲା ତିରୁପତି ଦେବସ୍ଥାନମ୍‌କୁ ଯୋଗାଇ ଦିଆଯାଉଥିବା ଘିଅ ପ୍ରକୃତ ଡେଏରି ଉତ୍ପାଦ ନୁହେଁ। ବିଭିନ୍ନ ବନସ୍ପତିରେ ରାସାୟନିକ ସାମଗ୍ରୀ ମିଶାଇ ଲାବରେଟୋରିରେ ଉକ୍ତ ଘିଅ ପ୍ରସ୍ତୁତ କରାଯାଇଥିବା ସିବିଆଇ କହିଛି।

## କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୪.୫%

ନୂଆଦିଲ୍ଲୀ,୩୦।୧(ପି.ଟି.)

ଡିସେମ୍ବର ଶେଷରେ କେନ୍ଦ୍ର ସରକାରଙ୍କ ଆର୍ଥିକ ନିଅଣ୍ଟ ୮.୫୫ ଲକ୍ଷ କୋଟି ଟଙ୍କା ବା ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ ଆକଳନର ୫୪.୫ ପ୍ରତିଶତ ବୋଲି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୬.୭% ଥିଲା। ୨୦୨୫-୨୬ରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୪% ବା ୧୫.୬୯ ଲକ୍ଷ କୋଟି ଟଙ୍କା ରହିବ ବୋଲି କେନ୍ଦ୍ର ସରକାର ଆକଳନ କରିଥିଲେ। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ (ସିଜିଏ)ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାର ୨୦୨୫ ଡିସେମ୍ବର ସୁଦ୍ଧା ୨୫.୨୫ ଲକ୍ଷ କୋଟି ଟଙ୍କା ପାଇଛନ୍ତି, ଯାହାକି ବଜେଟ ଆକଳନର ୭୨.୨ ପ୍ରତିଶତ। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ସରକାର ୩୩.୮ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହାକି ବଜେଟ ଆକଳନର ୬୬.୭ ପ୍ରତିଶତ। ସେଥିରୁ ୨୫.୯୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ହୋଇଥିବାବେଳେ ୭.୮୭ ଲକ୍ଷ କୋଟି କ୍ୟାପଟାଲ ଆକାଉଣ୍ଟ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

## ୨୦୩୨ରେ ଚନ୍ଦ୍ରକୁ ଧକ୍କାଦେବ ଗ୍ରହାଣୁ ପିଣ୍ଡ

**ସାଟେଲାଇଟ୍ କ୍ଷତିଗ୍ରସ୍ତ ହେବା ନେଇ ସତର୍କ କରାଇଲେ ବୈଜ୍ଞାନିକ**

ନୂଆଦିଲ୍ଲୀ,୩୦।୧

୨୦୩୨ରେ ଏକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କା ଦେବା ନେଇ ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଉକ୍ତ ଗ୍ରହାଣୁ ପିଣ୍ଡର ଓସାର ପ୍ରାୟ ୬୦ ମିଟର। ତେବେ ଚନ୍ଦ୍ର ସହ ଧକ୍କାଦେବାର ଆଶଙ୍କା ୪ ପ୍ରତିଶତ ରହୁଥିବା ସେମାନେ କହିଛନ୍ତି। ସମ୍ଭାବନା କମ୍ ହେଲେ ମଧ୍ୟ ଏହାକୁ ନେଇ ବୈଜ୍ଞାନିକମାନେ ଚିନ୍ତିତ ଓ ଉତ୍କଣ୍ଠିତ ଅଛନ୍ତି।



ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କାଦେଲେ ସୃଷ୍ଟି ହେବାକୁ ଥିବା ଭଗ୍ନାବଶେଷ, ସାଟେଲାଇଟ୍ କ୍ଷତି ଏବଂ ସମ୍ଭାବ୍ୟ ଅଗ୍ନିପିଣ୍ଡୁଳା ବର୍ଷାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଗ୍ରହାଣୁପିଣ୍ଡ ୨୦୨୪ୱାଇଆର୍୪ ଯେଉଁ ପଥ ଦେଇ ଗତିକରୁଛି, ତାହା ୨୦୩୨ ଡିସେମ୍ବର ୨୨ରେ ଚନ୍ଦ୍ର ସହ ଧକ୍କା ଲାଗିପାରେ। ଏହି ସଂଘର୍ଷରୁ ପ୍ରଚୁର ଶକ୍ତିର ପ୍ରଭାବ ଅନୁଭୂତ ହେବ। ୨୦୧୩ରେ ଏକ ଅଧିକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡର ସଂଘର୍ଷ ଯୋଗୁ ହୋଇଥିବା ପ୍ରଭାବରୁ ଏହା ବହୁତ ଶକ୍ତିଶାଳୀ ହେବ। ଏହା ଫଳରେ ଚନ୍ଦ୍ରରେ ୧ କିଲୋମିଟର ଓସାରର ଗର୍ତ୍ତ ସୃଷ୍ଟି ହେବା ସହ ୫.୦ ତୀବ୍ରତାର ଚନ୍ଦ୍ର କମ୍ପନ ଅନୁଭୂତ ହେବ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଲୋକେ ଏହାର ପ୍ରାରମ୍ଭିକ ପ୍ରଭାବ ଦେଖିପାରିବେ। ଏହିସମୟରେ ରାତ୍ରି ଆକାଶ ଆଲୋକମୟ ହୋଇଯିବ।

**ଫୁରସତ୍**

# ରୋଜଗାରର ନିଆରା ମାଧ୍ୟମ

ଭାରତରେ ଲୋକମାନେ ସେମାନଙ୍କର ପାଳିତ କୁକୁରଙ୍କୁ ବାହାରକୁ ନେଇ ମଳତ୍ୟାଗ କରାଇବା ଏକ ସାଧାରଣ କଥା। ସେମାନେ ରାସ୍ତାରେ କିମ୍ବା ପାର୍କରେ ଏପରି କରନ୍ତି। ରାସ୍ତା ମଇଳା କରିବା କିମ୍ବା ଦୁର୍ଗନ୍ଧ ବିଷୟରେ ସେମାନେ ଆଦୌ ଚିନ୍ତା କରନ୍ତି ନାହିଁ। କିନ୍ତୁ ବ୍ରିଟେନ୍‌ରେ ଏହା ବହୁତ କମ୍। ସେଠାରେ କିଛି ଲୋକ କୁକୁର ମଳ ଉଠାଇ ବେଶ୍ ଭଲ ରୋଜଗାର କରୁଛନ୍ତି। ଜଣେ ବ୍ୟକ୍ତି ଏଭଳି କାମ କରି ବାର୍ଷିକ ପ୍ରାୟ ୨୯ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି।

ୟୁକେର ୱର୍ସେଷ୍ଟରର ବାସିନ୍ଦା ୩୯ ବର୍ଷୀୟ କାଇଲ୍ ନ୍ୟୁବି କୁକୁର ମଳ ଉଠାଇ ଅର୍ଥ ରୋଜଗାର କରନ୍ତି। ଗତବର୍ଷ ମାର୍ଚ୍ଚ ମାସରେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଦେଖିବା ପରେ ସେ ଏଭଳି କାର୍ଯ୍ୟ କରିବା ଲାଗି 'ପେଟ୍ ପୁ ପିକ' ଆରମ୍ଭ କରିବାକୁ ପ୍ରେରଣା ପାଇଥିଲେ। ସେ ଜାଣିବାକୁ ପାଇଲେ, ଆମେରିକାରେ କୁକୁରର ମଳ ଉଠାଇବା କେତେ ଲୋକପ୍ରିୟ ଥିଲା। ତେଣୁ ଏହାକୁ ପୂର୍ବ ମିଡ୍‌ଲ୍ୟାଣ୍ଡସ୍‌ରେ ଆରମ୍ଭ କରିବାକୁ ସେ ଚେଷ୍ଟା କଲେ।

କାଇଲ ପ୍ରଥମେ ଏନେଇ ସୋସିଆଲ ମିଡିଆରେ ମଧ୍ୟ ଏକ ବିଜ୍ଞାପନ ପୋଷ୍ଟ କରିଥିଲେ। ତାଙ୍କର ପୋଷ୍ଟ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଧୀରେ ଧରେ ତାଙ୍କର ଗ୍ରାହକ ସଂଖ୍ୟା ବଢିଥିଲା। ସେ ବର୍ତ୍ତମାନ ଜଣେ ବୃତ୍ତିଗତ ମଳ ସ୍କୁପର ଭାବରେ କାମ କରନ୍ତି। ତାଙ୍କର ୩୫ ଜଣ ନିୟମିତ ଗ୍ରାହକ ଅଛନ୍ତି। ସେ ପାର୍ଟଟାଇମ୍ କୁକୁର ମଳ ସଫା କରିବା କାମ କରି ପ୍ରାୟ ୨,୬୮୦ ଡଲାର ରୋଜଗାର କରନ୍ତି। ମଳ ସଫା ପରେ, ସେହି ଅଞ୍ଚଳକୁ ଜୀବାଣୁମୁକ୍ତ କରିବା ପାଇଁ ଏକ ମେଶିନ ବ୍ୟବହାର କରାଯାଏ। କାଇଲ ଦିନକୁ ପ୍ରାୟ ଚାରି ଘଣ୍ଟା ଗାଡ଼ି ଚଲାଇବା ସହ ତିନି ଘଣ୍ଟା ସଫା କରିବାରେ ବିତାନ୍ତି। ଏପରିକି କୁକୁର ମଳ ନିଷ୍କାସନ କରିବା ପାଇଁ ୫୦ ମାଇଲ ପର୍ଯ୍ୟନ୍ତ ଗାଡ଼ି ଚଲାଇବାକୁ ପଡ଼େ ବୋଲି ସେ କୁହନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ Bhubaneswar, Saturday, January 31/2026 | ପୃଷ୍ଠା-୧

# ଆଣବିକ ଲକ୍ଷ୍ୟରୁ ନ ହଟିଲେ ଯୁଦ୍ଧ

## ଇରାନକୁ ଆମେରିକାର ଚେତାବନୀ

**ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ସଦ୍ୟ ଘଟଣାକ୍ରମରେ ଇରାନ ଉପକୂଳଠାରୁ କିଛି ଦୂରରେ ଆମେରିକା କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତ ସଜ୍ଜିତ କରି ରଖିଲାଣି। ଇରାନ ତୁରନ୍ତ ଆଣବିକ କାର୍ଯ୍ୟକ୍ରମ ବନ୍ଦ ନ କଲେ ଯୁଦ୍ଧକୁ ସାମ୍ନା କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହ ପ୍ରାୟ ୧ ହଜାର ଡ୍ରୋନ୍ ମୁତୟନ କରିଛି। ଇତିମଧ୍ୟରେ ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ତୁର୍କୀର ସହାୟତା ଲୋଡ଼ିଥିବା ଦେଖିବାକୁ ମିଳିଛି। ତୁର୍କୀ ରାଷ୍ଟ୍ରପତି ରେସିପି ତାଇପେ ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଏସବୁ ଘଟଣାକ୍ରମ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିବ ବୋଲି ଅନୁମାନ କରାଗଲାଣି।**

**ନ୍ୟୁୟର୍କ,୩୦।୧**

ମଧ୍ୟପ୍ରାଚ୍ୟରେ ଆମେରିକାର ଶକ୍ତିଶାଳୀ ନୌସେନା ଉପସ୍ଥିତି ଇରାନ ଉପରେ ଆକ୍ରମଣର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଆରବ ସାଗରରେ ଇରାନ ଉପକୂଳଠାରୁ ଅଳ୍ପ କିଛି ଦୂରରେ ଆମେରିକାର ପରମାଣୁ ଅସ୍ତ୍ର ସଜ୍ଜିତ ଶକ୍ତିଶାଳୀ 'ଆବ୍ରାହମ ଲିଙ୍କନ' ଓ ଅନ୍ୟ କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତଗୁଡ଼ିକ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିପାରେ ବୋଲି ଆଶଙ୍କା କରାଯାଉଛି। ଏହାମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେବା ସହିତ ବିକଳ୍ପ ବାଛିନେବାକୁ କହିଛନ୍ତି। ଏଥିପାଇଁ ସେ ଦୁଇଟି ସର୍ତ୍ତ ରଖିଛନ୍ତି। ପ୍ରଥମତଃ ଇରାନ ତୁରନ୍ତ ଏହାର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ନେଇ ଘୋଷଣା କରୁ। ଦ୍ୱିତୀୟରେ ଇରାନରେ ସାଧାରଣ ବିକ୍ଷୋଭକାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ ହେବା ସହିତ ଅନେକ ହଜାର ଲୋକଙ୍କୁ ଯେଭଳି ହତ୍ୟା କରାଯାଉଛି ତାହା ମଧ୍ୟ ବନ୍ଦ ହେବା ଦରକାର ବୋଲି ଟ୍ରମ୍ପ କହିଛନ୍ତି। ଯଦି ଏହି ଦୁଇଟି ସର୍ତ୍ତକୁ ଇରାନ ସରକାର ନ ମାନନ୍ତି ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଏବେ ଆମେରିକା ନୌସେନାର ବହୁ ଶକ୍ତିଶାଳୀ ଯୁଦ୍ଧପୋତ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। କିନ୍ତୁ ଏହାକୁ ଯେଭଳି ଉପଯୋଗ ନ କରିବାକୁ ପଡ଼େ, ସେ

☞ପୃଷ୍ଠା-୨

## ତୁର୍କୀ ଶରଣରେ ଇରାନ



ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି ତୁର୍କୀର ଇସ୍ତାନବୁଲକୁ ଦିନିକିଆ ଗସ୍ତରେ ଯାଇ ତାଙ୍କର ତୁର୍କୀ ପ୍ରତିପକ୍ଷ ହାକାନ ଫିଦାନଙ୍କୁ ଭେଟୁଛନ୍ତି।

ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଯେକୌଣସି ଭୟାବହ ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଚି ଦିନିକିଆ ଗସ୍ତରେ ଯାଇ ତୁର୍କୀରେ ପହଞ୍ଚିଛନ୍ତି। ଇରାନ ସମାନ ନୀତିରେ ଆମେରିକା ସହ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି ବୋଲି ସେଠାରେ ସାମ୍ବାଦିକମାନଙ୍କୁ ଆବାସ୍ କହିଛନ୍ତି। ଏହାବ୍ୟତୀତ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଏଡାଇବାକୁ ତୁର୍କୀ ରାଷ୍ଟ୍ରପତି

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ତିନି ଘଣ୍ଟାର ଗସ୍ତ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିଟ୍-୬ ନେତାଜୀ ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଏକାମ୍ର ବାଟିକାର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ହୋଟେଲ ପ୍ରାଚି, ସମୟ: ଅପରାହ୍ନ ୫ଟା ୩୦।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସ୍ଥାନ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶୀତ ଉତ୍ସବ-୨୦୨୬, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ଉତ୍ସବ ସମାରୋହ (ଆଭା), ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଷ୍ଟପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବନ୍ଦେମାତରଂ କୋଷ୍ଟାଲ ସାଇକ୍ଲୋଥୋନ -୨୦୨୬, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ସକାଳ ୬ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗୁହାଳିପଦା ମହିମା ମନ୍ଦିର ପଡିଆ, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଯୁବ ମହୋତ୍ସବ 'ଉତ୍ସାହ -୨୦୨୬'ର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫଏମ ବିଶ୍ୱବିଦ୍ୟାଳୟ ପରିସର, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଖରାବାଦ ଛକ ଖେଳପଡିଆ, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଆତିଥ୍ୟ ଭବନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳସୁନ୍ଦରଜୀଉ ହାଇସ୍କୁଲ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିଭା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପଳସା ଷ୍ଟାଡିୟମ, ଖଇରା, ସମୟ: ଅପରାହ୍ନ ୨ଟା।
- ରେମୁଣା ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- କିଶୋର ନାୟକ ମେମୋରିଆଲ କ୍ରିକେଟର ପ୍ରଦର୍ଶନୀ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଏସ୍ଏଫ୍ ସାଇକ୍ଲୋଥନ୍ ରାଲି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଓଲଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମହୋତ୍ସବ ତୃତୀୟ ଦିନରେ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସ୍ଥାନ: ଉତ୍ସବ ପଡିଆ, ବଡବିଲ, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୈଶିଙ୍ଗା,ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର,ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା ସମୟ:ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।

## କନ୍ଧମାଳ

- ସର୍ବଭାରତୀୟ ମୂଳ ନିବାସୀ ସଂଘର ସଭା ଓ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଦ୍ୱାବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା' ବନ୍ଧମଙ୍ଗଳାଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ପଳାସୁଣୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର ନୂଆଗାଁ ମୌଜା, ସମୟ: ପ୍ରାତଃ ୫ଟା।
- ଅଚ୍ୟୁତପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଅଚ୍ୟୁତପୁର ଅଷ୍ଟପ୍ରହର ମଣ୍ଡପ, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: କଣ୍ଡପୋଇ ପଡ଼ିଆ, ବରୀ, ସମୟ: ସକାଳ ୭ଟା।
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖେମେଶ୍ୱର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବରୀ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଧାରପୁର,ବରୀ, ସମୟ: ଅପରାହ୍ନ ୩ଟା।
- ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ସ୍କୁଲ ପରିସର, ସମୟ: ଅପରାହ୍ନ ସାଢେ ୩ଟା।

## ନୟାଗଡ଼

- ମା' ମଙ୍ଗଳା ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ମନ୍ଦିର, ସମୟ: ସକାଳ ୭ଟା।
- ଭୌମୀ ଏକାଦଶୀ ମେଳାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ନବମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗ୍ରାମୀଣ ଯୁବ ଏକତା ଶିବିର, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟାରୁ ଅପରାହ୍ନ ୧ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ସକାଳ ୭ଟା ୩୦।
- ବଡରାଉଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ନାଟକ ଭାଗବତ ଜନ୍ମ, ସ୍ଥାନ: ନୂଆଗାଁ ବ୍ଲକର ଗୁଡୁପାଙ୍ଗୀ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡ଼ା ବନାମ କଣ୍ଟିଲୋ ଦେବାଂଶୀ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଜାତୀୟ ସଡକ ସୁରକ୍ଷା ସପ୍ତାହର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ: ଅପରାହ୍ନ ୩ଟା।
- ପଞ୍ଚୁ ପାଣ୍ଡବ ମହୋତ୍ସବର ୨ୟ ଦିବସ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଶ୍ରୀ କନ୍ୟକା ପରମେଶ୍ୱରୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଗୁଣପୁର, ସମୟ: ପ୍ରାତଃ ୫ଟା। ଅନ୍ନ ପ୍ରସାଦ ବଣ୍ଟନ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଜିଲାପାଳଙ୍କ ସୁନାବେଡା ଓ ସେମିଳିଗୁଡା ପରିଦର୍ଶନ, ସ୍ଥାନ: ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରା ବ୍ଲକ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା କଫି ଉନ୍ନୟନ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ହିନ୍ଦୁ ସମାଜର ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାଲିମେଳା ମିନି ଷ୍ଟାଡିୟମ ପରିସର, ସମୟ: ସକାଳ ୬ଟା।

## ସମ୍ବଲପୁର

- ଏନ୍‌ବିଟି ପକ୍ଷରୁ କାହାଣୀ ଦୁନିଆ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡ଼ିଆସ୍ଥିତ ଶିଶୁ ମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମଦନାବତୀ ପବ୍ଲିକ ସ୍କୁଲର ୪୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସରସ୍ଥ ମଞ୍ଚ, ସମୟ: ଅପରାହ୍ନ ୩ଟା ୩୦ ।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।
- ପରମାଣପୁର ଧନୁଯାତ୍ର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଲୋଇସିଂହା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ, ସ୍ଥାନ: ଥାନା ଅଭ୍ୟର୍ଥନା ଗୃହ, ସମୟ: ଅପରାହ୍ନ ୪ଟା ।

## ରାଉରକେଲା

- ମାରୱାଡି କ୍ରିକେଟ ପ୍ରିମିୟର ଲିଗ୍ ଶୁଭାରମ୍ଭ, ସ୍ଥାନ: ଛେଣ୍ଡ ୟୁଜିଆଇ ଖେଳ ପଡିଆ, ସମୟ: ସକାଳ ୭ଟା ।
- ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୭ଟା ୧୦ ।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୨ ମହାଦେବ ମନ୍ଦିର, ସମୟ: ସକାଳ ୭ଟା ।
- ବେଲଜିୟମ୍ ହକି ଖେଳାଳିଙ୍କ ଅଭ୍ୟାସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଓଡିଶା ଲେଖିକା ସାଂସଦ ସୁନ୍ଦରଗଡ ଶାଖା ରାଉରକେଲାର ବାର୍ଷିକୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ।
- ସୌମ୍ୟଜିତ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ୟୁଜିଆଇ ପଲିଫେଷ୍ଟ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ, ଜେଲ୍ ରୋଡ୍, ସମୟ: ଅପରାହ୍ନ ୩ଟା ୩୦ ।
- ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୪ଟା ।

## ସୁନ୍ଦରଗଡ଼

- ବଡ଼ଗାଁ ଶ୍ରୀ ଆରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦ ।
- ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ ଟା ।

## ବରଗଡ଼

- ସଡ଼କ ସୁରକ୍ଷା ମାସ ପାଳନର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦ ।
- ଆଚାର୍ଯ୍ୟ ବିକାଶ ଦିବସ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି

- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ସରକାରୀ ମହିଳା କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।

## ବୌଦ୍ଧ

- ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା , ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ଧର୍ମ ଓ ସଂସ୍କୃତିର ମହାସଙ୍ଗମ, ହିନ୍ଦୁ ସମ୍ମିଳନୀ, ସ୍ଥାନ: ଦେବଗଡ ହାତୀଶାଳ ସାହି, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ ଓ କୃଷି ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ରୋଡ୍ ବଡ଼ବଗିଚା, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁବର୍ଣ୍ଣପୁର

- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଗୀତାଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା ।
- ସଡକ ସୁରକ୍ଷା ମାସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୁବର୍ଣ୍ଣପୁର ସହର ଛନ୍‌ଛାନ ଡୁଙ୍ଗୁରି ସ୍ଥିତ ଯୋଗେଶ୍ୱର ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଗଠନ ପାଇଁ ସାଧାରଣ ସଭା, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଉପରେ ଘର**
**ସୁନା ଖମ୍ବ ପରି ତିନି ଦିଅର**
**ଚନ୍ଦର ଉଦିଆ ବର ।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ। ଶାଶୁଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି**
**ହାତୀ ପାହୁଲ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ

କଟକ,୩୦।୧(କାର୍ତ୍ତିକ ସାହୁ)

ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରି ନ ଥିବାରୁ ତାଙ୍କୁ କାହିଁକି ଦଣ୍ଡିତ କରାଯିବ ନାହିଁ ବୋଲି ସେ ୩ ସପ୍ତାହ ଭିତରେ ଜବାବ ରଖିବାକୁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ୧୯୮୭ ମସିହାରେ ଅଭୟାରଣ୍ୟ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ବିଜ୍ଞପ୍ତିର ୩୯ ବର୍ଷ ପରେ ମଧ୍ୟ ଜମି ଅଧିଗ୍ରହଣ ହୋଇପାରିନାହିଁ। ଜମି ମାଲିକଙ୍କୁ କ୍ଷତିପୂରଣ ରାଶି କିମ୍ବା ଜମି ଛାଡ଼ କରାଯାଇନାହିଁ। ଏହାକୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି ପାଇଁ ଗ୍ରହଣ କରିବା ସହ ପୂର୍ବରୁ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ଅଦାଲତ ପ୍ରସ୍ତାବିତ ଅଭୟାରଣ୍ୟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ଅଦାଲତଙ୍କ ନିର୍ଦ୍ଦେଶ ପାଳନ ହୋଇ ନ ଥିବାରୁ ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ ଜାରି ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ତୁର୍କୀ ଶରଣରେ ...

ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି। ତେବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚେତାବନୀକୁ ନେଇ ମଧ୍ୟପ୍ରାଚ୍ୟରେ ଆରବ ରାଷ୍ଟ୍ରସମୂହର ଚିନ୍ତା ବଢିଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ପୁଣିଥରେ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ହେବା ସହିତ ଆନ୍ତର୍ଜାତିକ ଅର୍ଥନୈତିକ କ୍ଷେତ୍ରକୁ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ଶନିବାର ନୂଆଦିଲ୍ଲୀଠାରେ ହେବାକୁ ଥିବା ଭାରତ-ଆରବ ରାଷ୍ଟ୍ର ସମୂହ(ଲିଗ୍ ଅଫ୍ ଆରବ ଷ୍ଟେଟସ୍) ବୈଠକରେ ଏସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

## ଆଣବିକ ଲକ୍ଷ୍ୟରୁ ...

ସମ୍ପର୍କରେ ଇରାନ ତୁରନ୍ତ ନିଷ୍ପତ୍ତି ନେବା ଦରକାର। ଭେନେଜୁଏଲା ଶୈଳୀରେ ଆମେରିକା ପ୍ରଥମେ ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରିପାରେ ବୋଲି ଆନ୍ତର୍ଜାତିକ ସ୍ତରରେ ସାମରିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହିତ ଆମେରିକାର ଆକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରାୟ ୧ ହଜାର ଡ୍ରୋନ ମୁତୟନ କରିଛି ବୋଲି ଏଠାକାର ସରକାରୀ ଖବରଦାତା ଏଜେନ୍ସି ଟାସ୍‌ନିମ୍ ପ୍ରକାଶ କରିଛି।

## ଭେନେଜୁଏଲା ପରେ ଟ୍ରମ୍ପଙ୍କ ଟାର୍ଗେଟରେ କ୍ୟୁବା, ଜାରିହେଲା ଜରୁରୀ ସ୍ଥିତି

ନ୍ୟୁୟର୍କ,୩୦।୧

ଭେନେଜୁଏଲା ପରେ ଏବେ ଅନ୍ୟତମ କାରିବିଆନ ରାଷ୍ଟ୍ର କ୍ୟୁବା ଉପରେ ଟ୍ରମ୍ପଙ୍କ ଦୃଷ୍ଟି ପଡ଼ିଛି। କ୍ୟୁବାକୁ ଏକଘରିକିଆ କରିବାକୁ ଟ୍ରମ୍ପ ଏହି ଦେଶ ଉପରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଏନେଇ ସେ ଏକଜିକ୍ୟୁଟିଭ୍ ଅର୍ଡର ଜାରି କରିବା ସହିତ ଆମେରିକାର ଆଇନ ବ୍ୟବସ୍ଥା ଅନୁଯାୟୀ 'ଇଣ୍ଟରନ୍ୟାଶନାଲ ଏମର୍ଜେନ୍ସି ଇକୋନୋମିକ ପାୱାର ଆକ୍ଟ(ଆଇଇଇପିଏ) ଏବଂ ନ୍ୟାଶନାଲ ଏମର୍ଜେନ୍ସି ଆକ୍ଟ(ଏନଇଏ) ଅନୁସାରେ କ୍ୟୁବା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଆମେରିକା ପ୍ରଶାସନ କ୍ୟୁବା ଉପରେ ଜରୁରିକାଳୀନ ସ୍ଥିତି ଜାରି କରିଛି। ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ଅନୁସାରେ ଯଦି କୌଣସି ରାଷ୍ଟ୍ର କ୍ୟୁବାକୁ ତୈଳ କିମ୍ବା ଶକ୍ତି ଯୋଗାଣ କରେ ତେବେ ସମ୍ପୃକ୍ତ ରାଷ୍ଟ୍ର ଉପରେ ଆମେରିକା ଉଚ୍ଚ ଟାରିଫ୍ ଲଗାଇବ ବୋଲି ଧମକ ଦେଇଛି। କ୍ୟୁବାକୁ ତୈଳ ଏବଂ ଶକ୍ତି ଯୋଗାଣ ବନ୍ଦ ହୋଇଯିବାରୁ ସେଠାକାର ସାଧାରଣ ଜନଜୀବନ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଭେନେଜୁଏଲା ଭଳି କ୍ୟୁବା ସରକାରଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଲକ୍ଷ୍ୟରେ ଟ୍ରମ୍ପ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହଚକ୍ରର ଅନୁକୂଳତା କର୍ମକ୍ଷେତ୍ର, ପାରିବାରିକ ଏବଂ ସାମାଜିକ ଦିଗକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପରିଶ୍ରମ ଓ ଭ୍ରମଣ ଜନିତ କ୍ଳାନ୍ତି ଅନୁଭବ କରିବେ।

**ବୃଷ** ସାଧାରଣ କଥାକୁ କେନ୍ଦ୍ରକରି ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ, ପରିବହନ, ଲେଖାପଢ଼ା, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସହଯୋଗୀ ମନୋଭାବ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ମୃଗଶିରା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ କରିବା ଭଲ ।

**ମିଥୁନ** ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ କାମ ଗୁଡ଼ିକ ସୁବିଧାରେ ହୋଇଯିବ। ପୁନର୍ବସୁ ନକ୍ଷତ୍ରର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆଲୋଚନା ସମୟରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍‌ଭାବରେ ନ ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି।

**କର୍କଟ** ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ପଡ଼ିବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଆର୍ଥିକ ଅନଟନ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି । କ୍ରୀଡ଼ା , ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବେ। ଚିତ୍ରା ନକ୍ଷତ୍ର କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନରୁ ଶୁଭଫଳ ପାଇବେ।

**ତୁଳା** ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିବ। ବିଶାଖା ନକ୍ଷତ୍ର ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ। ଉତ୍ତରାଷାଢ଼ା ନକ୍ଷତ୍ର ଦିନଟିରେ ଯାନ ବାହାନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାରର ଅସୁବିଧା ହେବ ନାହିଁ।

**ମକର** ଶ୍ରବଣା ନକ୍ଷତ୍ର ମାନସିକ ଅଶାନ୍ତିରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ** ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନର ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶତଭିଷା ନକ୍ଷତ୍ର ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ମୀନ** ଆଜି ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ରେବତୀ ନକ୍ଷତ୍ର ପରିସ୍ଥିତିବିଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜାନୁୟାରୀ ୩୧ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଯୋରନ୍ଦା ମହିମାଗାଦିରେ ମେଳା, ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ Bhubaneswar, Saturday, January 31/2026 

# ବିକ୍ରି ହୋଇପାରିବ ତମାଖୁବିହୀନ ଗୁଟ୍‌ଖା

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

ରାଜ୍ୟରେ କିଛିଦିନ ହେଲା ଦୋକାନୀମାନେ ପ୍ରାୟତଃ ପାନମସଲା (ଗୁଟ୍‌ଖା) ବିକିବା ବନ୍ଦ କରିଦେଇଛନ୍ତି। ତଥାପି ଯେଉଁଠି ଏହା ବିକ୍ରି ହେଉଛି, ତାହା ଲୁଚାଛପାରେ ଏବଂ ଅତି ସତର୍କତା ସହ। ଯଦି ସିଧାସଳଖ ଯାଇ କୌଣସି ଗ୍ରାହକ ପାନମସଲା ବା ଗୁଟ୍‌ଖା ମାଗୁଛନ୍ତି, ତାହା ନାହିଁ ବୋଲି ସିଧାସିଧା ଦୋକାନୀ ମନାକରୁଥିଲେ। ତେବେ ଲୁଚାଛପାରେ ମିଳୁଥିବା ଏହି ସାମଗ୍ରୀର ମୂଲ୍ୟ ପୂର୍ବ ତୁଳନାରେ ପ୍ରାୟ ୨ଗୁଣା। ସରକାର ପାନମସଲା ବିକ୍ରି ଉପରେ ଚଢ଼ାଉକରି କଟକଣା ଲଗାଇଥିଲେ। ହେଲେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱଥୀ ଏସ୍ ଅର୍ଥ ବିଭାଗର ସିଟି ଆଣ୍ଡ୍ ଜିଏସ୍‌ଟି କମିଶନରଙ୍କୁ ଏ ବାବଦରେ ଚିଠି ଲେଖି ଜଣାଇଛନ୍ତି ଯେ, ଯେଉଁ ପାନମସଲାରେ ତମାଖୁ ବା ନିକୋଟିନ୍ ରହୁନାହିଁ, ସେଗୁଡ଼ିକ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ସେଗୁଡିକ ବିକ୍ରି କରାଯାଇପାରିବ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତମାଖୁଯୁକ୍ତ ଗୁଟ୍‌ଖା ଖାଇବା ଦ୍ୱାରା ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବହୁ ପରିମାଣର ବୃଦ୍ଧି ପାଉଛି। ତେଣୁ ଏହାକୁ ବନ୍ଦ କରିବାର ଆବଶ୍ୟକତା ରହିଛି। ସ୍କୁଲ, କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ଭିତରେ ଗୁଟ୍‌ଖା ବିକ୍ରି ଉପରେ କଟକଣା ରହିଛି। ତେଣୁ ପୋଲିସ, ଜିଲା ପ୍ରଶାସନ ଏବଂ ଅନ୍ୟମାନେ ମିଳିତ ଭାବେ ଏହାକୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଯୁବପିଢ଼ିଙ୍କ ଭିତରେ ସଚେତନତା ସୃଷ୍ଟିକରି ସେମାନଙ୍କୁ ଏହି ଅଭ୍ୟାସରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ଯେଉଁ ନୋଟିଫିକେଶନ ହୋଇଛି, ସେଥିରେ ଉଲ୍ଲେଖ ରହିଛି ତମାଖୁ ବା ନିକୋଟିନ୍‌ଯୁକ୍ତ ଗୁଟ୍‌ଖା ବନ୍ଦ କରାଯିବ। ଯେଉଁ ପାନମସଲା ବା ଗୁଟ୍‌ଖା ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ନୁହେଁ, ସେଗୁଡ଼ିକ ବିକ୍ରି କରିହେବ।

# 'ସହରାଞ୍ଚଳ ପାର୍କର ବଦଳିବ ରୂପରେଖ'

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**

ଭୁବନେଶ୍ୱର, କଟକ ସମେତ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ (ୟୁଏଲ୍‌ବି) ଥିବା ପାର୍କଗୁଡ଼ିକର ରୂପରେଖ ବଦଳିବ। ଏଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ସାମଗ୍ରିକ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ କହିଲେ, ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଉପରଠାଉରିଆ ସଜବାଜ ନ କରି ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି। ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ। ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଯତ୍ନ ନେବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।



ହିମାଚଳ ପ୍ରଦେଶର କୁଲୁ ଜିଲାସ୍ଥିତ ବରଫାବୃତ୍ତ ସୋଲାଙ୍ଗ ଉପତ୍ୟକାରେ ପର୍ଯ୍ୟଟକମାନେ ଶୁକ୍ରବାର ସ୍କିଂ ଏବଂ ପାରାଗ୍ଲାଇଡିଂ ଭଳି ଶୀତକାଳୀନ ତଥା ଦୁଃସାହସିକ କ୍ରୀଡ଼ାର ଆନନ୍ଦ ନେଉଛନ୍ତି।

# ଏମ୍‌ସିଏଲ୍ କୋଇଲା ଖଣିରେ ସିବିଆଇ ଚଢ଼ାଉ

**ସୁନ୍ଦରଗଡ଼/ହେମଗିର,୩୦।୧(ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**

## ଅନେକ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗ



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଏମ୍‌ସିଏଲ୍ କୋଇଲା ଖଣିରେ ଶୁକ୍ରବାର ସିବିଆଇର ୩ ଟିମ୍ ଚଢ଼ାଉ କରିଛି। ଏମ୍‌ସିଏଲ୍ ଗର୍ଜନବାହାଲ, କୁଲଡା କୋଇଲା ଖଣି ଓ କନିକା ରେଲୱେ ସାଇଡିଂରେ ସିବିଆଇର ସ୍ୱତନ୍ତ୍ର ଦଳ ଚଢ଼ାଉ କରି ଖୋଳତାଡ କରୁଛି। ଏମ୍‌ସିଏଲ୍ କୋଇଲା ଖଣିରୁ ସାଇଡିଂକୁ ଯାଉଥିବା ବହୁ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗରେ ଏହି ଚଢ଼ାଉ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ମିଳିନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ସିଏଲ୍‌କୋଇଲା ଖଣିରୁ ସାଇଡିଂକୁ ଯାଉଥିବା କୋଇଲାର ଠିକ୍ ହିସାବ ନ ଥିବା ଅଭିଯୋଗ ହୋଇଛି। କୋଇଲା ଚୋରାଚାଲାଣ ଅଭିଯୋଗକୁ ନେଇ ଦିଲ୍ଲୀ ସିବିଆଇର ୩ଟି ଦଳ ଏକକାଳୀନ ଏହି ତନାଘନା ତଦନ୍ତ ଚଳାଇଛନ୍ତି। କନିକା ରେଲ୍‌ୱେ ସାଇଡିଂ ଇନଚାର୍ଜ ସାରଦା ପ୍ରସନ୍ନ ସେଠୀଙ୍କୁ ତାଙ୍କ କମ୍ପାନୀ ନିବାସରୁ ଓ ଗର୍ଜନବାହାଲ ଖଣି କର୍ମଚାରୀଙ୍କୁ ଉଠାଇ ନେଇ କନିକା ସାଇଡିଂରେ ଜେରା କରାଯାଉଥିବା ସୂଚନା ମିଳିଛି। କୋଇଲା କିଭଳି ସାଇଡିଂ ମାଧ୍ୟମରେ ପାର ହେଉଥିଲା, କିଏ ନେଉଥିଲା, କୋଇଲା କେଉଁଠିକୁ ଯାଉଥିଲା ତା'ର ତନାଘନା କରାଯାଉଛି। ଅପରପକ୍ଷରେ ଏମ୍‌ସିଏଲ୍‌ର କେତେଜଣ ଅସାଧୁ ଅଧିକାରୀ, କର୍ମଚାରୀ କୋଇଲା ଚୋରାଚାଲାଣକାରୀଙ୍କ ସହ ହାତ ମିଳାଇ ବହୁ କୋଟି ଟଙ୍କାର ହେରଫେର କରୁଥିବା ନେଇ ସିବିଆଇ ଅଭିଯୋଗ ପାଇଥିବା ସୂଚନା ମିଳିଛି। ଉକ୍ତ ୩ ଟିମ୍‌ରେ ସିବିଆଇର ମହିଳା ଅଧିକାରୀଙ୍କ ସମେତ ୧୩ଜଣ ଅଧିକାରୀ ସାମିଲ ହୋଇଥିବା ଜଣାପଡିଛି। ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଛି।

ଅପରପକ୍ଷରେ ହେମଗିର ତହସିଲର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଖଣି ଠାବ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଖଣି ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିଲେ। ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ ଏହି ଖଣି ଚୋରିରେ ସିବିଆଇ ତଦନ୍ତ ପାଇଁ ଦାବି କରି ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀସ୍ଥିତ ସିବିଆଇ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ସେହିପରି ପୂର୍ବତନ ବିଧାୟିକା କୁସୁମ ଟେଟେ, କଂଗ୍ରେସ ନେତୃବୃନ୍ଦ ମଧ୍ୟ ଏହାର ତଦନ୍ତ ଦାବି କରିଥିଲେ।

# ରତୁସ୍ରାବଜନିତ ସୁସ୍ଥତା ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

## ମାଗଣା ସାନିଟାରି ପ୍ୟାଡ୍, ସ୍କୁଲ୍‌ରେ ଅଲଗା ପାଇଖାନା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ରତୁସ୍ରାବକାଳୀନ ସ୍ୱାସ୍ଥ୍ୟ ଜୀବନ ଧାରଣ ମୌଳିକ ଅଧିକାରର ଅଂଶବିଶେଷ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଘୋଷଣା କରିଛନ୍ତି। ଏଥିସହିତ ଛାତ୍ରୀମାନଙ୍କୁ ମାଗଣାରେ ଓକ୍ସୋ-ବାୟୋଡିଗ୍ରେଡେବଲ୍ ସାନିଟାରି ନାପ୍‌କିନ୍ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ପାଇଖାନା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଲିଙ୍ଗଗତ ନ୍ୟାୟ ଏବଂ ଶୈକ୍ଷିକ ସମାନତାକୁ ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ଉପରୋକ୍ତ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ସରକାରୀ ହେଉ କି ଅନୁଦାନପ୍ରାପ୍ତ ଅଥବା ଘରୋଇ, ସବୁ ସ୍କୁଲ୍‌ରେ ଉପରୋକ୍ତ ସୁବିଧା ଉପଲବ୍ଧ ହେବା ଜରୁରୀ ବୋଲି ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର ଅନୁପାଳନ ନ ହେଲେ ଘରୋଇ ସ୍କୁଲଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ସାଙ୍ଗକୁ ସରକାରୀ ଶିକ୍ଷାନୁଷ୍ଠାନର ବିଫଳତା ପାଇଁ ରାଜ୍ୟ ସରକାରଗୁଡ଼ିକୁ ସିଧା ଉତ୍ତରଦାୟୀ କରାଯିବା ସହ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଜଷ୍ଟିସ୍ ପର୍ଦ୍ଦିୱାଲା ଚେତାବନୀ ଦେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, ରତୁସ୍ରାବ ସ୍ୱାସ୍ଥ୍ୟ ଅଧିକାର ଜୀବନଧାରଣ ଅଧିକାରର ଅଂଶବିଶେଷ। ସୁରକ୍ଷିତ, ପ୍ରଭାବୀ ଏବଂ ଶସ୍ତା ରତୁସ୍ରାବକାଳୀନ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥା ଛାତ୍ରୀମାନଙ୍କୁ ସର୍ବୋଚ୍ଚ ମାନର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ। ସୁସ୍ଥ ପ୍ରଜନନ ଜୀବନଯାପନ ଅଧିକାର ଶିକ୍ଷା ଏବଂ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଅଧିକାର ସହ ଜଡ଼ିତ ବୋଲି ଖଣ୍ଡପୀଠ କହିଛନ୍ତି। ରତୁସ୍ରାବ ସମୟରେ ବ୍ୟବହୃତ ହେଉଥିବା ଅବଶୋଷକ ଉପଲବ୍ଧତା ସମ୍ପର୍କରେ ଖଣ୍ଡପୀଠ ପ୍ରତ୍ୟେକ ସ୍କୁଲକୁ ମାଗଣାରେ ଉପଯୁକ୍ତ ସାନିଟାରି ନାପ୍‌କିନ୍ ଯୋଗାଇଦେବା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

## ମଧ୍ୟାହ୍ନଭୋଜନ ପ୍ରସ୍ତୁତିବେଳେ ଫାଟିଲା ପ୍ରେସର୍‌କୁକର: ୨ ପାଚିକା ଆହତ

**ଆଠଗଡ଼,୩୦।୧(ସତ୍ୟ ପ୍ରସାଦ ରଥ)**

କଟକ ଜିଲା ଆଠଗଡ ବ୍ଲକ ଅନ୍ତର୍ଗତ ଗୋବିନ୍ଦ-ମାଧବପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଘଟଣ ଘଟିଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବାବେଳେ ବ୍ୟବହୃତ ପ୍ରେସର୍‌କୁକର ଫାଟିଯିବାରୁ ୨ଜଣ ପାଚିକା ଆହତ ହୋଇଛନ୍ତି। ସେମାନେ ହେଲେ ତୁଳସୀ ବେହେରା ଓ ଚଞ୍ଚଳା ନାଏକ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସ୍ୱାଇଁ, ଶିକ୍ଷୟିତ୍ରୀ ରଞ୍ଜନା ବେହେରା ଓ ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ସାମାନ୍ୟ ଆହତ ହୋଇଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରେସର୍‌କୁକର ଫାଟି ଉପରକୁ ଉଠିଯିବାରୁ ବିଦ୍ୟାଳୟର ଆଜବେଷ୍ଟସ ଭାଙ୍ଗିଯାଇଛି। ପ୍ରଚଣ୍ଡ ଶବ୍ଦ ଯୋଗୁ ଗ୍ରାମବାସୀ ଓ ବିଦ୍ୟାର୍ଥୀମାନେ ଭୟଭୀତ ହୋଇ ପଡ଼ିଥିଲେ। ଖବରପାଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ ଡାକ୍ତରଖାନାରେ ପହଞ୍ଚି ଉଭୟ ଆହତ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ସୀମାନ୍ତରେ ଗୁଳି ବିନିମୟରେ ୨ ମାଓବାଦୀ ନିହତ

**ମାଲକାନଗିରି,୩୦।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ୨ ମୃତ ମାଓବାଦୀ ହେଲେ ଏସିଏମ୍ ପ୍ରଦୀପ ଓ ଭୀମା। ବିଜାପୁର ଜିଲା କାଭରଗଟ୍ଟା ଜଙ୍ଗଲରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ଉପସ୍ଥିତି ନେଇ ଡିଆରଜି ଓ ସିଆର୍‌ପିଏଫ୍ ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ପୋଲିସ ପାଲଟା ଗୁଳି ଚାଳଣା କରିଥିଲା। ଏହା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରି ୨ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ପ୍ରଦୀପଙ୍କ ଉପରେ ୫ ଲକ୍ଷ ଟଙ୍କା ଓ ଭୀମାଙ୍କ ଉପରେ ୨ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଏହି ୨ ମାଓବାଦୀ କାଭରଗଟ୍ଟା ପଞ୍ଚାୟତ ସରପଞ୍ଚ ଭୀମା ମାଡକାମୀଙ୍କ ହତ୍ୟା ଘଟଣାରେ ସାମିଲ ଥିବା ସୂଚନା ମିଳିଛି। ଜଙ୍ଗଲରୁ ଏକେ-୪୭, ଅଫୁଟା ଗୁଳି, ପିସ୍ତଲ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ସୂଚନା ମିଳିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଦ୍ୟାଳୟରେ ଅସୁସ୍ଥ ହେଲେ ୬ ଛାତ୍ରୀଛାତ୍ର

**ପାଟଣା,୩୦।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଗୋରାସ ବୁଢ଼ିପାଟ ଉଚ୍ଚ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିଲେ ସମସ୍ତ ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀର ହୋଇଥିବା ବେଳେ ପ୍ରଥମେ ୨ ଜଣ ପରେ ୪ ଜଣ ଅସୁସ୍ଥ ହୋଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ବିଦ୍ୟାଳୟରେ ପ୍ରାର୍ଥନା ପରେ ପ୍ରଥମେ ୨ ଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ଏହାର କିଛି ଘଣ୍ଟା ପରେ ୪ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଛାତ୍ରୀଛାତ୍ର ଜୋରରେ ଚିତ୍କାର କରିବା ସହ ବେହୋସ ହୋଇ ପଡ଼ିଥିଲେ।



କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଅଭିଭାବକଙ୍କ ସହ ଚିକିତ୍ସାଧୀନ ଛାତ୍ରୀ।

ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିବା ସହ ପାଟି କରି କାନ୍ଦିଥିଲେ। ସମସ୍ତଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ମେଡିକାଲ ନ ନେଇ ଝଡ଼ାଫୁଙ୍କା କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ୱାଭାବିକ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପଚାରିବା ତଥା ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ପ୍ରଧାନଶିକ୍ଷକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ସହଦେବ ମହାନ୍ତ କହିଛନ୍ତି, ଖବରଦାତାଙ୍କ ଅଭିଯୋଗର ସତ୍ୟତା ନାହିଁ, ଗାଁ ଲୋକ ଉପସ୍ଥିତ ଥିଲେ। ଦୁର୍ବ୍ୟବହାର କରି ନ ଥିବା ସେ କହିଥିଲେ।

# କଇଠାରେ ଝାଡ଼ାବାନ୍ତି, ୧୫ ଆକ୍ରାନ୍ତ

**ପାତ୍ରପୁର,୩୦।୧(ଉମା ଚରଣ ନେପାକ)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଗୁଣ୍ଠୁରା ପଞ୍ଚାୟତ କଇଠା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୧୫ଜଣରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ପୋଖରୀ ଓ ସେଠାରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଆସୁଥିବା ପାଣି ବ୍ୟବହାରକରି ଲୋକେ ପ୍ରଥମେ ଝାଡ଼ାବାନ୍ତି ଏବଂ ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ କହଛନ୍ତି। ଗ୍ରାମର ସୁରେଖା ଦାସ, ବୁଚି ଦାସ, ଭୁକୁଲି ଦାସ, ସୁରେନ୍ଦ୍ର ସାହୁ, କୁଲୁ ଦାସ, ଯମୁନା ଦାସ, ମୁରଲୀ ସାହୁ, ସୀତାରାମ ଦାସ, ଗୁରୁବାରୀ ଦାସ, ପ୍ରମିଳା ବେହେରା, ଅନସୂୟା ଦାସ, ରଶ୍ମିତା ଦାସ, ଗୀତା ଦାସ, ଗୋପାଳ ଦାସ ପ୍ରମୁଖଙ୍କ ସହ ଦାମିନୀ ବେହେରା, ସିଦ୍ଧି ଦାସ, ମାମାଲି ବେହେରା, ଅନନ୍ୟା ବେହେରା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନେ ଜରଡ଼ା ଓ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିବା ପରେ ଜ୍ୱରରେ ପୀଡ଼ିତ ଥିବା ସୂଚନା ମିଳିଛି। ସେଥିମଧ୍ୟରେ କେତେଜଣ ଶିଶୁ ମଧ୍ୟ ଅଛନ୍ତି। ଗ୍ରାମର ବୟସ୍କମାନେ ଝାଡ଼ାବାନ୍ତି ଆକ୍ରାନ୍ତ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ନ ଆସିଲେ ସ୍ଥିତି ଅଣାୟତ୍ତ ହୋଇପଡିବ ବୋଲି ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତ ଚିକିତ୍ସା ସହ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି ହେଉଛି।

# ଅଭୟାରଣ୍ୟ ପାଦଦେଶରୁ ୩ ଶିକାରୀ ଗିରଫ

## ଧରାପଡ଼ିଲେ ବଜ୍ରକାପ୍ତା ବେପାରୀ

**ନୀଳଗିରି, ୩୦।୧ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି କୁଲଡିହା ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨ ଜଣ ବଜ୍ରକାପ୍ତା କାତି ବେପାରୀଙ୍କୁ ଗତ ୨୨ ତାରିଖରେ ଗୋହିରା ଛକ ନିକଟରେ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମାତ୍ର ୪ଟି କାତି ସହିତ ୩ଟି ଛୁରୀ ସହ ମୋବାଇଲ ଜବତ କରାଯାଇଥିବା କୁଲଡିହା ରେଞ୍ଜର ସୁବ୍ରତ ବେହେରାଙ୍କ ସୂଚନା ଦେଇଛନ୍ତି। ଏନେଇ କୁଲଡିହା ବନବିଭାଗ ପକ୍ଷରୁ ମାମଲା(ନଂ. ୧୭କେ ୨୦୨୫/୨୬) ରୁଜୁ କରାଯାଇଛି।




ଗିରଫ ଶିକାରୀ ଓ ଜବତ ସାମଗ୍ରୀ।

# ଉଷା ପାଢ଼ୀଙ୍କ ସମେତ ୪ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନା

## ହାଇକୋର୍ଟରେ ଅଦାଲତ ଅବମାନନା ମାମଲା

**କଟକ,୩୦।୧(କାର୍ତ୍ତିକ ସାହୁ)**

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ୪ଜଣ ଅଧିକାରୀଙ୍କ ବିରୋଧରେ ଆଗତ ଅଦାଲତ ଅବମାନନା ମାମଲାରେ ସଭିଏ ଶୁକ୍ରବାର ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଅନ୍ୟମାନେ ହେଲେ ଓଡ଼ିଶା ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ ପ୍ଲାନିଂ ସ୍ୱତନ୍ତ୍ର ସଚିବ ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ କର୍ତ୍ତୃପକ୍ଷ ତଥା କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ଆବେଦନକାରିଣୀଙ୍କୁ ୨୦୧୪ ମସିହାରୁ ନୂତନ ବେତନ ହାରରେ ଦରମା ଦେବା ସହ ଚାକିରି ସମ୍ବନ୍ଧୀୟ ସମସ୍ତ ସୁବିଧା ପ୍ରଦାନ ପାଇଁ ଆଦେଶ ଜାରି କରାଯାଇଛି ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ବିଚାରପତି ଏମ. ଏସ. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଅଦାଲତ ଅବମାନନା ମାମଲାରୁ ସମସ୍ତଙ୍କୁ ମୁକ୍ତ କରିଛନ୍ତି।

ସୂଚନାନୁସାରେ, ପିଲୋନା ମହାନ୍ତି ନାମକ ମହିଳା ୧୯୯୩ ଏପ୍ରିଲ ୨ରେ ଡି.ଏଲ.ଆର୍ ଭାବେ ଆଠଗଡ଼ ସ୍ପେଶାଲ ପ୍ଲାନିଂ ଅଥରିଟି ଅଫିସରେ ଯୋଗଦେଇଥିଲେ। କେତେଜଣ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସେମାନଙ୍କ ଏକ ତାଲିକା ଗୃହ ଓ ନଗର ଉନ୍ନୟନ ସଚିବଙ୍କ ନିକଟକୁ ପଠାଯାଇଥିଲା। ମାତ୍ର ଆବେଦନକାରିଣୀ ସେଥିରୁ ବାଦ୍ ପଡ଼ିଥିଲେ। ମାତ୍ର ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା। କାରଣ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଆବେଦନକାରିଣୀଙ୍କୁ ୧୯୯୩ ଜୁଲାଇ ୧୫ରୁ ୧୯୯୪ ଏପ୍ରିଲ ୨୯ ପର୍ଯ୍ୟନ୍ତ ଚାକିରିରୁ ଅନ୍ତର କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ତାଙ୍କୁ ପୁନଃନିଯୁକ୍ତି କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଆଦେଶ ଜାରି କରାଯାଇଥିଲା। ମାତ୍ର ଏହାକୁ ସରକାରଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲା ଶୁଣାଣି କରି ଆବେଦନକାରିଣୀଙ୍କ ଲିଖିତ ଆବେଦନପତ୍ରର ବିଚାର ୩ ମାସ ମଧ୍ୟରେ କରିବାକୁ ଗୃହ ଓ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସଚିବ ଆବେଦନକାରିଣୀଙ୍କ ଆବେଦନପତ୍ରକୁ ରଦ୍ଦ କରିଦେଇଥିଲେ। ଫଳରେ ଆବେଦନକାରିଣୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ପୀଠ ଆବେଦନର ଶୁଣାଣି କରି ଆବେଦନକାରିଣୀଙ୍କୁ ଏକ ମାସ ମଧ୍ୟରେ ନିୟମିତ କରି ଚାକିରି ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ଆଦେଶକୁ ଚାଲେଞ୍ଜ କରି ଏକ ରିଟ୍ ଅପିଲ ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ରିଟ୍ ଅପିଲକୁ ଖାରଜ କରି ୮ ସପ୍ତାହ ମଧ୍ୟରେ ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ପୀଠ ଦେଇଥିବା ରାଏକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ଆବେଦନକାରିଣୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ଶ୍ରମିକ ମୃତ୍ୟୁ ଘଟଣା: ସ୍ୱାମୀଙ୍କ ବିୟୋଗ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଚୌଦ୍ୱାର,୩୦।୧(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତ ଚାଙ୍ଗୁଡ଼ିଆ ଗ୍ରାମର ରାକେଶ ମୁଦୁଲି ନାମକ ଶ୍ରମିକଙ୍କ ଗତ ବୁଧବାର ସ୍ଥାନୀୟ ଇମ୍ଫା କାରଖାନା ଭିତରେ ଉପର ଅଂଶରେ ୱେଲଡିଂ କାର୍ଯ୍ୟ କରୁଥିବାବେଳେ ହଠାତ୍ ତଳକୁ ଖସିପଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ୱାମୀଙ୍କୁ ହରାଇ ରାକେଶଙ୍କ ସ୍ତ୍ରୀ ବନୀତା ପାଗଳପ୍ରାୟ ହୋଇଛନ୍ତି। ଗତ ୩ ଦିନ ହେଲା ବନୀତା ଖାଇବା ପିଇବା ଛାଡ଼ିଦେଇଥିବାବେଳେ ଶୁକ୍ରବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ। ସେ ଘର କବାଟ ବନ୍ଦ କରିଦେଇଥିବାରୁ ପାଖ ଘରେ ପରିବା କାଟୁଥିବା ତାଙ୍କ ନଣନ୍ଦ ତୁରନ୍ତ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇଯିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ସୂଚନାଯୋଗ୍ୟ, ଗତ ୬ ମାସ ତଳେ ବିବାହ କରି ନୂଆ ଘରସଂସାର ଆରମ୍ଭ କରିଥିବା ବନୀତା ଏବେ ଅନ୍ତସତ୍ତ୍ୱା ଥିବା ଜଣାପଡ଼ିଛି। ସ୍ୱାମୀଙ୍କୁ ହରାଇ ଦୁଃଖ ସହି ନ ପାରିବା ଓ ଅସହାୟ ହୋଇଯିବା ଫଳରେ ସେ ଏଭଳି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

## ହାତୀ ଭୟରେ ସନ୍ଧ୍ୟାରୁ ପଡୁଛି ତାଟି କବାଟ

**ଦିଗପହଣ୍ଡି,୩୦।୧(ଅଶେଷ ନାଥ ମିଶ୍ର)**

ଗଞ୍ଜାମ-ଗଜପତି ସୀମାନ୍ତରେ ଗତ ପ୍ରାୟ ୪ ଦିନ ହେଲା ଏକ ଗୋଠଛଡା ହାତୀ ବୁଲୁଛି। ହାତୀଟିଖାଦ୍ୟ ଅନ୍ୱେଷଣରେ ସନ୍ଧ୍ୟା ହେଲେ ଜନବସତି ଆଡ଼କୁ ଆସୁଛି। ହାତୀ ଭୟ ଯୋଗୁ ଲୋକେ ଯିଏ ଯେଉଁଆଡେ କାର୍ଯ୍ୟରେ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସୁଛନ୍ତି। ସନ୍ଧ୍ୟା ହେଲେ ହାତୀ ଭୟରେ ସିନ୍ଧବା, ଚଷାନିମଖଣ୍ଡି, ଶ୍ୟାମସୁନ୍ଦରପୁର, ସୁଗୁଗା, ବିଦ୍ୟାଧରପୁର, ଗଡ ସାମନ୍ତରାପୁର, ଖମାରି ଗାଁ, କୁମୁଟି ପଙ୍କାଳ, ପୋଡ଼ାମାରି, ଡୋଳବ ଆଦି ଗ୍ରାମରେ ତାଟି କବାଟ ପଡିଯାଉଛି। ରାତିରେ ରାସ୍ତାରେ ଚଳପ୍ରଚଳକୁ ଲୋକେ ନିରାପଦ ମନେକରୁନାହାନ୍ତି।


# Classified Everyday
**0674-2580101, 9692975378**



**REAL ESTATE**
**SALE**

ପୁରୀ ଅଠରନଳା ଛକଠାରୁ ୧୦୦ମିଟର ମଧ୍ୟରେ ୫ଟି ସ୍ଥିତିବାନ ବାସଘରଯୋଗ୍ୟ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 8917271741/ 6371040227 ଉକ୍ତ ପ୍ଲଟ୍‌କୁ ଲାଗି ୧୨ଟି ଆପାର୍ଟମେଣ୍ଟ ତିଆରି କରାଯାଇ ବିକ୍ରି ହେବ। Studio apartment approximate 380sqft- 14ଲକ୍ଷ, 1BHK approximate 550sqft. 19ଲକ୍ଷ। ଯୋଗାଯୋଗ- 9040622080. D-76954

Odisha's First Resort Property (GMA & PCP) @10,00,000. Contact- 9938517146. D-3247

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

2482Sqft. individual ଘରବାରି ପଟ୍ଟା yellowzone NH to 100mtr CV Raman College ଛକରେ ବିକ୍ରି ହେବ। 9776866520. D-3248

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**AFFIDAVIT**

I, Ritwik Nayak, S/o.- Lt Mr. Shubhendu Kumar Nayak & Lt Mrs. Prasannera Nayak, have changed my name from Ritwik Kashyap to Ritwik Nayak for all future purposes. D-3242

I, Hitherto known as Lukunath Khila, S/o. Rabi Khila, R/o. At- Lamataput, Deulapada, Koraput, Lamtaput, Odisha-764081 have changed my name and shall hereafter be known as Lokanath Khila for all future purposes. D-3243

By virtue of an affidavit sworn before the Notary Public, Sonepur, Dtd.- 21.01.26, I, Jyotirmayee Tripathy, D/o.- Dhirendra Tripathy, R/o. P.O.- Jaloe, P.S.- Birmaharajpur, Dist.- Subarnapur declare that I have changed my name and DOB from JYOTIRMAYEE TRIPATHI, DOB- 14.06.2001 to JYOTIRMAYEE TRIPATHY, DOB- 10.01.2001. Henceforth, I shall be known as JYOTIRMAYEE TRIPATHY, DOB- 10.01.2001 for all purposes.
JYOTIRMAYEE TRIPATHY D-3244

By virtue of an affidavit dtd. 01.08.2025 sworn before Executive Magistrate, Bhadrak, I, Mina Rani Laha, D/o- Laxmidhar Laha, Vill: Santhia, Nilakanthapur, P.S.- Purunabazar, P.O./ Dist.- Bhadrak, Odisha, PIN- 756101 declare that I have changed my name from Ayusha Laha to Mina Rani Laha. Henceforth, I shall be known as Mina Rani Laha for all future purposes. D-3251

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.- 131, Date- 30.01.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪,
ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର ୧୦୯୨/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅମଲ କୁମାର ମିତ୍ର ..........ବାଦୀ

ବନାମ

ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟମାନେ ........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.- ୧. ରମେଶ ଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ଅଗାନି ମହାନ୍ତି, ୪. ଦୁଃଖିଶ୍ୟାମ ମହାନ୍ତି, ପିତା- ସ୍ୱର୍ଗତ ନେତ୍ରାନନ୍ଦ ମହାନ୍ତି, ୬. ପ୍ରଫୁଲ୍ଲ ମହାନ୍ତି, ପିତା- ସ୍ୱର୍ଗତ କାହ୍ନୁ ଚରଣ ମହାନ୍ତି, ୭. ରାମଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ନରହରି ମହାନ୍ତି, ୮. ଲକ୍ଷ୍ମଣ ମହାନ୍ତି, ପିତା- ସ୍ୱର୍ଗତ ସଦାଶିବ ମହାନ୍ତି, ୯. ଭ୍ରମରବର ମହାନ୍ତି, ୧୦. ପଦ୍ମ ଚରଣ ମହାନ୍ତି, ୧୧. ଅଗାଧୁ ମହାନ୍ତି, ୧୨. ରାଧାଶ୍ୟାମ ମହାନ୍ତି, ୧୩. କେଲୁଚରଣ ମହାନ୍ତି, ୧୪. ବଂଶୀଧର ମହାନ୍ତି, ପ୍ରତିବାଦୀ ନଂ ୯ ରୁ ୧୪ ଙ୍କ ପିତା- ସ୍ୱର୍ଗତ ହୃଷୀକେଶ ମହାନ୍ତି, ୧୫. ରତ୍ନାକର ମହାନ୍ତି, ପିତା- ନାରାୟଣ ମହାନ୍ତି, ୧୬. ପ୍ରତାପ ଚନ୍ଦ୍ର ମହାନ୍ତି, ପିତା- ଗୋଲେଖ ଚନ୍ଦ୍ର ମହାନ୍ତି, ୧୭. ବର୍ଣ୍ଣମାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୧୮. ଝରଣାବାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୨୧. ଧୀରୁପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ୨୨. ଉରପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ପ୍ରତିବାଦୀମାନଙ୍କ ଗ୍ରାମ- ଗୋଠପାଟଣା, ପୋଷ୍ଟ- ମାଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା,ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା. ୦୯।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ଗୋଠପାଟଣା ସାବକ: ଖାତା ନମ୍ବର- ୮୪, ପ୍ଲଟ୍ ନମ୍ବର- ୪୦୫, କିସମ- ପତିତ, ରକବା- ଏ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୯୩, ପ୍ଲଟ୍ ନମ୍ବର- ୧୮୯୭, କିସମ- ବାଗାୟତ- ୨, ରକବା- ଏ ୦.୧୨୧ ଡେସିମିଲ ରୁ ଏ ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧୀକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୩୨୪୯


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବଂଶୀଧର ମିଶ୍ର**
ଗୋପୀନାଥପୁର ଶାସନ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୧।୧୯୩୯
ତିରୋଧାନ: ୨୦।୦୧।୨୦୨୬
ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଗୁରୁଦେବଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୨୫୦

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ Bhubaneswar, Saturday, January 31/ 2026

# ଜୋକୋଭିଚ୍-ଅଲ୍‌କାରାଜ ଫାଇନାଲ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୩୦ା୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଓ ବିଶ୍ୱର ନମ୍ବର ୱାନ ସ୍ପେନର କାର୍ଲୋସ ଅଲ୍‌କାରାଜଙ୍କ ମଧ୍ୟରେ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଜୋକୋଭିଚ୍ ଗତଥରର ଚାମ୍ପିୟନ ଜାନିକ୍ ସିନରଙ୍କୁ ୩-୬, ୬-୩, ୪-୬, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଜୋକୋଭିଚ୍ ଏଠାରେ ତାଙ୍କର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି। ୨୨ବର୍ଷୀୟ ଅଲ୍‌କାରାଜ ପୂର୍ବରୁ ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ବିଶ୍ୱର ୩ ନମ୍ବର ତଥା ୨୦୨୫ ରନରଅପ୍ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୬-୪, ୭-୬ (୫), ୬-୭ (୩), ୬-୭ (୪), ୭-୫ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୫ଘଣ୍ଟା ୨୭ମିନିଟ ଧରି ଚାଲିଥିଲା। ୨୦୨୬ ଟୁର୍ନାମେଣ୍ଟରେ ସେଣ୍ଟର କୋର୍ଟରେ ଏହା ଥିଲା ପ୍ରଥମ ୫ ସେଟ୍ ବିଶିଷ୍ଟ ମ୍ୟାଚ। ଏଥିରେ ଦର୍ଶକଙ୍କ ମହଲରୁ ଅଲ୍‌କାରାଜଙ୍କୁ ସମର୍ଥନ ମିଳିଥିଲା। ସ୍ପାନିଶ ଖେଳାଳିଙ୍କୁ ଏହା ସହାୟକ ହୋଇଥିଲା। ଏହି ୨୨ବର୍ଷୀୟ ସର୍ବକନିଷ୍ଠ ଖେଳାଳି ଭାବେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟ ରଖିଛନ୍ତି।



ସେମିଫାଇନାଲ ଜିତିବାପରେ ଉଲ୍ଲସିତ କାର୍ଲୋସ ଅଲ୍‌କାରାଜ।

## ଓଲିଭିଆ-ଜନ୍‌ଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

ଫ୍ରେଞ୍ଚ ଯୋଡ଼ି କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ମାନୁଏଲ ଗୁଇନାର୍ଡଙ୍କୁ ୪-୬, ୬-୩, ୧୦-୮ ସେଟ୍‌ରେ ହରାଇ ଓଲିଭିଆ ଗାଡେକି ଓ ଜନ୍ ପିଅର୍ସ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ୧୯୮୯ ପରେ ଏଠାରେ କ୍ରମାଗତ ଦୁଇଥର ମିକ୍ସଡ ଡବଲ୍ସ ଚାମ୍ପିୟନ ହେବାରେ ସେମାନେ ହେଉଛନ୍ତି ପ୍ରଥମ ଯୋଡ଼ି। ସୂଚନାଯୋଗ୍ୟ, ମ୍ଲାଡେନୋଭିଚ୍ ତାଙ୍କର ୪ର୍ଥ ଗ୍ରାଣ୍ଡସ୍ଲାମ ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ଥିଲେ। ସେ ନେଷ୍ଟରଙ୍କୁ ତାଙ୍କ ପାର୍ଟନର କରି ୨୦୧୩ରେ ୱିମ୍ବେଲଡନ ଏବଂ ୨୦୧୪ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ୨୦୨୨ରେ ସେ ଇଭାନ ଡୋଗିଗ୍‌ଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ଏହାଛଡ଼ା ସେ ୬ ମହିଳା ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି।



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ନୋଭାକ୍ ଜୋକୋଭିଚ୍।

# ସାମସନଙ୍କ ଫର୍ମ, ଅକ୍ଷରଙ୍କ ଫିଟ୍‌ନେସ ଉପରେ ନଜର

**ଭାରତ-ନ୍ୟୁଜିଲାଣ୍ଡ ୫ମ ଟି୨୦ ଆଜି**

ଥିରୁଭାନନ୍ତପୁରମ୍, ୩୦ା୧ (ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ ଟି୨୦ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଟି୨୦ ବିଶ୍ୱକପ ପୂର୍ବରୁ ସିରିଜର ଅନ୍ତିମ ମ୍ୟାଚ ହୋଇଥିବାରୁ ଏହାର ଗୁରୁତ୍ୱ ବଢ଼ିଛି। ସଞ୍ଜୁ ସାମସନଙ୍କ ଫର୍ମ ଏବଂ ଅକ୍ଷର ପଟେଲଙ୍କ ଫିଟ୍‌ନେସ ଉପରେ ବିଶେଷ କରି ନଜର ରହିବ। ପ୍ରଥମ ୩ଟି ମ୍ୟାଚ ଜିତି ଭାରତ ସିରିଜ ଜିତିସାରିଥିବାରୁ ୪ର୍ଥ ମ୍ୟାଚରେ ପରୀକ୍ଷା ନିରୀକ୍ଷା କରି ୫ ଫ୍ରଣ୍ଟଲାଇନ୍ ବୋଲରଙ୍କୁ ନେଇ ଖେଳିଥିଲା। ଏହା ଯଦିଓ ଭଲ ଫଳ ଦେଇପାରି ନ ଥିଲା ତେବେ ଆଗାମୀ ମ୍ୟାଚରେ ମଧ୍ୟ ପରୀକ୍ଷା ଜାରି ରହିବା ସମ୍ଭାବନା ରହିଛି। ଗତ ୨ଟି ମ୍ୟାଚରେ ବିଶ୍ରାମ ନେଇଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଆଗାମୀ ମ୍ୟାଚରେ ସୁଯୋଗ ମିଳିପାରେ। ବ୍ୟାଟିଂ ବିଭାଗରେ ବିଶେଷ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ସଞ୍ଜୁ ସାମସନଙ୍କ ଉପରେ ମ୍ୟାନେଜମେଣ୍ଟ ନଜର ରଖିବ। ତାଙ୍କ ବ୍ୟାଟିଂ ଟେକ୍ନିକରେ ତ୍ରୁଟି ଚିନ୍ତାର କାରଣ ପାଲଟିଛି। ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଭରପୂର ଦର୍ଶକଙ୍କ ସମ୍ମୁଖରେ ସାମସନ ନିଜ ରିଦିମ ଫେରିପାଇବା ଆଶା କରାଯାଉଛି। ସାମସନଙ୍କ ପାଇଁ ଇଶାନ କିଶନ ବ୍ୟାକ୍‌ଅପ୍ ବିକଳ୍ପ ରହିଛନ୍ତି। ମାତ୍ର ଆହତ ସମସ୍ୟା ଯୋଗୁ ପୂର୍ବ ମ୍ୟାଚରେ ସେ ପଡ଼ିଆ ବାହାରେ ରହିଥିଲେ। ସେହିପରି ନାଗପୁରରେ ଅନୁଷ୍ଠିତ ପ୍ରଥମ ଟି୨୦ ପରଠାରୁ ଅକ୍ଷର ଆଉ ଖେଳି ନାହାନ୍ତି। ତେବେ ସେ ନେଟ୍ସରେ ବୋଲିଂ କରିଥିବାରୁ ଉପଲବ୍ଧ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଆଗାମୀ ଟି୨୦ ବିଶ୍ୱକପରେ ଭାରତ ଫେବୃଆରୀ ୭ରେ ଏହାର ପ୍ରଥମ ମ୍ୟାଚ ଖେଳିବ। ତେଣୁ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ମ୍ୟାଚକୁ ଜିତି ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହିଁବ ନିଶ୍ଚିତ। ନ୍ୟୁଜିଲାଣ୍ଡ ମଧ୍ୟ ବିଜୟ ସହ ସିରିଜ ଫିନିଶ୍ କରିବାକୁ ଉଦ୍ୟମ କରିବ। ପ୍ରଥମ ୩ ମ୍ୟାଚରେ ପ୍ରଭାବହୀନ ରହିବାପରେ ଏହି ବ୍ଲାକ୍‌କ୍ୟାପ ଦଳ ୪ର୍ଥ ମ୍ୟାଚରେ ଭାରତକୁ ହରାଇବାର ବାଟ ଖୋଜି ପାଇଥିଲା। ଆଗାମୀ ମ୍ୟାଚରେ ଯଦି ଏହି ଦଳ ବିଜୟୀ ହୁଏ ତେବେ ମାନସିକ ସ୍ତରରେ ଦୃଢ଼ ହେବ ନିଶ୍ଚିତ। ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ ପିଚ୍ ହାଇସ୍କୋରିଂ ଭାବେ ପରିଚିତ। ଏଠାରେ ଭାରତ ଖେଳିଥିବା ୪ଟି ଟି୨୦ ମ୍ୟାଚରୁ ୩ଟିରେ ବିଜୟୀ ହୋଇଛି। ଏହା ମଧ୍ୟରେ ୨୦୧୭ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ବିଜୟ ସାମିଲ।

**ହକି ପ୍ରୋଲିଗ୍**

## ରାଉରକେଲା ଚରଣ ଲାଗି ଫ୍ରି ଟିକେଟ

ଭୁବନେଶ୍ୱର, ୩୦ା୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ) ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଟିକେଟ ଫ୍ରି କରାଯିବ ବୋଲି ଶୁକ୍ରବାର ହକିଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ଦର୍ଶକମାନେ ଅନ୍‌ଲାଇନ୍‌ରେ ମାଗଣାରେ ଟିକେଟ ବୁକ୍ କରି ମ୍ୟାଚ୍ ଉପଭୋଗ କରିପାରିବେ। ଅନ୍‌ଲାଇନ୍‌ରେ ଟିକେଟ ୩୦ ତାରିଖରୁ ଉପଲବ୍ଧ ହେବ। ଭାରତ, ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ଦଳ ରାଉରକେଲା ଚରଣରେ ଭାଗନେବେ। ହକିପ୍ରେମୀମାନେ www.ticketg-enie.in ମାଧ୍ୟମରେ ଭର୍ଚୁଆଲ ଟିକେଟ ବୁକ୍‌କରି ଷ୍ଟାଡିୟମରେ ଏଣ୍ଟ୍ରି କରିପାରିବେ। ବିଶ୍ୱର ବୃହତ୍ ହକି ଭେନ୍ୟୁଭାବେ ପରିଚିତ ହେଉଥିବା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ମ୍ୟାଚ ସମୟରେ ଦର୍ଶକରେ ଭରା ରହିବ ବୋଲି ଆଶା କରାଯାଉଛି। ‘‘ରାଉରକେଲା ସର୍ବଦା ହକିପ୍ରତି ଆବେଗ ଦେଖାଇ ଆସିଛି। ଯୁବ ଖେଳାଳିମାନେ ଏବଂ ସେମାନଙ୍କ ପରିବାରବର୍ଗ ଷ୍ଟାଡିୟମ ଆସି ଅନ୍ତର୍ଜାତୀୟ ସ୍ତରର ମୁକାବିଲା ଦେଖିବାର ସୁଯୋଗ ପାଆନ୍ତୁ’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

# ଓଡ଼ିଶା ୨୮୨, ଝାଡ଼ଖଣ୍ଡ ୨୪୪/୬

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୩୦ା୧ (ତପନ ସ୍ୱାଇଁ)

ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୨ ରନକରି ଅଲ୍‌ଆଉଟ ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ହେବା ବେଳକୁ ଝାଡ଼ଖଣ୍ଡ ୬ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଛି। ୪ ଉଇକେଟ ଥାଇ ଝାଡ଼ଖଣ୍ଡ ଆଉ ୩୮ ରନ ପଛରେ ରହିଛି। ଓପନର ଶିଖର ମୋହନ ୮୦ ରନ କରିଥିବାବେଳେ ମିଡିଲ ଅର୍ଡରରେ କୁମାର କୁଶାଗ୍ର ୪୭ ଓ ଅଧିନାୟକ ବିରାଟ ସିଂ ୩୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ରବିନ ମିଞ୍ଜ ୩୭ ଓ ଆଦିତ୍ୟ ସିଂ ୬ ରନକରି ଅପରାଜିତ ରହିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିଜର ଡେବ୍ୟୁ ମ୍ୟାଚରେ ସୟଦ ତୁଫେଲ ଅହମଦ ୩ଟି, ରାଜେଶ ମହାନ୍ତି ୨ଟି ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ।



ସୟଦ ତୁଫେଲ ଅହମଦ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୪୦ ରନକରି ଅବଶିଷ୍ଟ ୪ଟି ଉଇକେଟ ହରାଇଥିଲା। ବିପ୍ଲବ ସାମନ୍ତରାୟ (୩୮) ପୂର୍ବଦିନର ସ୍କୋରରେ ଆଉଟ ହୋଇଯାଇଥିବା ବେଳେ ସାୱନ ପହାରିଆ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜେଶ ମହାନ୍ତି ୨୫ ରନର ଉପଯୋଗୀ ଯୋଗଦାନ ଦେଇଥିଲେ। ଝାଡ଼ଖଣ୍ଡ ପକ୍ଷରୁ ସୌରଭ ଶେଖର ଓ ଆଦିତ୍ୟ ସିଂ ୩ଟି ଲେଖାଏ ଏବଂ ସାହିଲ ରାଜ ଓ ଅନୁକୂଳ ରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୨/ଅଲଆଉଟ (ସ୍ୱସ୍ତିକ ସାମଲ-୭୯, ଗୋବିନ୍ଦ ପୋଦ୍ଦାର-୬୪, ବିପ୍ଲବ ସାମନ୍ତରାୟ-୩୮, ସୌରଭ ଶେଖର-୩/୪୩, ଆଦିତ୍ୟ ସିଂ-୩/୩୫, ଅନୁକୂଳ ରାୟ-୧/୭୯, ସାହିଲ ରାଜ-୨/୩୯)। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୪୪/୬ (ଶିଖର ମୋହନ-୮୦, କୁମାର କୁଶାଗ୍ର-୪୭, ରବିନ ମିଞ୍ଜ-୩୭*, ସୟଦ ତୁଫେଲ ଅହମଦ-୩/୭୩, ରାଜେଶ ମହାନ୍ତି-୨/୩୭, ଗୋବିନ୍ଦ ପୋଦ୍ଦାର-୧/୪୭)।

## ଶୃଙ୍ଖଳାଗତ କାରଣରୁ ବାଦ୍ ପଡ଼ିଛନ୍ତି ମନପ୍ରୀତ୍

ନୂଆଦିଲ୍ଲୀ, ୩୦ା୧ (ପି.ଟି.)

ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଫେବୃଆରୀ ୧ରୁ ୭ ପର୍ଯ୍ୟନ୍ତ ଏକ ତାଲିମ ଶିବିରର ଆୟୋଜନ କରାଯାଇଛି। ଏଥିଲାଗି ଘୋଷଣା କରାଯାଇଥିବା ୩୩ ଜଣିଆ ଭାରତୀୟ ପୁରୁଷ ହକି ଦଳରୁ ଭେଟେରାନ ମିଡ୍ ଫିଲ୍ଡର ମନପ୍ରୀତ ସିଂଙ୍କ ସମେତ ଅନ୍ୟ ଦୁଇ ଦିଲପ୍ରୀତ ସିଂ ଓ ଗୋଲକିପର କ୍ରିଶନ ବାହାଦୁର ପାଠକ ବାଦ୍ ପଡ଼ିବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ତାହାର ପ୍ରକୃତ କାରଣ ଏବେ ଜଣାପଡ଼ିଛି। ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ବିଶୃଙ୍ଖଳାଗତ ସମସ୍ୟା କାରଣରୁ ଏହି ଖେଳାଳିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି। ଭାରତ ଡିସେମ୍ବର ୨ରୁ ୧୬ ମଧ୍ୟରେ ଏକ ଟେଷ୍ଟ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯାଇଥିଲା। ଦଳ ଦୁଇଟି ମ୍ୟାଚରେ ପରାଜିତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ଡ୍ର’ ରଖିବାରେ ସମର୍ଥ ହୋଇଥିଲା। ଏହି ଟୁର୍ ବେଳେ ଦଳର ଜଣେ ଖେଳାଳି ଅନୁପସ୍ଥିତ ରହିଥିଲେ। ଏହାଦ୍ୱାରା ସେ ଶୃଙ୍ଖଳା ଭଙ୍ଗ କରିଥିଲେ। ପରେ ଜଣାପଡ଼ିଥିଲା ଯେ, ମନପ୍ରୀତ୍, ଦିଲପ୍ରୀତ୍ ଓ ପାଠକ ଏହି ଖେଳାଳି ଜଣଙ୍କୁ ଚୁଇଂଗମ୍ ସେବନ କରିବାକୁ ଦେଇଥିଲେ, ଯେଉଁଥିରେ କି ନିଷିଦ୍ଧ ଉପାଦାନର ମାତ୍ରା ରହିଥିଲା। ଖେଳାଳି ଜଣକ ଏହି ଚୁଇଂଗମ୍ ସେବନ କରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖେଳାଳିଙ୍କର ରାତିସାରା ଯତ୍ନ ନିଆଯାଇଥିଲା। ଏହି କାରଣରୁ ସେ ପରଦିନ ସକାଳ ବୈଠକରେ ଯୋଗଦେଇ ପାରି ନ ଥିଲେ। ଖବର ଅନୁସାରେ ଚୁଇଂଗମ୍ ଦେଇଥିବା ଖେଳାଳିମାନେ ସେମାନଙ୍କ ଦୋଷ ସ୍ୱୀକାର କରିଥିଲେ। କିନ୍ତୁ ମ୍ୟାନେଜମେଣ୍ଟ ଘଟଣାକୁ ଗୁରୁତ୍ୱର ଭାବେ ନେଇଥିଲା।

## ପି.ଟି. ଉଷାଙ୍କ ସ୍ୱାମୀ ଶ୍ରୀନିବାସନଙ୍କ ପରଲୋକ

କୋଝିକୋଡ୍, ୩୦ା୧ (ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଶୁକ୍ରବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସକାଳେ ତାଙ୍କ ବାସଭବନରେ ସେ ହଠାତ୍ ନିସ୍ତେଜ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକସନ୍ତପ୍ତ ଉଷାଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିଲେ। ଶ୍ରୀନିବାସନ କେନ୍ଦ୍ର ସରକାରଙ୍କ ଜଣେ ପୂର୍ବତନ କର୍ମଚାରୀ ଥିଲେ। ଉଜ୍ଜ୍ୱଳ କ୍ରୀଡ଼ା ଓ ରାଜନୈତିକ କ୍ୟାରିୟରରେ ସେ ଉଷାଙ୍କ ସହିତ ଥିଲେ।

# ଓଡ଼ିଶା ୩ ବର୍ଗରେ ଭାଗନେବ

ଭୁବନେଶ୍ୱର, ୩୦ା୧ (ତପନ ସ୍ୱାଇଁ)

ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ର ପ୍ରଥମ ସଂସ୍କରଣ ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଫେବୃଆରୀ ୧ ପର୍ଯ୍ୟନ୍ତ ହେବାକୁଥିବା ଏହି ୨ ଦିନିଆ ପ୍ରତିଯୋଗିତାରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ଆୟୋଜକ ଓଡ଼ିଶା ଏହି ପ୍ରତିଯୋଗିତାର ସିନିୟର, ଜୁନିୟର ଓ ସବ୍‌ଜୁନିୟର ଆଦି ୩ଟି ବର୍ଗରେ ଅଂଶଗ୍ରହଣ କରିବ। ସିନିୟର ବର୍ଗରେ ଓଡ଼ିଶା ସମେତ ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ ଓ କେରଳ ଦଳ ଭାଗନେବ। ସେହିପରି ୧୮ ବର୍ଷରୁ କମ୍ ଜୁନିୟର ବାଳିକା ବିଭାଗରେ ଓଡ଼ିଶା, ବିହାର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, କେରଳ ଓ ରାଜସ୍ଥାନ ଏବଂ ୧୫ ବର୍ଷରୁ କମ୍ ସବ୍‌ଜୁନିୟର ବର୍ଗରେ ବିହାର, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ଦାଦ୍ରା ନଗରହାଭେଳି ଆଣ୍ଡ ଡାମନ ଡିଉ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ ଚଣ୍ଡିଗଡ଼ ଦଳ ଅଂଶଗ୍ରହଣ କରିବେ।

ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଅସ୍ମିତା ଅନ୍ତର୍ଗତ ଖେଲୋ ଇଣ୍ଡିଆ ଅଧୀନରେ ମହିଳାଙ୍କ ପାଇଁ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସହଯୋଗରେ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ଏହାକୁ ଆୟୋଜନ କରିବ। ରଗ୍‌ବୀ ଇଣ୍ଡିଆ ପକ୍ଷରୁ ପୂର୍ବରୁ ଆୟୋଜିତ ସିନିୟର, ଜୁନିୟର ଓ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ଦଳଗୁଡ଼ିକ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତି ବର୍ଗରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିବେ। ମୋଟ ୨୪ଟି ଦଳର ୩୩୬ ଖେଳାଳି ଓ ଅଫିସିଆଲ ଏହି ଇଭେଣ୍ଟରେ ଭାଗନେବେ। ‘‘ଅସ୍ମିତା ଦେଶରେ ଅନ୍ୟତମ ପ୍ରଭାବୀ ମହିଳା କ୍ରୀଡ଼ା କାର୍ଯ୍ୟକ୍ରମରେ ପରିଣତ ହୋଇଛି। ସିଟି ଲିଗ୍‌ଠାରୁ ଆରମ୍ଭ କରି ଜୋନାଲ ଲିଗ୍ ପର୍ଯ୍ୟନ୍ତ ଆମେ ଏହି ଖେଳପ୍ରତି ପିଲାମାନଙ୍କ ଆଗ୍ରହ ଦେଖିବାକୁ ପାଇଛୁ। ପ୍ରତିଯୋଗିତା ଆୟୋଜନଲାଗି କଳିଙ୍ଗ ଷ୍ଟାଡିୟମରେ ଉଚ୍ଚମାନର ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଆମେ ଓଡ଼ିଶା ସରକାରଙ୍କ ନିକଟରେ କୃତଜ୍ଞ। ଏଠାରେ ଉଚ୍ଚମାନର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବା ନେଇ ଆଶା ରହିଛି’’ ବୋଲି ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ସଭାପତି ରାହୁଲ ବୋଷ ପ୍ରକାଶ କରିଛନ୍ତି।

**ଆଜିଠୁ କଳିଙ୍ଗରେ ଅସ୍ମିତା ରଗ୍‌ବୀ ଲିଗ୍**




କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

## ରାଜ୍ୟ ମିନି ଗଲ୍ଫ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

ଭୁବନେଶ୍ୱର, ୩୦ା୧ (ତପନ ସ୍ୱାଇଁ)

ଓଡ଼ିଶା ମିନି ଗଲ୍ଫ ଆସୋସିଏଶନ ଆନୁକୂଲ୍ୟରେ ୩ୟ ରାଜ୍ୟ ମିନି ଗଲ୍ଫ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ମିନି ଗଲ୍ଫ ଆସୋସିଏଶନ ଅଫ ଇଣ୍ଡିଆର ମହାସଚିବ ସୁରଜ ସିଂ ୟୋତିକର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘ଓଡ଼ିଶାରେ ଏହି ଖେଳର ପ୍ରସାର ଆଶାନୁରୂପ ହୋଇଛି। ଫଳରେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସମ୍ଭବ ହୋଇଛି’’ ବୋଲି ଏହି ଅବସରରେ ୟୋତିକର ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଗୌରୀ କଲେଜଠାରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଅନୁଷ୍ଠିତ ହେଉଛି। ଏଥିରେ ୧୨ ଜିଲାର ପାଖାପାଖି ୧୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ଓଡ଼ିଶା ମିନିଗଲ୍ଫ ଆସୋସିଏଶନ ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ମିନିଗଲ୍ଫ ଫେଡେରେଶନର ସ୍ଥପତି ସଞ୍ଜୀୟ ବଳରାମ ଥୋରାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 31/2026 | Page 16 | ₹ 7.00

୫୨ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 68 | ମୂଲ୍ୟ₹୭/-







# ୨୦ରେ ରାଜ୍ୟ ବଜେଟ

ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)

୧୭ତମ ବିଧାନସଭାର ବଜେଟ ଅଧିବେଶନ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ। ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟ ଦିବସ ରହିଛି। ୧୭ରେ ଗୃହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ସମ୍ବୋଧିତ କରିବେ। ଏହାପରେ ରାଜ୍ୟପାଳଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ ତାରିଖରେ ଗୃହରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ୨୪ ତାରିଖ ପର୍ଯ୍ୟନ୍ତ ବଜେଟ ଉପରେ ଆଲୋଚନା ହେବ। ଫେବୃଆରୀ ୨୫ରୁ ମାର୍ଚ୍ଚ ୮ ତାରିଖ ଯାଏ ଗୃହରେ କୌଣସି କାର୍ଯ୍ୟ ଦିବସ ନ ଥିବାବେଳେ ବିଧାନସଭା ବନ୍ଦ ରହିବ।

ପୁନର୍ବାର ମାର୍ଚ୍ଚ ୯ରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ମାର୍ଚ୍ଚ ୩୧ରେ ଗୃହରେ ବଜେଟ ପାରିତ କରାଯିବ। ମୁଖ୍ୟତଃ ଭାଜପା ସରକାର ରାଜ୍ୟ ବଜେଟ ଆକାର କିପରି କରୁଛନ୍ତି ଏବଂ କେତେ ଟଙ୍କାର ବଜେଟ ଚଳିତ ଥର ଆସୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ☞ପୃଷ୍ଠା-୪

# ଗଞ୍ଜାମକୁ ୪୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି



ଗୋପାଳପୁର ବେଳାଭୂମିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ସମୁଦ୍ର ଆଳତି କରୁଛନ୍ତି।

ବ୍ରହ୍ମପୁର/ଗୋପାଳପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ/ନବୀନ ରାଜ ଆଚାରୀ)

ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ ହେଉଛି ଗୋପାଳପୁର ମହୋତ୍ସବ। ଏହା ମାଧ୍ୟମରେ ଆମେ ଓଡ଼ିଶାର ସ୍ୱତନ୍ତ୍ରତା, ଗଞ୍ଜାମର ଗରିମା ଓ ଆମ ସଂସ୍କୃତିର ଜୀବନ୍ତ ଐତିହ୍ୟକୁ ଉତ୍ସବରେ ପରିଣତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଗୋପାଳପୁର ବେଳାଭୂମି ମହୋତ୍ସବର ଉଦ୍‌ଯାପନୀରେ ଯୋଗଦେଇ କହିଛନ୍ତି। ଏହି ଅବସରରେ ସେ ଗଞ୍ଜାମ ଜିଲା ପାଇଁ ୪୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଥିମଧ୍ୟରେ ୫୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୫ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୪୪୨ କୋଟି ଟଙ୍କାରେ ହେବାକୁ ଥିବା ୬୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ୩୨ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବେଳାଭୂମିର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ରହିଛି। ଏଥିସହିତ ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ପ୍ରତି କବିସମ୍ରାଟଙ୍କ ବହୁମୂଲ୍ୟ ଅବଦାନ ପ୍ରତି ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ 'ଉପେନ୍ଦ୍ର ଭଞ୍ଜ ଚେୟାର'ର ପୁନଃସ୍ଥାପନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀକୁ ଚଳିତବର୍ଷଠାରୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଛନ୍ତି। ଆସନ୍ତା ମେ ୧୬ ତାରିଖରୁ ୭ ଦିନ ବ୍ୟାପୀ କବି ସମ୍ରାଟଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ମହୋତ୍ସବ କଳାକାର ଓ କାରିଗରମାନଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚ ପ୍ରଦାନ କରିଆସିଛି। ଗଞ୍ଜାମବାସୀ ଜିଲାର ପ୍ରମୁଖ ବେଳାଭୂମିଗୁଡ଼ିକୁ ସଫେଇ କରି ରାଜ୍ୟକୁ ସ୍ୱଚ୍ଛ ବେଳାଭୂମି, ସୁନ୍ଦର ଓଡ଼ିଶା ବାର୍ତ୍ତା ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ୧୬,୫୫୪ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏହାଦ୍ୱାରା ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ ଏବଂ ୫ ହଜାର ଯୁବତୀଯୁବକଙ୍କ ନିଯୁକ୍ତି ସୁନିଶ୍ଚିତ ହେବ। ଜିଲାର ବାହୁଦାଠାରେ ☞ପୃଷ୍ଠା-୪

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଉପେନ୍ଦ୍ର ଭଞ୍ଜ ଚେୟାର ପୁନଃ ସ୍ଥାପନ ଘୋଷଣା

## କବି ସମ୍ରାଟଙ୍କ ଜୟନ୍ତୀକୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବ

# ୧ଡଲାର= ୯୨.୦୨ ଟଙ୍କା

ମୁମ୍ବାଇ,୩୦।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଶୁକ୍ରବାର ଇଣ୍ଟ୍ରାଡେ' କାରବାରରେ ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୦୨ରେ ପହଞ୍ଚି କାରବାର ଶେଷ ବେଳକୁ ୯୧.୯୩ରେ ସ୍ଥିର ରହିଥିଲା। ସୁଦୃଢ଼ ଆମେରିକୀୟ ମୁଦ୍ରା ଏବଂ ଭୂରାଜନୈତିକ ଅନିଶ୍ଚିତତାକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଉଥିବା କୁହାଯାଉଛି। ଘରୋଇ ଶେୟାର ବଜାରରେ ପ୍ରତିକୂଳ ଧାରା ନିବେଶକମାନଙ୍କ ମନୋଭାବକୁ ପ୍ରଭାବିତ କରୁଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଶୁକ୍ରବାର ଟଙ୍କା ମୂଲ୍ୟ ୯୧.୮୯ରୁ ଆରମ୍ଭ ହୋଇ ପରେ ଏହା ଅଧିକ ସୁଦୃଢ଼ ହେବା ସହ ୯୧.୮୨ରେ ପହଞ୍ଚିଥିଲା। ତେବେ ପରବର୍ତ୍ତୀ ସମୟରେ ଏହା ଦୁର୍ବଳ ହୋଇ ୯୧.୧୩ରେ ବନ୍ଦ ହେବା ପୂର୍ବରୁ ସର୍ବନିମ୍ନ ୯୨.୦୨କୁ ହ୍ରାସ ପାଇଥିଲା। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୯୯ ଥିଲା। ଜାନୁଆରୀ ୨୩ରେ ଟଙ୍କା ମୂଲ୍ୟ ସର୍ବନିମ୍ନ ୯୨ ସ୍ତରରେ ରହିଥିଲା। ଅଶୋଧିତ ତୈଳ ଏବଂ ବିଭିନ୍ନ ସାମଗ୍ରୀ ମୂଲ୍ୟ ହ୍ରାସ ପାଇବା ଫଳରେ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରରୁ ଉପରକୁ ଉଠିଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପ୍ରତିନିଧିଙ୍କୁ ଆମେରିକା ଫେଡେରାଲ ରିଜର୍ଭର ମୁଖ୍ୟ ଘୋଷଣା କରିବେ ବୋଲି କହିବା ପରେ ଡଲାର ସୂଚକାଙ୍କ ବଢ଼ିଥିଲା।

# ଧାର ଟଙ୍କା ମାଗିବାରୁ ଗୁଳିମାଡ଼

ଭୁବନ,୩୦।୧(ବିପିନ ବିହାରୀ ସେଠୀ)

## ଯୁବକଙ୍କ ଡାହାଣ ଆଖି ନଷ୍ଟ

ଢେଙ୍କାନାଳ ଜିଲା ଭୁବନ ଥାନା ବାରୁଆ (ଖ) ଗ୍ରାମର ପଞ୍ଚାନନ ରାଉତ ଧାନ କିଣିବା ପାଇଁ ଦେଇଥିବା ଟଙ୍କା ମାଗିବାରୁ ଗୁରୁବାର ରାତିରେ ଗୁଳିମାଡ଼ର ଶିକାର ହୋଇଛନ୍ତି। ବାରୁଆଁ (ଖ) ପଞ୍ଚାୟତ କଅଁସର ଗୋଡ଼ାଟିଣ କଲୋନୀର ନାଣ୍ଟୁ ଦେହୁରୀ କିଛିଦିନ ତଳେ ବାରୁଆ ଗ୍ରାମର ପଞ୍ଚାନନଙ୍କଠାରୁ ୩ ହଜାର ଟଙ୍କା ଧାନ ବିକ୍ରୟ କରିବାକୁ କହି ଧାର ନେଇଥିଲେ। ବାରମ୍ବାର ନାଣ୍ଟୁଙ୍କୁ ଧାନ ମାଗୁଥିଲେ ମଧ୍ୟ ସେ ଦେଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ ପଞ୍ଚାନନ ଟଙ୍କା ମାଗିବା ପାଇଁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେହି ସମୟରେ ନାଣ୍ଟୁ ଏକ ଦେଶୀ ବନ୍ଧୁକରେ ପଞ୍ଚାନନଙ୍କୁ ଗୁଳି କରିଥିଲେ। ଗୁଳିଟି ପଞ୍ଚାନନଙ୍କ ଡାହାଣ ଆଖି ପାର୍ଶ୍ୱରେ ବାଜିଥିଲା। ସଙ୍ଗେସଙ୍ଗେ ପଞ୍ଚାନନଙ୍କୁ ପରିବାର ଲୋକେ ଭୁବନ ☞ପୃଷ୍ଠା-୪

# ବରିଷ୍ଠଙ୍କ ମତ ଅନୁଯାୟୀ ଜଗା ଦର୍ଶନ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

## ସରକାର ଆଣିବେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀକୁ ଯେତିକି ବରିଷ୍ଠ ନାଗରିକ ଆସୁଥିଲେ ସେହି ସଂଖ୍ୟାରେ ହ୍ରାସ ଘଟିଥିବା ଲକ୍ଷ୍ୟ କରି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା(ଏସ୍‌ଜେଡିୱାଇ)ର ଶୁଭାରମ୍ଭ କରିବେ। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ ଏବଂ ବିଧବା ମହିଳାଙ୍କୁ ସାମିଲ କରାଯିବ। ଯେଉଁ ବରିଷ୍ଠ ନାଗରିକ ଭତ୍ତା ଏବଂ ବିଧବା ଭତ୍ତା ପାଉଛନ୍ତି ସେମାନଙ୍କୁ ହିଁ ଏହି ଯୋଜନାରେ ସାମିଲ କରାଯିବ। ଏନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସବୁ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି।

ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଗତ ଜାନୁଆରୀ ୨୭ରେ ଲେଖିଥିବା ତାଙ୍କ ଚିଠିରେ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଏହି ଯୋଜନାକୁ ସଫଳ କରାଇବା ଲାଗି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପକରି ସବୁ ହିତାଧିକାରୀଙ୍କ ନିକଟରୁ ମତ ସଂଗ୍ରହ କର। ରାଜ୍ୟର ସବୁ ଜିଲାରୁ ଶ୍ରୀମନ୍ଦିର ଦର୍ଶନ ଲାଗି ଆସୁଥିବା ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା କମିଯାଇଛି। ଜିଲା ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଲାଗି ପର୍ଯ୍ୟଟନ ବିଭାଗ ପରିବର୍ତ୍ତିତ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛି। ଯେଉଁ ବରିଷ୍ଠ ନାଗରିକମାନଙ୍କ ବୟସ ୬୦ରୁ ୭୫ ବର୍ଷ ମଧ୍ୟରେ ହୋଇଥିବେ ବା ବରିଷ୍ଠ ନାଗରିକ ଭତ୍ତା ପାଉଥିବେ ସେମାନଙ୍କୁ ଏଥିରେ ସାମିଲ କରନ୍ତୁ। ସେହିପରି ବିଧବା ଭତ୍ତା ପାଉଥିବା ସମସ୍ତେ ମଧ୍ୟ ଏହି ଯୋଜନାର ହିତାଧିକାରୀ ହେବେ। ତେଣୁ ଏହି ଯୋଜନାରେ ସାମିଲହେବା ଲାଗି ସମସ୍ତ ହିତାଧିକାରୀ ସେମାନଙ୍କ ମତାମତ ଦେବା ବାଧ୍ୟତାମୂଳକ କରାଯାଉ। ବିଭାଗ ପୂର୍ବରୁ ଜିଲା ସାମାଜିକ ସୁରକ୍ଷା ଅଫିସର(ଡିଏସ୍‌ଏସ୍‌ଓ)ମାନଙ୍କ ସହ ଗତ ୧୩ ତାରିଖରେ ଏନେଇ ଏକ ବୈଠକ କରି ଆଲୋଚନା କରିଥିଲା। ଗତ ୧୫ ତାରିଖରେ ଭତ୍ତା ପ୍ରଦାନ ସମୟରେ ହିତାଧିକାରୀମାନଙ୍କ ନିକଟରୁ ସେମାନଙ୍କ ମତାମତ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମପଞ୍ଚାୟତ ସ୍ତରରୁ ଏହି ମତାମତ ସଂଗ୍ରହ କରାଯିବ ବୋଲି କଥା ହୋଇଥିଲେ। ସେ ଆହୁରି କହିଛନ୍ତି, ଗତ ଜାନୁଆରୀ ୨୨ ରେ ଜିଲାୱାରି ଯେଉଁ ତଥ୍ୟ ସଂଗ୍ରହ ହୋଇଥିଲା ତାହା ଚିଠିରେ ଉଲ୍ଲେଖ ଅଛି। ତଥ୍ୟ ସଂଗ୍ରହରେ ଯେଉଁ ସମସ୍ୟା ରହିଛି ତାହା ମଧ୍ୟ ଦର୍ଶାଯାଇଛି। ଗୁରୁତ୍ୱକୁ ବିଚାର କରି ଜିଲାପାଳମାନେ ବ୍ୟକ୍ତିଗତ ଇଚ୍ଛାକୁ ବୃଦ୍ଧିକରି ଏହି ଯୋଜନାକୁ ପ୍ରାଧାନ୍ୟ ଦେଇ ଆଗକୁ ବଢ଼ାନ୍ତୁ। ରାଜ୍ୟ ସରକାର ଲକ୍ଷ୍ୟ ☞ପୃଷ୍ଠା-୪

# ୨ ବାଇକ୍ ମୁହାଁମୁହିଁ ଧକ୍କା, ବାପପୁଅଙ୍କ ମୃତ୍ୟୁ

ଓଡ଼ଗାଁ,୩୦।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତାର କୈବଲ୍ୟପୁର ଛକ ନିକଟରେ ଗୁରୁବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଥାନା ଅଧୀନ ତନ୍ତିଗାଡ଼ି ପଞ୍ଚାୟତ ମଶାବାରୀ ଗ୍ରାମର ରୋଡସାହିର ବାପା ବୃନ୍ଦାବନ ବିଶୋଇ (୭୦), ପୁଅ ଲକ୍ଷ୍ମୀଧର (୪୫)। ବାପପୁଅ ଏକ ବାଇକ୍‌ରେ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବାକୁ ଘରଠାରୁ ମାତ୍ର ୩ଶହ ମିଟର ଦୂର କୈବଲ୍ୟପୁର ଗାଁକୁ ଯାଉଥିଲେ। ଘରଠାରୁ ୨ଶହ ମିଟର ଯିବା ପରେ ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କାହେବାରୁ ଉଭୟ ବାଇକ୍‌ରେ ଥିବା ୪ଜଣ ରାସ୍ତାର ଏଣେତେଣେ ଛିଟିକି ପଡ଼ିଥିଲେ। ଖବରପାଇ ☞ପୃଷ୍ଠା-୪






# ପୋଲିସକୁ ଟାଟୁ, ଚୁଟି-ନିଶ ରଙ୍ଗ ମନା

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

## ବେଶଭୂଷାରେ ଶାଳୀନତା ନ ରହିଲେ ନିଲମ୍ବନ ନିର୍ଦ୍ଦେଶ

- ଜଗତ୍‌ସିଂହପୁର ଜିଲାର ରଙ୍ଗିଲା ଡିଏସ୍‌ପିଙ୍କୁ ଡିଆଇଜିଙ୍କ ତାଗିଦା
- ଜାରି ହେଲା ଗାଇଡ୍‌ଲାଇନ୍: ଏସ୍‌ପି, ଡିସିପିଙ୍କୁ ଡିଜିପିଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ପୋଲିସ ବର୍ଦ୍ଦି ପିନ୍ଧୁଥିବା ଅଫିସର ଓ କର୍ମଚାରୀ ବେଶଭୂଷାରେ ଶାଳୀନତା ରଖିବାକୁ ପୋଲିସ ମାନୁଆଲରେ ନିୟମ ରହିଛି। ଏପରିକି ବର୍ଦ୍ଦି ପିନ୍ଧି ନ ଥିଲେ ବି ହେୟାର ଷ୍ଟାଇଲ୍, ବେଶଭୂଷା ଓ ଆଚାରବ୍ୟବହାରରୁ ଯେପରି ଜଣେ ପୋଲିସ ଅଫିସରଙ୍କୁ ଲୋକେ ସମ୍ମାନ ଦେବେ, ତାହା ଉପରେ ମଧ୍ୟ ଓଡ଼ିଶା ପୋଲିସ ଗୁରୁତ୍ୱ ଦେଉଛି। ହେଲେ ଏବେ ରାଜ୍ୟର ବିଭିନ୍ନ ପୋଲିସ ଜିଲାରେ କାମ କରୁଥିବା ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଏହି ଗାଇଡ୍‌ଲାଇନ୍‌କୁ ପୁର୍ କରି ଦେଉଛନ୍ତି। କିଏ ହେୟାର ଷ୍ଟାଇଲ୍ ଓ ଚୁଟିର ରଙ୍ଗ ବଦଳାଇଲାଣି ତ ଆଉ କିଏ ନିଶକୁ ପୁରା ବୀରାପାନ୍ ଭଳି ରଖିଲେଣି। ସେମାନେ ନିଜକୁ ନିଜେ କୌଣସି ଫିଲ୍ମ ଷ୍ଟାର୍‌ଙ୍କଠାରୁ କମ୍ ଭାବୁନାହାନ୍ତି। ପୁଣି ପୁରୁଷ ଓ ମହିଳା ପୋଲିସ ବେକ ଓ ହାତରେ ଟାଟୁ କରି ଷ୍ଟାଇଲ୍ ମାରୁଛନ୍ତି, ଯାହା ଲୋକଙ୍କ ମନରେ ଖାକି ପ୍ରତି ଭିନ୍ନ ଭାବନା ଆସୁଛି। ନିକଟରେ ଜଗତ୍‌ସିଂହପୁର ପୋଲିସ ଜିଲାରେ ଏପରି ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଜିଲାର ଜଣେ ଡିଏସ୍‌ପି ମୁଣ୍ଡବାଳରେ ନାଲିରଙ୍ଗ ମାରି ପୁରା ହେୟାର ଷ୍ଟାଇଲ୍‌କୁ ବଦଳାଇ ଦେଇଥିଲେ। ଏବେ ଏହା ତାଙ୍କ ପାଇଁ ମହଙ୍ଗା ପଡିଛି। କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଆପରାଧିକ କାର୍ଯ୍ୟର ସମୀକ୍ଷା ପାଇଁ ଜଗତ୍‌ସିଂପୁର ଜିଲାକୁ ଯାଇଥିଲେ। ଏହି ସମୟରେ ପୋଲିସ ବର୍ଦ୍ଦି ପିନ୍ଧି ରଙ୍ଗିଲା ହୋଇ ଷ୍ଟାଇଲ୍‌ରେ ଛିଡ଼ା ହୋଇଥିବା ଡିଏସ୍‌ପିଙ୍କୁ ଦେଖି ଡିଆଇଜି ତାଗିଦା କରିଥିଲେ। ପରେ ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ପୋଲିସ ବର୍ଦ୍ଦିରେ ଥାଇ ଡିଏସ୍‌ପିଙ୍କ ଏଭଳି ରଙ୍ଗିନ ହେୟାର ଷ୍ଟାଇଲ୍ ପୋଲିସ ମାନୁଆଲର ବିରୋଧୀ ବୋଲି ଦର୍ଶାଯାଇଛି। ଏହି ଘଟଣା ପରେ ଡିଜିପି ଅଫିସରୁ ମଧ୍ୟ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ପୋଲିସ ବର୍ଦ୍ଦିରେ ଥାଇ ଶାଳୀନତା ରକ୍ଷା କରୁ ନ ଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ବେଶଭୂଷା ଠିକ୍ ରଖିବାକୁ କୁହାଯାଇଛି। ଏଥିରେ ଯଦି କିଛି ଗଡ଼ବଡ଼ ଦେଖିବାକୁ ମିଳେ, ତୁରନ୍ତ ନିଲମ୍ବନ କରାଯିବାକୁ ଡିଜିପି ଅଫିସ ପକ୍ଷରୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବରୁ କମିଶନରେଟ୍ ପୋଲିସରେ ଏକାଧିକ ଅଫିସର ଓ କର୍ମଚାରୀ ହାତ ଏବଂ ବେକରେ ଟାଟୁ କରୁଥିଲେ। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା, ଯେଉଁଥିରେ କୌଣସି ପୋଲିସ କର୍ମଚାରୀ ଟାଟୁ କରି କାର୍ଯ୍ୟ କରିବାକୁ ମନା କରାଯାଇଥିଲା। କିଛିଦିନ କୌଣସି ପୋଲିସ କର୍ମଚାରୀ ଟାଟୁ କଲେ ନାହିଁ। ଯେଉଁମାନେ କରିଥିଲେ ସେମାନେ ମଧ୍ୟ ଏହାକୁ ଲିଭାଇଲେ। କିନ୍ତୁ ଏହାକୁ କଡ଼ାକଡ଼ି ପାଳନ ☞ପୃଷ୍ଠା-୪

# ଜଳସେଚନ ରିପୋର୍ଟ: ବାସ୍ତବତା ଭିନ୍ନ

ଯାଜପୁର,୩୦।୧(ହର୍ଷବର୍ଦ୍ଧନ ବେହେରା)


ଜାରକା- ଜେନାପୁର ହାଇଲେଭ୍‌ଲ କେନାଲ।

- ସନ୍ଦେହରେ ୧,୦୯,୩୭୭ ହେକ୍ଟର ଜମିରେ ଖରିଫ ଜଳସେଚନ
- ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପର ସଫଳତା ନୈରାଶ୍ୟଜନକ

ଯାଜପୁର ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ୨୦୨୫ ଖରିଫ ଋତୁରେ ଧାର୍ଯ୍ୟ ୧,୧୪,୬୬୪ ହେକ୍ଟରରୁ ୧,୦୯,୩୭୭ ହେକ୍ଟର ଜମିରେ ଜଳସେଚନ ହୋଇପାରିଛି। ଜିଲାରେ ମେଗା ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍‌ଆଇପି), ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପ ଇତ୍ୟାଦି ଦ୍ୱାରା ଧାର୍ଯ୍ୟ ଜମିରେ ଜଳସେଚନ ବିଫଳ ହୋଇଥିଲେ ହେଁ ଉପରୋକ୍ତ ତଥ୍ୟ କେବଳ କାଗଜ କଲମରେ ପ୍ରସ୍ତୁତ ହୋଇଛି ବୋଲି ମତପ୍ରକାଶ ପାଇଛି। ବାସ୍ତବରେ ୫୦ ହଜାର ହେକ୍ଟର ଜମିରେ ବି ଖରିଫ ଜଳସେଚନ ହୋଇପାରି ନ ଥିବା ଚାଷୀମାନଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ସହ ବୈତରଣୀର ବିସ୍ତୃତ ଜଳରାଶି, ମୂଲ୍ୟବାନ୍ ଭୂ-ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଯାଜପୁର ଜିଲା। ଏଥିପାଇଁ ଶିଳ୍ପସଂସ୍ଥାଗୁଡ଼ିକରେ ଜିଲା ପୂରିଉଠିଛି। ଏପରି ଭାବେ ସମସ୍ତ ପ୍ରାଚୁର୍ଯ୍ୟରେ ଭରପୂର ହୋଇଥିଲେ ହେଁ ଆଜି ଜିଲାରେ ଜଳସେଚନ ବ୍ୟବସ୍ଥା ଅବହେଳିତ ହୋଇରହିଛି। ଅଞ୍ଚଳବାସୀ ଜଳସେଚନ ଓ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ସରକାର ରାଜ୍ୟବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡ଼ା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି। ପ୍ରତିବର୍ଷ ଅଧିକରୁ ଅଧିକ କ୍ଷେତ୍ର ସେଚନାଳୀ ନିର୍ମାଣ, ଓଡ଼ିଶା ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ପୁନରୁଦ୍ଧାର ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଯାଜପୁର ଜିଲାରେ ଏହିସବୁ କାର୍ଯ୍ୟକ୍ରମ ପ୍ରାୟ ବିଫଳ ହୋଇଥିବା ଦୃଷ୍ଟିଗୋଚର ହେଉଛି।

ଜଳସେଚନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପର ଡାହାଣ ପାର୍ଶ୍ୱ କେନାଲରୁ ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ୯,୨୬୨ ହେକ୍ଟର ଓ ଧର୍ମଶାଳା ବ୍ଲକରେ ୩,୬୯୮ ହେକ୍ଟର ଜଳସେଚନ ଲକ୍ଷ୍ୟଧାର୍ଯ୍ୟ ରହିଛି। ହେଲେ ଏଯାଏ ଏଠାରେ ଜଳସେଚନ ଆଦୌ ଆରମ୍ଭ ହୋଇପାରିନାହିଁ। ସେହିପରି ରେଙ୍ଗାଲି ବାମପାର୍ଶ୍ୱ କେନାଲ ଦ୍ୱାରା ୩୯,୪୬୧ ହେକ୍ଟର ଜମିରେ ଜଳସେଚନ ଧାର୍ଯ୍ୟ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲାର ସୁକିନ୍ଦା ବ୍ଲକରେ ୮,୩୧୭ ହେକ୍ଟର ଓ ଦାନଗଦି ବ୍ଲକରେ ୨୨୬ ହେକ୍ଟର ଜମିରେ ଖରିଫ ଜଳସେଚନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷେ କୋରେଇ ବ୍ଲକରେ ଏଯାଏ ଜଳସେଚନ ଆରମ୍ଭ ହୋଇନାହିଁ। ବୈତରଣୀ ଜଳସେଚନ ପ୍ରକଳ୍ପର ଯାଜପୁର କେନାଲ ସିଷ୍ଟମ ଦ୍ୱାରା ଯାଜପୁର ବ୍ଲକରେ ୩୪୩୩.୨୨ ହେକ୍ଟର, ବିଞ୍ଝାରପୁର ବ୍ଲକରେ ୩୬୯୪.୪୮ ହେକ୍ଟର ଓ ଦଶରଥପୁର ବ୍ଲକରେ ୫୯୭୧.୩୦ ହେକ୍ଟର ଜମିରେ ଜଳସେଚନ ହୋଇଥିବା ଦାବି କରାଯାଇଛି। ଏହାସହ ମହାନଦୀ ଡେଲ୍‌ଟା ଷ୍ଟେଜ୍-୧ କେନାଲ ଜରିଆରେ ବଡ଼ଚଣା ବ୍ଲକରେ ୪୮୪୦.୧୮ ହେକ୍ଟର ଓ ଧର୍ମଶାଳା ବ୍ଲକରେ ୩୨୧୯.୪୫ ହେକ୍ଟର ଜମିରେ ଜଳସେଚନ ହେଉଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ହେଲେ ଏହିସବୁ ରିପୋର୍ଟ କେତେ ସତ୍ୟ, ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି। ବୃହତ୍ ଜଳସେଚନ ପ୍ରକଳ୍ପରେ ୩୨,୪୬୦ ହେକ୍ଟର, ଏମ୍‌ଆଇପିରେ ୮,୮୮୭ ହେକ୍ଟର, ଚେକ୍‌ଡ୍ୟାମ୍ ଜରିଆରେ ୩,୯୮୮ ହେକ୍ଟର, କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପରେ ୫୦,୬୫୯ ହେକ୍ଟର, ମେଗା ଉଠା ଜଳସେଚନ ପ୍ରକଳ୍ପରେ ୧୩,୩୮୩ ହେକ୍ଟର ଜମିରେ ଜଳସେଚନ ହୋଇଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। କିନ୍ତୁ ବାସ୍ତବରେ ଜିଲାର ଅଧିକାଂଶ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ଅକାମୀ ହୋଇପଡ଼ିଛି। ମେଗା ଉଠା ଜଳସେଚନ ପ୍ରକଳ୍ପରେ କେବଳ କାଗଜପତ୍ରରେ ଜଳସେଚନ ହେଉଥିବା ପୂର୍ବରୁ ଅଞ୍ଚଳବାସୀ ଅନେକ ଥର ଅଭିଯୋଗ ଆଣିଛନ୍ତି। ବୃହତ୍ ଜଳସେଚନ ଓ ଏମ୍‌ଆଇପି ପ୍ରକଳ୍ପଗୁଡ଼ିକରେ ଧାର୍ଯ୍ୟ ପରିମାଣର ଜଳସେଚନ ହେଉ ନ ଥିବା ପୂର୍ବରୁ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଜିଲାରେ ସମୁଦାୟ ୧,୦୯,୩୭୭ ହେକ୍ଟର ଜମିରେ ଖରିଫ ଜଳସେଚନ ହୋଇଥିବା ରିପୋର୍ଟ ଉପରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ ଭାବେ ତଦନ୍ତ କରାଗଲେ ବାସ୍ତବତା ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

## ଟ୍ରମା କେୟାର କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଯାଜପୁର ୟୁଥ୍ ଫୋରମର କର୍ମକର୍ତ୍ତା।

ଯାଜପୁରଟାଉନ,୩୦।୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ୟୁଥ୍ ଫୋରମ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାତୀୟ ରାଜପଥ ୧୬ ଓ ଜାତୀୟ ରାଜପଥ ୨୦ର ସଂଯୋଗ ସ୍ଥଳ ପାଣିକୋଇଲିଠାରେ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଦୁର୍ଘଟଣାଜନିତ ଆଶୁ ଚିକିତ୍ସାଳୟ(ଟ୍ରମା କେୟାର ଫେସିଲିଟି)ର କେନ୍ଦ୍ର କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ ଏପର୍ଯ୍ୟନ୍ତ ଆଶୁ ଚିକିତ୍ସାଳୟ କେନ୍ଦ୍ରଟି ଲୋକାର୍ପଣ ହୋଇପାରୁନାହିଁ। ମୁଖ୍ୟମନ୍ତ୍ରୀ ଏହାକୁ ପିପିପି ମୋଡ୍‌ରେ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାକୁ ପିପିପି ମୋଡ୍‌ରେ ନ କରି ସରକାରୀ ଚିକିତ୍ସାଳୟ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ପିପିପି ମୋଡ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଉପଖଣ୍ଡ ଚିକିତ୍ସାଳୟ ଘୋଷଣା କଲେ କେବଳ ଯାଜପୁର ନୁହେଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲାର ଅଧିବାସୀ ଉପକୃତ ହେବେ ବୋଲି ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଦନ ମୋହନ ପଣ୍ଡା, ପର୍ଶୁରାମ ଓଝା, ସତ୍ୟ ସୁନ୍ଦର ଦାସ, ଆଦିତ୍ୟ ଦାଶ, ଅଭିଜିତ ମହାନ୍ତି ଓ ସୁଧାଂଶୁ ଶେଖର ସାହୁଙ୍କ ସମେତ ଶତାଧିକ ୟୁଥ୍ ଫୋରମର ସଦସ୍ୟ ଉପସ୍ଥିତଥିଲେ।

## ବରୁଆଁ ପାକ୍ସର ଧାନମଣ୍ଡି ଖୋଲିଲା




ଯାଜପୁରଟାଉନ,୩୦।୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକର ମହେଶ୍ୱରପୁର, ଉପରବରୁଆଁ ଓ ଜମଧର ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବରୁଆଁ ପାକ୍ସ ପକ୍ଷରୁ ଚଳିତ ବର୍ଷର ଧାନମଣ୍ଡି ଶୁକ୍ରବାର ଖୋଲାଯାଇଛି। ବରୁଆଁ କୃଷି ସେବା ସମବାୟ ସମିତି ସଭାପତି ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସରପଞ୍ଚ ସୁଜିତ ରାୟ, ବାଦଲ ଝୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲାମ ଅଲ୍ଲୀ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଚାଷୀ ଆର୍ତ୍ତତ୍ରାଣ ବଳ, ସୂର୍ଯ୍ୟମଣି ଜେନା, ନାରାୟଣ ରାଉତ, ପ୍ରଦୀପ ସେନାପତି, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭାସ୍କର ଦାସ, ନୋଡାଲ ଅଫିସର ଅମରେନ୍ଦ୍ର ସାହୁ ଓ ସମ୍ପାଦକ ରାଜକିଶୋର ଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖଣି ବିଭାଗର ଚଢ଼ାଉ, ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି,୩୦।୧(ବିକାଶ ଚନ୍ଦ୍ର ମଲ୍ଲିକ)

ଯାଜପୁର ଜିଲା ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ବୋଝେଇ ଏକ ହାଇୱା ଜବତ କରାଯାଇଛି। ଷଠିପୁରଠାରେ ଉକ୍ତ ହାଇୱା (ଓଡି୨୨ଏଏ୫୨୧୬)କୁ ଖଣି ବିଭାଗ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ହାଇୱା ଚାଳକ ବାଲି ପରିବହନ ନେଇ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଖଣି ଅଧିକାରୀ ଗାଡ଼ିକୁ ଜବତ କରି ପୋଲିସ ଜିମା ଦେଇଥିଲେ।

### ଜେନାପୁରରେ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଜେନାପୁର,୩୦।୧(ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧର୍ମଶାଳା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟର ସମସ୍ତ ସଭ୍ୟ ଓ ଭାଜପା କର୍ମୀ ଉପସ୍ଥିତ ରହି ଚିକିତ୍ସା ପାଇଁ ଆସୁଥିବା ରୋଗୀ କିପରି ସୁବିଧାରେ ସେବାପାଇବେ ସେ ଦିଗରେ ସହଯୋଗ କରିଥିଲେ। ଶିବିରରେ ଡାକ୍ତରମାନେ ଉପସ୍ଥିତ ରହି ଜେନାପୁର ପଞ୍ଚାୟତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା।

## ଶ୍ରେଷ୍ଠତ୍ୱ ପ୍ରଦର୍ଶନ କଲେ ୨୦୦ ବିଦ୍ୟାର୍ଥୀ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### କଳିଙ୍ଗ ପାଠାଗାରର ବାର୍ଷିକୋତ୍ସବ, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ରସୁଲପୁର,୩୦।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଚଣ୍ଡିପୁର କଳିଙ୍ଗ ପାଠାଗାରର ୧୭ତମ ବାର୍ଷିକୋତ୍ସବ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୨୫ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧ରୁ୫ମ ବିଦ୍ୟାର୍ଥୀଙ୍କୁ ନେଇ କନିଷ୍ଠ ଓ ୬ରୁ ୮ମ ବିଦ୍ୟାର୍ଥୀଙ୍କୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ଗଣିତ, ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଭଳି ବିଭିନ୍ନ ବିଭାଗରେ ପରୀକ୍ଷା କରାଯାଇ ପ୍ରତିଭା ଚୟନ କରାଯାଇଥିଲା। କୁନି ବିଦ୍ୟାର୍ଥୀଙ୍କୁ ନେଇ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଚାରକମଣ୍ଡଳୀ ଦ୍ୱାରା ପିଲାଙ୍କ ପ୍ରତିଭା ମୂଲ୍ୟାୟନ କରାଯାଇଥିଲା।

ପ୍ରତିଭା ସମ୍ମାନ ଉତ୍ସବରେ ଚଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଦେହ୍ରନାଥ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପ୍ରଭଞ୍ଜନ ପତି, ମୁଖ୍ୟବକ୍ତା ଭାବରେ ଯାଜପୁର ଜିଲା ଓଷ୍ଟା ସଂଘ ସଭାପତି ସୁନନ୍ଦ ରାଉତ, ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ପ୍ରସନ୍ନ ସେଠୀ, ଶିକ୍ଷକ ଅବିନାଶ ଆଏଚ, ଶିକ୍ଷାବିତ୍ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଣ୍ଡିପୁର ଗ୍ରାମର ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଆଦି ଶିକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ ଚନ୍ଦନ ସୌରଭ, ସୁନେନା ସାହୁ, ସୁଦେଷ୍ଣା ସାହୁ, ସତ୍ୟଜିତ୍ ସାହୁଙ୍କୁ କଳିଙ୍ଗ ମେଧା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା। ଚଣ୍ଡିପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷା, ସାହିତ୍ୟ, କଳା, ଆଚରଣ, ଶୃଙ୍ଖଳା ଆଦି ବିଭିନ୍ନ ଗୁଣରେ ଉନ୍ନତ ପ୍ରଦର୍ଶନ କରିଥିବା ପିଲାଙ୍କୁ ଶ୍ରେଷ୍ଠ ପ୍ରତିଭା ଭାବରେ ସମ୍ମାନିତ କରାଯାଇଥିଲା। ପାଠାଗାର ସମ୍ପାଦକ ବିଷ୍ଣୁଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଘ ସଭାପତି ସ୍ୱାଗତ ଭାଷଣ ଓ ପାଠାଗାରର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କଳିଙ୍ଗ ଯୁବକ ସଂଘର କୁନି କଳାକାରଙ୍କ ଦ୍ୱାରା ବସ୍ ଯାତ୍ରା ସମୟରେ ଦିବ୍ୟାଙ୍ଗ, ଗର୍ଭବତୀଙ୍କ ପ୍ରତି କଭଳି ଆଚରଣ ପ୍ରଦର୍ଶନ କରାଯିବାର ଆବଶ୍ୟକତା ରହିଛି ସେନେଇ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ବୁଲୁ ସାହୁ, ବିଚିତ୍ର ଲେଙ୍କା, ସମର୍ଜିତ ଗରେଡିଆ, ସ୍ୱର୍ଣ୍ଣପ୍ରଭା ସାହୁ, ଉପାସନା ସାହୁ ଓ ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଜନସାଧାରଣ ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ

### ଗଣତନ୍ତ୍ର ମୂଲ୍ୟବୋଧ ସମ୍ପର୍କିତ ଆଲୋଚନାଚକ୍ର

ରସୁଲପୁର,୩୦।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଜୁନଗର ଲାୟନ୍ସ କ୍ଲବ ଆନୁକୂଲ୍ୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଗଣତନ୍ତ୍ର ମୂଲ୍ୟବୋଧ ସମ୍ପର୍କିତ ଏକ ଆଲୋଚନାଚକ୍ର ସଭାପତି ଜନ୍ମେଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ସମ୍ବିଧାନ ବିଶାରଦଙ୍କଠାରୁ ସମ୍ବିଧାନର ମୂଳ ଲକ୍ଷ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ସମ୍ବିଧାନବିତ୍ ରୁଦ୍ରନାରାୟଣ ପୃଷ୍ଟି, ଗାନ୍ଧିବାଦୀ ନେତା ରାମଚନ୍ଦ୍ର ଶୁକ୍ଳ, ସାମାଜିକକର୍ମୀ ଦେବବ୍ରତ ରାଉତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକର ଭାରତବର୍ଷର ଗଣତନ୍ତ୍ରକୁ ଶ୍ରେଷ୍ଠ ଗଣତନ୍ତ୍ର ଭାବରେ ପରିଗଣିତ କରିବାକୁ ଲକ୍ଷ୍ୟ ରଖିଥିଲେ ବୋଲି କହିଥିଲେ। ଏଥିସହିତ ସମ୍ବିଧାନର ଅସଲ ରହସ୍ୟ ସମ୍ପର୍କରେ ଜନସାଧାରଣ ସଚେତନ ହୋଇପାରିଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ସମ୍ବିଧାନ ପ୍ରଣେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କ୍ଲବ ସଦସ୍ୟ ମାନସ ଆଚାର୍ଯ୍ୟ, ଦେବାଶିଷ ନାୟକ, ସରୋଜ ସାହୁ, ବିକାଶ ସାହୁ, ବୈକୁଣ୍ଠ ନାଥ, ନାରାୟଣ ପରିଡ଼ା ଓ ରଚନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଜୀବକୋଷ ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା କଲେଜ ଅଧକ୍ଷ ଓ ଅଧାପିକା।

ବଡ଼ଚଣା,୩୦।୧(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ 'ଜୀବକୋଷ ସଂରକ୍ଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧାପିକା ରଞ୍ଜିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବକୋଷ ସଂରକ୍ଷଣ କିପରି ଜୀବନର ସବୁଦିଗ ସହିତ ଜଡ଼ିତ ଏବଂ ଏହାଦ୍ୱାରା କିଭଳି ଗବେଷଣା ଇତ୍ୟାଦି ସମ୍ଭବ ହୋଇପାରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକା ସରୋଜିନୀ ମିଶ୍ର ଜୀବକୋଷ ସଂରକ୍ଷଣ କାର୍ଯ୍ୟାବଳୀ ଓ ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। ଅଧାପିକା ଇପ୍‌ସିତା ସାହୁ ବିଷୟ ବସ୍ତୁର ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରଜ୍ଞାପାରମିତା ସାହୁ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଆଲୋଚନାଚକ୍ରରେ ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତଥିଲେ।

## ଶିଶୁ ମହୋତ୍ସବ, ପ୍ରତିଭା ଚୟନ ଉତ୍ସବ




ବରୀ,୩୦।୧(ମହେନ୍ଦ୍ର ସ୍ୱାଇଁ)

ବରୀ ଶିକ୍ଷା ମଣ୍ଡଳ ଅଧୀନ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଓ ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ଡ. ନୃସିଂହ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡନର ନିର୍ଦ୍ଦେଶକ ତ୍ରିଦେବ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରାଥମିକସ୍ତରରୁ ଚିହ୍ନଟ କରିବା କ୍ଷେତ୍ରରେ ଗୁରୁମା, ଗୁରୁଜୀ ଏବଂ ଅଭିଭାବକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ବରୀ ଶିକ୍ଷାମଣ୍ଡଳ ଅଧିକାରୀ ପ୍ରତିଶ୍ରୁତି ସିଂ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଭାଗ୍ୟଧର ସାହୁ, କର୍ଣ୍ଣଚନ୍ଦ୍ର ଘଡ଼ାଇ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ସମ୍ପାଦକ ପ୍ରିୟରଞ୍ଜନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରୀ ଅଞ୍ଚଳର ସୁନାମଧନ୍ୟ ନିର୍ଦ୍ଦେଶକ ଅଭୟ ଶତପଥୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ, ଭଜନ ପରିବେଷଣ କରିବା ସହ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ରମା ଦାସ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ବିଶାରଦ ଗୋକୁଳାନନ୍ଦ ଦାଶ ସ୍ମୃତି ସମ୍ମାନ, ଶିକ୍ଷକ ନେତା ଲୋକନାଥ ଦାସ ସ୍ମୃତି ସମ୍ମାନ ଓ ଯୁଧିଷ୍ଠିର ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀରେ ଭାଗନେଲେ ୫୦ ଛାତ୍ରୀଛାତ୍ର

ଯାଜପୁରଟାଉନ,୩୦।୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥି।

ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେଣ୍ଟର ଫର୍ ଏନଭାଇରମେଣ୍ଟାଲ ଷ୍ଟଡି(ସିଇଏସ୍) ଓ ମେକର ଘାଟ ଆନୁକୂଲ୍ୟରେ ଯାଜପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୦ ବ୍ଲକରୁ ୫୦ ଛାତ୍ରୀଛାତ୍ର ଓ ସେମାନଙ୍କ ସହଯୋଗୀ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର 'ପରିପୋଷଣୀୟ ଜୀବନଶୈଳୀ ବିକାଶରେ ବିଷୟକୁ ଭିତ୍ତିକରି ଶକ୍ତି ସଂରକ୍ଷଣ, ଜଳସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର ନ କରିବା, ଅଦରକାରୀ ପଦାର୍ଥର ପୁନଃ ବ୍ୟବହାର ଓ ଉତ୍ତମ ସ୍ୱାସ୍ଥ୍ୟ ଆଦି ବିଷୟରେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରୀ ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ପ୍ରିସ୍ମପ୍ରିୟା ସାମଲ ପ୍ରଥମ, ଜାମଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆୟୁଷ୍ମାନ ରାଉତ ଦ୍ୱିତୀୟ ଓ ମହାବିନାୟକ ବିଦ୍ୟାୟନର ଛାତ୍ରୀ ସୋନାଲି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିଇଏସ୍‌ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ, ମୁଖ୍ୟବକ୍ତା ଭାବେ ଜିଲାଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ମେକରଘାଟର ମ୍ୟାନେଜର କପିଳାସ ଅବଦାର, ଜିଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଯୋଗଦାନ କରିଥିଲେ।

ବିଚାରକ ଭାବେ ଶରତ ସାହୁ, ସୁଧାଂଶୁ ଶେଖର ରଥ, ନାରାୟଣ ଚନ୍ଦ୍ର ଶାସିନ ଯୋଗଦେଇ ଏନଭାଇରମେଣ୍ଟାଲ ଏଜୁକେସନ ପ୍ରୋଗ୍ରାମ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଅନ୍ୟ ବିଚାରକ ଆଶୁତୋଷ ବଳ ଓ ଜୟନ୍ତ କୁମାର ସାମଲ ମେକରଘାଟ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଶିକ୍ଷକ ଦୀନବନ୍ଧୁ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିସି କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ନାରାୟଣ ଚନ୍ଦ୍ର ଶାସିନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟନ୍ତ ସାମଲ ସମ୍ମାନିତ ଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ, ଉକ୍ତ ବିଦ୍ୟାଳୟର ପ୍ରଧାଶିକ୍ଷକ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ୧୦ ବ୍ଲକ ସାଇନ୍ସ କୋଅର୍ଡିନେଟର, ମ୍ୟୁନିସିପାଲ ହାଇସ୍କୁଲର ଶିକ୍ଷକ ହେମନ୍ତ ସାହୁ, ଜୟଶ୍ରୀ ସାମଲ, ପ୍ରତାପ ମିଶ୍ର ଓ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଜିଲାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୩୧ ତାରିଖ ଶନିବାର ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା।

# ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ

■ ପାନୀୟ ଜଳ ପାଇଁ ଆନ୍ଦୋଳନ

■ ନଳକୂପରୁ ବାହାରୁଛି କଳା, ଗୋଳିଆ ପାଣି



ରାସ୍ତାରେ ମହିଳାମାନେ ଗରା, ବାଲ୍‌ଟି ରଖି ରାସ୍ତାରୋକୋ କରିଛନ୍ତି।

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ନିକଟସ୍ଥ ନୟାଗଡ଼ ବ୍ଲକର ଲେଖନପୁର ଗାଁରେ ଶୀତଋତୁରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ଲେଖନପୁରରେ ଥିବା ୨ଟି ନଳକୂପରୁ ଅପରିଷ୍କାର ପାଣି ବାହାରୁଥିବାବେଳେ ପାନୀୟ ଜଳ ପ୍ରକଳ୍ପ ଯୋଗେ ପାଣି ଆସୁନାହିଁ। ସ୍ଥାନୀୟ ଲୋକ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ ପରେ ସମାଧାନ ହୋଇପାରିଲା ନାହିଁ। ଏଭଳିସ୍ଥଳେ ଗ୍ରାମବାସୀ ଭିଆଇପି ରାସ୍ତା କୁହାଯାଉଥିବା ପିଟିଏସ ପୁରୁଣା ସହରର ଜଗନ୍ନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାକୁ ଲେଖନପୁରଠାରେ ସକାଳ ସାଢ଼େ ୭ଟାରେ ଅବରୋଧ କରିଥିଲେ। ରାସ୍ତାରେ ଗରା, ବାଲଟି ରଖି ମହିଳାମାନେ ଆନ୍ଦୋଳନ କରିଥିଲେ। ଖବରପାଇ ନୟାଗଡ଼ ଟାଉନ ଥାନା ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ପରେ ଆରଡବ୍ଲୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ପାଣି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେସକାଳ ସାଢ଼େ ୮ଟାରେ ରାସ୍ତାରୋକୋ ହଟିଥିଲା।

ଏ ନେଇ ନୟାଗଡ ମାଧୁରୀ ନାୟକ କହିଛନ୍ତି, ଲେଖନପୁର ସାଇ ମନ୍ଦିର ପାଖ ନଳକୂପରୁ ଗୋଳିଆ ପାଣି ବାହାରୁଛି। ଭିଆଇପି ରାସ୍ତା ପାଖର ନଳକୂପରୁ କଳାରଙ୍ଗର ପାଣି ବାହାରୁଛି। ଉଭୟ ନଳକୂପର ପାଣି ପାନୀୟ ଉପଯୋଗୀ ନୁହଁ। ଆରଡବ୍ଲୁଏସ୍‌ଏସ୍ ପକ୍ଷରୁ କରାଯାଇଥିବା ପାନୀୟଜଳ ପ୍ରକଳ୍ପରୁ ଗାଁକୁ ପାଣି ଆସୁନି। ନୟାଗଡ଼ ସହର ପାଖ ଗାଁ ହୋଇ ଶୀତଋତୁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏଣୁ ମଇଳା ପାଣି ପିଇବାକୁ ପଡୁଛି। ଏଭଳିସ୍ଥଳେ ପାନୀୟଜଳ ପାଇଁ ରାସ୍ତାରୋକୋ କରିବାକୁ ପଡିଛି। ଯମୁନା ନାୟକ କହିଛନ୍ତି, ଜିଲା ସଦର ମହକୁମାରେ ରହିବି ଭଲ ପାଣି ମୁନ୍ଦେ ପିଇବାକୁ ମିଳୁନାହିଁ। ନିକଟରେ ପୁଣି ଜିଲା ପରିଷଦ କାର୍ଯ୍ୟାଳୟ ରହିଛି। ଦୂଷିତ ପାଣି ପିଇ ଗାଁରେ କିଡନୀ ରୋଗ ଦେଖା ଦେଇଛି। କେତେଜଣ ଲୋକ କିଡନୀ ରୋଗରେ ପ୍ରାଣ ହରାଇ ସାରିଲେଣି ଓ କିଛି ଲୋକ ଆକ୍ରାନ୍ତ ହୋଇ ପଡିଛନ୍ତି। ପୋଖରୀ ମଧ୍ୟ ଅଧାଖଣ୍ଡିଆ ହୋଇ ପଡି ରହିଛି। ପାଣି ସମସ୍ୟା ସମାଧାନ ନ ହେଲେ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଆରଡବ୍ଲୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ପଣ୍ଡାଙ୍କୁ ପଚାରିବାରେ ଲେଖନପୁର ଗାଁ ଲୋକ ରାସ୍ତାରୋକୋ କରିବା ପରେ ସେଠାରେ ପହଞ୍ଚି ପାଣି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲୁ। ପାଣି ସମସ୍ୟା ସମାଧାନ ନ ହେଲେ ଟ୍ୟାଙ୍କର ଯୋଗେ ପାଣି ଯୋଗାଯିବ। ତେବେ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପକୁ ସଜାଡିବାକୁ ଉଦ୍ୟମ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

## ବିଧାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ



କୁମ୍ଭାରପଡା ଧାନମଣ୍ଡିକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରୁଛନ୍ତି।

ଖଣ୍ଡପଡ଼ା, ୩୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା, ବଡବାଣପୁର, କୁମ୍ଭାରପଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଧାନମଣ୍ଡି ଖୋଲିବା ସହ ଏଗୁଡିକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଚାଷୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। କୁମ୍ଭାରପଡାରେ ସାମାଜିକ କର୍ମୀ ସତୀକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସ୍ୱାଇଁ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂହ, ପାକ୍ସର ସମ୍ପାଦକ ବିଭୂତି ଭୂଷଣ ବାରିକ ଉପସ୍ଥିତ ଥିଲେ। ବଡବାଣପୁର ପାକ୍ସର ମଣ୍ଡି ବିଧାୟକ ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ସିଂହ ଓ ବାଣପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି। ସେହିପରି କଣ୍ଟିଲୋ ପାକ୍ସର ସମ୍ପାଦକ ବିଭୁ ପ୍ରସାଦ ସାହୁ, ସଭାପତି ମାଧବ ଚନ୍ଦ୍ର ସାହୁ, ଏସଏଲପିସି ତଥା ରାଜସ୍ୱ ନିରୀକ୍ଷିକା ନିବେଦିତା ଶତପଥି, ଧାନ ମାନ ପରୀକ୍ଷକ ହରିସ୍ ଚନ୍ଦ୍ର ବେହେରା ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ଉପସ୍ଥିତରେ ମଙ୍ଗଳବାର ସନ୍ଧ୍ୟାରେ କଣ୍ଟାପଲ୍ଲା ପୂଜାର୍ଚ୍ଚନା କରାଯାଇ ଧାନର ମାନ ଯାଞ୍ଚ କରାଯିବା ପରେ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଇସ ମିଲର ସର୍ଦ୍ଦାର ଇଣ୍ଡଷ୍ଟ୍ରିଜ ଏହି ମଣ୍ଡିରୁ ଧାନ ସଂଗ୍ରହ ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସମ୍ପାଦକ ସାହୁଙ୍କଠାରୁ ପ୍ରକାଶ। ତେବେ ୨୦ ଜଣ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ୯୯ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ବୁଧବାର ୨୦ ଜଣ ଚାଷୀଙ୍କଠାରୁ ୪୭୨.୧୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ସାହୁଙ୍କଠାରୁ ପ୍ରକାଶ।

## ଟିଉଶନକୁ ଯାଇଥିବା ନାବାଳିକା ବଳାତ୍କାରର ଶିକାର, ଅଭିଯୁକ୍ତ ଫେରାର

ଶରଣକୁଳ, ୩୦।୧ (ଦୀପକ କର)

ଶରଣକୁଳ ଥାନା ଅଞ୍ଚଳରେ ଜଣେ ୧୦ବର୍ଷର ନାବଳିକା ଟିୟୁସନ କରିବାକୁ ଯାଇ ବଳାତ୍କାରର ଶିକାର ହୋଇଛନ୍ତି। ଏ ନେଇ ନାବାଳିକାଙ୍କ ମାମୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶୁକ୍ରବାର ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମଗରବନ୍ଧ ପଞ୍ଚାୟତ ଫାଶିପଲ୍ଲୀ ନୂଆଗାଁର ଦୀପ୍ତିରଞ୍ଜନ ପରିଡ଼ା (୨୪) ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଦୀପ୍ତିରଞ୍ଜନଙ୍କ ମା’ ସୁଶାନ୍ତି ଘରେ ଟିଉସନ କରୁଥିବାରୁ ଗତ ୨୮ତାରିଖରେ ଛାତ୍ରୀଛାତ୍ରମାନେ ଘରକୁ ଆସିଥିଲେ। କିନ୍ତୁ ଶିକ୍ଷୟିତ୍ରୀ ଏକ ଜରୁରୀ କାମରେ ବାହାରକୁ ଚାଲିଯାଇଥିଲା ବେଳେ ଦୀପ୍ତରଞ୍ଜନ ଘରେ ସମସ୍ତ ପିଲାଙ୍କୁ ଛାତ ଉପରକୁ ତଡ଼ି ଦେଇ ଜଣେ ନାବାଳିକାଙ୍କୁ ତଳେ ଗଣିତ ପାଠ ପଢାଇବାକୁ କହି ରଖିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ଏକ ଘର ଭିତରକୁ ନେଇ ଅଶ୍ଳୀଳ ବ୍ୟବହାର କରିବା ସହିତ ବଳାତ୍କାର କରିଥିଲେ। ନାବାଳିକା ଅରାଜି ହେବାରୁ ତାକୁ ମାଡ଼ମାରି ତଣ୍ଟି ଚିପି ଦେବେ ବୋଲି ଧମକ ଦେଇଥିଲେ। ନାବାଳିକା ଘରକୁ ଆସି ମାମୁ ଓ ମାଇଁଙ୍କୁ ସବୁକଥା କହିବା ପରେ ଦୁହେଁ ଦୀପ୍ତିରଞ୍ଜନଙ୍କ ମାଆ ସୁଶାନ୍ତିଙ୍କୁ ସବୁକଥା ଜଣାଇଥିଲେ। ଏହିକଥା ପ୍ରଘଟ ହେବା ପରେ ଦୀପ୍ତିରଞ୍ଜନ ଗାଁ ଛାଡ଼ି ଫେରାର ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୮/୨୬ରେ ମାମଲା ରୁଜୁ କରି ନାବାଳିକାଙ୍କ କୋର୍ଟରେ ହାଜର କରାଇ ବୟାନ ରେକର୍ଡ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୁଜିତ କୁମାର ଦାସ କହିଛନ୍ତି।

## ପଞ୍ଚୁପାଣ୍ଡବ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ




କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ନୂଆଗାଁ, ୩୦।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନୀ ଦିବସରେ ପଞ୍ଚୁପାଣ୍ଡବ ପୀଠଠାରୁ ମଶାଲ ଆସିଥିଲା। ବିରୁପାକ୍ଷେଶ୍ୱର ମନ୍ଦିରଠାରୁ ନାମ ସଙ୍କୀର୍ତ୍ତନ ସହିତ ଜନସମାବେଶରେ ଶୋଭାଯାତ୍ରା ବାହାରି ବଜାର ଦେଇ ମହୋତ୍ସବ ପଡିଆଠାରେ ପହଞ୍ଚି ଥିଲା। ମହୋତ୍ସବ କମିଟର ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୫ ଟାଠାରୁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ କଳାକାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ବହୁ ସମୟ ଧରି ମଞ୍ଚ ନିକଟରେ ବାନ୍ଧି ରଖି ପାରିଥିଲା।

କାର୍ଯ୍ୟକ୍ରମ ଆରମ୍ଭରେ ନୂଆଗାଁ ବନ୍ଦନା ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ସିଂଘମ ଡ୍ୟାନ୍ସ ଗ୍ରୁପ, ଅନୁଚିନ୍ତନମ ଡ୍ୟାନ୍ସ ଗ୍ରୁପ୍, ସଂସ୍କୃତି ଭାରତୀ ଡ୍ୟାନ୍ସ ଗ୍ରୁପ୍ ନିଜର କଳା ପ୍ରଦର୍ଶନ କରିଥିଲେ। ସିନେ ତାରକା ଦିବ୍ୟା ମହାନ୍ତି ଓ ଡ୍ୟାନ୍ସ ଗ୍ରୁପ୍ ଦର୍ଶକଙ୍କ ମନ ମୋହିଥିଲା।

## ଫାଇନାଲରେ ଦେବାଂଶୀ କ୍ରିକେଟ କ୍ଲବ କଣ୍ଟିଲୋ

ଖଣ୍ଡପଡା,୩୦।୧
(ଅଜୟ କୁମାର ମହାରଣା)

**ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ବାଣପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆଠାରେ ଆରମ୍ଭ ହୋଇଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜିତ ୨ୟ ସେମିଫାଇନାଲ ମ୍ୟାଚରେ ଦେବାଂଶୀ କ୍ରିକେଟ କ୍ଲବ କଣ୍ଟିଲୋ, ବଡବାଣପୁର କ୍ରିକେଟ ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଦେବାଂଶୀ ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ବଡବାଣପୁର ଟିମ ୧୬ ଓଭରରେ ୧୦ ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ କଂଟିଲୋ ଦଳର ବାପି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚନ୍ଦନ ଦଳେଇ ଓ ଅଶୋକ କୁମାର ରାଉତ ଖେଳକୁ ପରିଚାଳନା କରିଥିଲେ। ନିରଞ୍ଜନ ଦଳେଇ ଧାରା ବିବରଣୀ ଦେବା ସହ ଲିମୁନ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଶନିବାର ଫାଇନାଲ ମ୍ୟାଚରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ସହ ଦେବାଂଶୀ କ୍ରିକେଟ କ୍ଲବ କଣ୍ଟିଲୋର ମୁକାବିଲା ହେବ।

## ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ଠାକୁରଙ୍କବେଢ଼ା ପରିକ୍ରମା।

ଖଣ୍ଡପଡ଼ା, ୩୦।୧(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ବା ମାଘ ମେଳାର ପ୍ରଥମ ଦିବସ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ ତଥା ରାତିରେ ବଡ ଏକାଦଶୀ ମହାଦୀପ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। କାଲି ପ୍ରାତଃ ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଭକ୍ତ ମହାନଦୀରେ ବୁଡ ପକାଇ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ନୀଳମାଧବ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ବେଢା ପରିକ୍ରମା ପରେ ରାତି ପ୍ରାୟ ୯ଟାରେ ମହାଦୀପ ଉଠିଥିଲା।

## କଟ୍‌ନି ଛଟ୍‌ନି ନ ହେଲେ ଉଠୁନି ଧାନ



ଜିଲାପାଳଙ୍କୁ ନବନିର୍ମାଣ କୃଷକ ସଙ୍ଗଠନର ୩ ଚାଷୀ ଭେଟି ଫେରୁଛନ୍ତି।

ନୟାଗଡ଼, ୩୦।୧(ଲୋକନାଥ ମିଶ୍ର)

**ଜିଲାପାଳଙ୍କ ପ୍ରତିଶ୍ରୁତି କାମ କରୁନି**

ଧାନରେ କଟନି ଛଟନିକୁ ବନ୍ଦ ନ ହେବାରୁ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲା ସଂଯୋଜକ ପ୍ରସନ୍ନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଏକାଠି ହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ଚାଷୀମାନେ ଜିଲାପାଳଙ୍କୁ ଭେଟି କହିଛନ୍ତି, ଗତ ୨୨ ତାରିଖରେ ୫ ଦଫା ଦାବି ନେଇ ଆପଣଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ନୟାଗଡ଼ର ଚାଷୀମାନେ ବିକ୍ଷୋଭ କରିଥିଲେ। ବିକ୍ଷୋଭ ସଭାରେ ଆପଣ ଯୋଗଦେଇ କଟନି ଛଟନି ହେବନି ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ମିଲର କଟନି ଛଟନି ନ ହେଲେ ଧାନ କିଣୁନାହାନ୍ତି। ଜିଲାର ସବୁ ମଣ୍ଡିରେ ୭ କିଲୋ ୫୦୦ରୁ ଅଧିକ ଧାନ କୁଇଣ୍ଟାଲ ପିଛା କଟନି ଛଟନି ଚାଲିଛି ବୋଲ କହିଥିଲେ। ଜିଲାପାଳ ଚାଷୀଙ୍କ ଅଭିଯୋଗ ଶୁଣି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ପିଙ୍କିଛକଠାରେ ବିଶ୍ୱଶାନ୍ତି ଗୀତାଯଜ୍ଞ

ଦଶପଲ୍ଲା, ୩୦।୧
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ପିଙ୍କିଛକସ୍ଥିତ କଲୋନୀରେ ଗୀତାଯଜ୍ଞ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ବନପାଳ ପ୍ରଫୁଲ୍ଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୀତା ଯଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ପୂଜା ସହ ହୋମଯଜ୍ଞ ଏବଂ ପୂର୍ଣ୍ଣାହୁତ କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ ବୈଦିକ ପଣ୍ଡିତ ଜିତେଶ କୁମାର ଦାଶ, ଜିତେନ୍ଦ୍ର କୁମାର ତ୍ରିପାଠୀ, ବେଣୁ ଭୂଷଣ ନନ୍ଦ ଏବଂ ଶିବପ୍ରସାଦ ମହାପାତ୍ରଙ୍କ ଦ୍ୱାରା ବେଦ ପଠନ, ସୂର୍ଯ୍ୟପୂଜା, ଦେବୀଙ୍କ ଆବାହନ, ଆବାହନ, ଗୀତାପାଠ ପ୍ରଭୃତି କାର୍ଯ୍ୟ କରାଯାଇଥିଲା। କର୍ତ୍ତା ଭାବେ ପ୍ରଫୁଲ୍ଲ କୁମାର ଦାସ ଓ କର୍ତ୍ତି ଭାବେ ଶାନ୍ତିଲତା ମିଶ୍ର ହୋମଯଜ୍ଞରେ କାର୍ଯ୍ୟ କରିଥିଲେ। ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟରେ ଏହି ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ଫାଇନାଲରେ ତଳମାରଡ଼ା କ୍ରିକେଟ ଟିମ୍

ଭାପୁର, ୩୦।୧ ( ପ୍ରଭାତ ବରାଡ)

**ମା’ ସଞ୍ଜାଇ ଦେବୀ ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ**

ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ମିନି ଷ୍ଟାଡିୟମରେ ଚାଲିଥିବା ମା’ ସଞ୍ଜାଇ ଦେବୀ ପ୍ରଥମବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବିଜିପୁର କ୍ରିକେଟ ଟିମ୍ ସହ ତଳମାରଡା କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ବିଜିପୁର ଟିମ୍ ଟସ୍ ଜିତି ବ୍ୟାଟି ନିଷ୍ପତ୍ତି ନେଇ ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା। ଜବାବରେ ତଳମାରଡା କ୍ରିକେଟ ଟିମ୍ ବ୍ୟାଟିଂ କରି ୧୩.୩ ଓଭରରେ ୭ ଉଇକେଟ ହରାଇ ୮୦ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ସୁଧାଂଶୁ ଗୁମାନ ସିଂ ବ୍ୟକ୍ତିଗତ ଭାବେ ବ୍ୟାଟିଂ କରି ୧୨ ବଲରେ ୨୯ ରନ କରିବା ସହ ୨ ଓଭର ବୋଲିଂ କରି ୬ ରନ ଦେଇ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଖେଳ ଯୁଧିଷ୍ଠିର ଦାସ ଓ ଅଖିଳ ରାଉତ ପରିଚାଳନା କରିଥିଲେ। ସ୍କୋର ସହାୟତା ତପନ ରାଉତ, ଶିବପ୍ରସାଦ ଦାସ କରିଥିଲେ, ଭାଷ୍ୟକାର ଭାବେ ରାମ ପ୍ରସାଦ ବଡ଼ଜେନା କାର୍ଯ୍ୟ ତୁଲାଇଥିଲେ। ଉକ୍ତ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ସାମାଜିକ କର୍ମୀ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ଆୟୋଜକ ଓ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଆରିକିମା କ୍ରିକେଟ ଟିମ୍ ସହ ତଳମାରଡା କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟଦଳର ଖେଳାଳିମାନେ।

## ସରକାରୀ ଜାଗାରୁ ମୋରମ ଚୋରାଚାଲାଣ

■ ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

■ ରାଜସ୍ୱ ହରାଉଛନ୍ତି ସରକାର

ନୂଆଗାଁ, ୩୦।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟ ଅଧୀନ କାପ୍ତାପଲ୍ଲୀ ପଞ୍ଚାୟତ ବାମୁରୀ ଓ ନାରିଆମ୍ବା ଆଦି ଗ୍ରାମର ସଂରକ୍ଷିତ ଜଙ୍ଗଲ ନିକଟକୁ ଲାଗି ରହିଥିବା ସରକାରୀ ଜମିରୁ ମୋରମ ଚୋରା ଚାଲଣ ହେଉଥିବା ଅଭିଯୋଗ ହେଉଛି। ପରିବେଶ ସୁରକ୍ଷା ସହିତ ରାଜସ୍ୱ ବୃଦ୍ଧି ପାଇଁ ସରକାର ଅନେକ କଡାକଡି ଆଇନ କରିଛନ୍ତି। ବାଲି, ପଥର, ମୋରମ ଚୋରା ଚାଲଣରେ ରୋକ ଲଗାଇବା ପାଇଁ ଉଦ୍ୟମ ଜାରି ରହିଛି। ପୂର୍ବରୁ ଏସବୁର ଦାୟିତ୍ୱ ତହସିଲ ଅଧୀନରେ ରହିଥିବା ବେଳେ ବର୍ତ୍ତମାନ ତାହାର ସୁରକ୍ଷା ପାଇଁ ଖଣି ବିଭାଗକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଫଳରେ ନୂଆଗାଁ ତହସିଲ କାର୍ଯ୍ୟାଳୟ ଅଧୀନରୁ ମୋରମ ଚୋରା ଚାଲଣ ବୃଦ୍ଧି ପାଇବାରେ ଲାଗିଛି। ସବୁ ଜାଣି ତହସିଲ ବିଭାଗର ଅଧିକାରୀ କର୍ମଚାରୀ ହାତ ବାନ୍ଧି ବସିଛନ୍ତି।

ନୂଆଗାଁ ତହସିଲ କାପ୍ତାପଲ୍ଲୀ ଓ ବାହାଡାଖୋଲା ଆର୍‌ଆଇ କାର୍ଯ୍ୟାଳୟ



ଅନାବାଦୀ କିସମ ଜାଗାରୁ ମୋରମ ଉଠିବା ପରେ ଖାଲ ସୃଷ୍ଟି ହୋଇଛି।

ତଥା ଗୁମୀ ଫରେଷ୍ଟ ଅଧୀନ ବାମୁରୀ, ନାରିଆମ୍ବା ନିକଟରୁ ବହୁ ହଜାର ଟ୍ରିପ୍ ମୋରମ ଚୋରା ଚାଲାଣ ହୋଇଯାଇଛି। ପାହଡକୁ ଲାଗି ରହିଥିବା ଅନାବାଦୀ କିସମ ଜାଗାରୁ ମୋରମ ଖୋଳି ନିଆଯାଉଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ମୋରମ ଖୋଳା ଯାଇଥିବା ସ୍ଥାନରେ ଅନେକ ମୂଲ୍ୟବାନ ଗଛ ରହିଥିଲା। ସେସବୁକୁ ଠିକାଦାରମାନେ କାଟି ପ୍ରତିଦିନ ବହୁ ଶହ ଟ୍ରିପ ମୋରମ ନେଉଛନ୍ତି। ଏହାକୁ ବିରୋଧ କଲେ ଆମେ ଆକ୍ରୋଶର ଶିକାର ହେଉଛୁ। ଜଙ୍ଗଲର ଅନେକ ସ୍ଥାନରୁ ମୋରମ ନିଆଯାଉଛି। ମୋରମ ନେବା ପାଇଁ ଗଛକାଟି ରାସ୍ତା ମଧ୍ୟ ତିଆରି କରାଯାଇଛି। ବନ ବିଭାଗ ଓ ଆର୍‌ଆଇ କାର୍ଯ୍ୟାଳୟରେ ଅଭିଯୋଗ କଲେ କେହି ଶୁଣୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତହସିଲ କାର୍ଯ୍ୟାଳୟ ଅଧୀନରେ ସରକାରୀ ଜମି ରହିଥିଲେ ମଧ୍ୟ ଉକ୍ତ ଜମିରୁ ମୋରମ ଚୋରା ଚାଲଣ ପରେ ତହସିଲ ଅଧିକାରୀ ଓ କର୍ମଚାରୀ ନୀରବ ରହିବା ସେମାନଙ୍କ କାର୍ଯ୍ୟ ଦକ୍ଷତା ଏବଂ କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ମୋରମ ଚୋରା ଚାଲଣକୁ ରୋକିବା ଅଧିକାର ଆମ ପାଖରେ ଆଉ ନାହିଁ। ସେ ଦାୟିତ୍ୱ ଖଣି ବିଭାଗକୁ ଦିଆଯାଇଛି। ଆମେ ଦାୟିତ୍ୱରେ ଥିବା ସମୟରେ ମୋରମ ଗାଡ଼ି ଜବତ କରି କାର୍ଯ୍ୟାନୁଷ୍ଠାନ ନେଉଥିଲୁ। ଏ ସଂକ୍ରାନ୍ତରେ ସ୍ଥାନୀୟ ଆର୍‌ଆଇଙ୍କ ସହ ଆଲୋଚନା କରି ଜଣାଇବି ବୋଲି ସେ କହିଛନ୍ତି।

**କ୍ରିକେଟ: ପ୍ରଥମ ସେମିରେ ଯାଜପୁର ବିଜୟୀ**

ଏରସମା, (ଦୀପ୍ତି ଖଣ୍ଡୁଆଳ): ଏରସମା ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ୩୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଯାଜପୁରର ଇଲେଭେନ ଷ୍ଟାର ଓ କେନ୍ଦ୍ରାପଡାର ଇଲେଭେନ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଯାଜପୁର ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିଥିଲା। କେନ୍ଦ୍ରାପଡା ଦଳ ବ୍ୟାଟିଂ କରି ୧୮ ଓଭରରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଯାଜପୁର ଦଳ ୧୩ ଓଭରରେ ୧୨୧ ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ଖେଳକୁ ଅମ୍ପାୟାର ଭାବରେ ସୁବ୍ରତ କୁମାର ବରାଳ, ପ୍ରଦୀପ୍ତ ଖଟୁଆ ପରିଚାଳନା କରିଥିଲେ। ଦିବ୍ୟଜ୍ୟୋତି ଦାସ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଥିଲେ।

# ପିଲାମାନେ ଶିକ୍ଷା କ୍ଷେତ୍ରରେ ଆଗେଇ ଦେଶକୁ ଗର୍ବିତ କରନ୍ତୁ

ଜଗତ୍‌ସିଂହପୁର, ୩୦।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାରଠାରୁ ଚାଲିଥିବା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇ ଜିଲା ତଥା ଦେଶକୁ ଗର୍ବିତ କରନ୍ତୁ। ସେ ଏକଥା ମଧ୍ୟ କହିଥିଲେ, ବର୍ତ୍ତମାନର ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଶିକ୍ଷା, ଶିକ୍ଷକ ଓ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ସରକାର ସବୁବେଳେ ସଜାଗ ରହିଥିବା ସେ ମତପ୍ରକାଶ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବାକୁ ଉତ୍ସାହିତ କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ହୋଇଥିବା ପାଭିଲିଆନଗୁଡ଼ିକୁ ବୁଲି ବିଭିନ୍ନ ପ୍ରଦର୍ଶନୀ ଦେଖିଥିଲେ। ଏହି ଅବସରରେ ଆକାଂକ୍ଷୀ ମେଳା, ଇନ୍‌ସ୍ପାୟାରିଂ ଓଡ଼ିଶା, ଆକାଂକ୍ଷୀ ଛାତ୍ର ପରିଷଦ ଦି ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା ଆଦି କ୍ଷେତ୍ରରେ କରାଯାଇଥିବା ଶତାଧିକ ପ୍ରଦର୍ଶନୀ ମଧ୍ୟରୁ ୧୭ଟି ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୦ଟି ପିଏମ୍ ଶ୍ରୀ ବିଦ୍ୟାଳୟ ଅଂଶଗ୍ରହଣ କରିଥିବାବେଳେ ଅନ୍ୟ ବିଦ୍ୟାଳୟର ଶହସ୍ରାଧିକ ଛାତ୍ରୀଛାତ୍ର ଓ ଶିକ୍ଷକ ପାଭିଲିଆନମାନ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚ ଶିକ୍ଷା ସେତୁ ସଙ୍ଗଠନର ଦାୟିତ୍ୱରେ ଥିବା ପଦରାଜ ଉମାକାନ୍ତ ନାୟକ, ସମଗ୍ର ଶିକ୍ଷା ପ୍ରୋଗ୍ରାମର ଚନ୍ଦ୍ରଜିତ ପରିଜା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୁଖ ପରିଚାଳନା କରିଥିବାବେଳେ ସମଗ୍ର ଶିକ୍ଷା ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହୋଯାଗ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ

### ଆଦର୍ଶ ସଂସଦକୁ ନେଇ ଚର୍ଚ୍ଚା

ପିଏମ୍ ଶ୍ରୀ ଉତ୍ସବର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଆଦର୍ଶ ସଂସଦ ବେଶ୍ ଆକର୍ଷଣୀୟ ତଥା ଉତ୍ସାହଜନକ ଥିଲା। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ୮ଟି ପିଏମ୍ ଶ୍ରୀ ବିଦ୍ୟାଳୟର ୫୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂସଦରେ ଯେପରି ଶାସକ ଓ ବିରୋଧୀ ବିଭିନ୍ନ ପ୍ରସଙ୍ଗକୁ ନେଇ ପକ୍ଷ ରଖିଥାନ୍ତି ଅନୁରୂପ ଭାବେ ଆଦର୍ଶ ସଂସଦରେ ଦେଖିବାକୁ ମିଳିଥିଲା। ପ୍ରତିଯୋଗୀମାନେ ସୁନ୍ଦର ଭାବେ ସେମାନଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ। ସଂସଦରେ ଆକାଂକ୍ଷୀ ବିଦ୍ୟାଳୟର ରୂପାୟନ ସଂକ୍ରାନ୍ତରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଏହି ପ୍ରସଙ୍ଗକୁ ନେଇ ଗୃହ ହୁଲସ୍ଥୁଲ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ଶାସକ ଦଳକୁ ଘେରି ଯାଇଥିଲେ ସୁଦ୍ଧା ଶାସକ ଦଳର ମନ୍ତ୍ରୀ ଓ ସଦସ୍ୟମାନେ ଯଥୋଚିତ ଉତ୍ତର ରଖି ଗୃହକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରିଥିଲେ। ଏହା ନିଆରା ପରିବେଶ ସୃଷ୍ଟି କରିଥିଲା। ତେବେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୨ ଜଣ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ନାଉଗାଁ ବ୍ଲକ ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ଜେନା ଓ ଜଗତ୍‌ସିଂହପୁର ବ୍ଲକ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶ୍ରାବଣୀ ଦାସ। ଏହି କାର୍ଯ୍ୟକ୍ରମର ବିଚାରକ ଥିଲେ, ନାଉଗାଁହାଟସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ମୁଖ୍ୟ ହୃଦାନନ୍ଦ ସ୍ୱାଇଁ, ଆଶ୍ରମପାଟଣାସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଓ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଡ. ମନୋଜ କୁମାର ମିଶ୍ର। ଏହି କାର୍ଯ୍ୟକ୍ରମକୁ ନେଇ ବିଦ୍ୟାର୍ଥୀମାନଙ୍କ ଭିତରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀମାନେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସମ୍ମାନିତ କରିଥିଲେ। ସମଗ୍ର ଶିକ୍ଷାର ପ୍ରୋଗ୍ରାମର ଚନ୍ଦ୍ରଜିତ୍ ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨ ରୁ ରାଜ୍ୟରେ ପ୍ରଥମ ଭାରତ ରଙ୍ଗ ମହୋତ୍ସବ

ପାରାଦୀପ, ୩୦।୧ (ଶରତ ରାଉତ)

ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର ଓ ନାଟ୍ୟ ଅନୁଷ୍ଠାନ କାନମାସର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଓ ଭାରତ ରଙ୍ଗ ମହୋତ୍ସବ ଜୟଦେବ ସଦନରେ ଆୟୋଜନ ହେବାକୁ ଯାଉଛି। ଏହି ମହୋତ୍ସବ ଭାରତର ୪୩ଟି ସହରରେ ଆୟୋଜନ ହେବ। ସେଥିମଧ୍ୟରେ ଓଡ଼ିଶାର ପାରାଦୀପ ସ୍ଥାନ ପାଇଛି। ଏନେଇ ସ୍ଥାନୀୟ ଅଫିସର୍ସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାନମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସିଏମ୍‌ଇ ସୁଶୀଲ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଏଥିରେ ଭୁବନେଶ୍ୱର, କୋଲକାତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନମାନେ ଓଡ଼ିଆ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ସିଂହଳୀ ଭାଷାରେ ନାଟକ ପରିବେଷଣ କରିବେ। ପ୍ରଥମ ଥର ପାଇଁ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନର କଳାକାର ଫେବୃଆରୀ ୫ରେ ସିଂହଳୀ ଭାଷାର ନାଟକ ମଞ୍ଚସ୍ଥ କରିବେ ଯାହାକି ପାରାଦୀପ ପରି ସହର ପାଇଁ ଗୌରବ ଆଣିଦେବ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ କାନ୍‌ମାସର ମିଡିଆ ସଂଯୋଜକ ନିରୋଜ ପଟ୍ଟନାୟକ, ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ଏରସମା, ୩୦।୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଜଗତସିଂହପୁର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଆଞ୍ଚଳିକ ପରିବହନ ବିଭାଗର ମୋଟରଯାନ ଅଧିକାରିଣୀ ମନୋରମା ମାଝୀ ଯୋଗଦେଇ ରାସ୍ତାରେ ଯାତାୟାତ ସମୟରେ ଆବଶ୍ୟକ ସତର୍କତା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବରେ ଅଧ୍ୟାପକ କାହ୍ନୁ ଚରଣ ନାୟକ ଛାତ୍ରୀଛାତ୍ରଙ୍କୁ ସଡ଼କ ନିୟମ ଉପରେ କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପ୍ରାଧ୍ୟାପକ କ୍ଷୀରୋଦ ପ୍ରକାଶ ନାୟକ, ସମ୍ମାନିତ ଅତିଥିଭାବେ ଥାନା ଏସ୍‌ଆଇ ଏସ୍.କେ. ଆଚାର୍ଯ୍ୟ, ଅଧ୍ୟାପକ କ୍ଷେତ୍ରବାସୀ ପ୍ରଧାନ, ଅଧ୍ୟାପିକା ଡ. ତିଥି ରାୟ, ସସ୍ମିତା ସାହୁ, ଶୁଭସ୍ମିତା ନାୟକ, ବଡ଼ବାବୁ ପ୍ରଦୀପ୍ତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ସୁନାକର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଧୀରେନ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ଇଫ୍‌କୋ ପରିସରରେ ସିବିଆର୍‌ଏନ୍ ମକ୍‌ଡ୍ରିଲ୍

ପାରାଦୀପ, ୩୦।୧ (ଶରତ ରାଉତ)



ପାରାଦୀପ ଇଫ୍‌କୋ ସାର କାରଖାନା ପରିସରରେ ଶୁକ୍ରବାର କେମିକାଲ, ବାୟୋଲୋଜିକାଲ, ରେଡିଓଲୋଜିକାଲ, ନ୍ୟୁକ୍ଲିୟର (ସିବିଆର୍‌ଏନ୍) ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଡିଆର୍‌ଏଫ୍, ଜିଲା ଆପାତକାଳୀନ ବିଭାଗ, ଅଗ୍ନିଶମ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଷ୍ପିତ କାରଖାନା ବିଭାଗ ଓ ପାରାଦୀପର ସମସ୍ତ ବୃହତ ଶିଳ୍ପ ସଂସ୍ଥା ସୁରକ୍ଷା ଏଜେନ୍ସି ଭାଗ ନେଇଥିଲେ। କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା, ଡେପୁଟି କଲେକ୍ଟର ସୟଦା ନାୟାଲ, ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, ଇଫ୍‌କୋ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଏହାକୁ ଅନୁଧ୍ୟାନ କରିଥିଲେ। ଆମୋନିଆ କେମିକାଲ ପାଇପ୍‌ଲାଇନ ନିର୍ଗତ ସମୟରେ କିପରି ସୁରକ୍ଷା ଏଜେନ୍ସିଗୁଡିକ ତାକୁ ନିୟନ୍ତ୍ରଣ କରିବେ, ଲୋକଙ୍କୁ ସୁରକ୍ଷିତ ରଖିବେ ଓ ପ୍ରଭାବିତ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବେ ସେସବୁ କୌଶଳ ମକ୍‌ଡ୍ରିଲ ଜରିଆରେ ଅଭ୍ୟାସ କରାଯାଇଥିଲା।

## ଚୋରା ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

କୁଜଙ୍ଗ, ୩୦।୧ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ସ୍ଥିତ ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରୁ ଗୁଆମୁଣ୍ଡା ଅଭିମୁଖେ ବିପୁଳ ପରିମାଣର ମଦ ଚୋରା ଚାଲାଣ ବେଳେ କୁଜଙ୍ଗ ପୋଲିସ ଚଢ଼ାଉ କରି ଜବତ କରିଛି। ଏହି ଅଭିଯୋଗରେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ସୁଜିତ କୁମାର ସ୍ୱାଇଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ୨୪ ଲିଟର ବିଦେଶୀ ମଦ ଜବତ ହୋଇଛି। ସୁଜିତ ବାଲିତୁଠସ୍ଥିତ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନର ଜଣେ କାର୍ଯ୍ୟରତ କର୍ମଚାରୀ ଥିବା ପୋଲିସ ସନ୍ଦେହ କରିଛି। ଏନେଇ ପୋଲିସ ନିଜ ଆଡୁ ମାମଲା (ନଂ.୨୭/୨୬) ରୁଜୁ କରି ଅଭିଯୁକ୍ତ ସୁଜିତଙ୍କୁ ଜେଲ ହାଜତକୁ ପଠାଇ ଦେଇଛି। କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କ କହିବା ମୁତାବକ, ସେ ତାଙ୍କ ପୋଲିସ ଟିମ୍ ସହ ଗୁରୁବାର ବିଳମ୍ବିତ ରାତିରେ ବାଲିତୁଠ ଅଞ୍ଚଳର ଏକ ପେସାଦାର ଅପରାଧୀଙ୍କୁ ଧରିବାକୁ ସେଠାରେ ଡେରା ପକାଇଥିବାବେଳେ ସ୍ଥାନୀୟ ମଦ ଦୋକାନରୁ ଏକ ବାଇକ୍ ଯୋଗେ ସୁଜିତ ମଦ ନେଇ ଯାଉଥିବାବେଳେ ପୋଲିସ ଟିମ୍‌ର ନଜରକୁ ଆସିଥିଲା। ଏନେଇ ପୋଲିସ ଟିମ୍ ତାଙ୍କୁ ଧରିବାକୁ ଗୋଡ଼ାଇବାରୁ ସେ ମଦ ଛାଡି ବିଲକୁ ଦୌଡ଼ି ପଳେଇବାକୁ ଚେଷ୍ଟା କରିଥିଲା। ମାତ୍ର ପୋଲିସ ଟିମ୍ କୌଶଳ କ୍ରମେ ତାଙ୍କୁ କାବୁ କରିଛି।

## ମହିଳାଙ୍କ କଥା ବୁଝିଲେ ରାଜ୍ୟ ମହିଳା କମିଶନ ସଦସ୍ୟା



ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ଜଗତ୍‌ସିଂହପୁର, ୩୦।୧ (ପ୍ରମୋଦ କୁମାର ନାୟକ)

ରାଜ୍ୟ ମହିଳା ଆୟୋଗ ସଦସ୍ୟା ପ୍ରତିଭା ଶତପଥୀ ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ମହିଳାମାନଙ୍କ ଆର୍ଥିକ, ସାମାଜିକ ବିକାଶ ସାଙ୍ଗକୁ ନିରାପତ୍ତା ଆଦି ବିଷୟରେ ବୁଝିଛନ୍ତି। ସେ ପ୍ରଥମେ ସ୍ଥାନୀୟ ସଖୀ-ୱାନ ଷ୍ଟପ ସେଣ୍ଟର୍ ଓ ଶକ୍ତି ସଦନ ପରିଦର୍ଶନ କରିଥିଲେ। ଏହି ସମୟରେ ଅନୁଷ୍ଠାନର କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିଲା। ଏଥିସହ ହିଂସା ପୀଡିତା ମହିଳାଙ୍କୁ ସକାରାତ୍ମକ ନିୟମ ଅନୁଯାୟୀ ସାହାଯ୍ୟ ସହଯୋଗ ଯୋଗାଇ ଦେବା, ଆଇନ ସହାୟତା, ଡାକ୍ତରୀ ଚିକିତ୍ସା, ସାମୟିକ ରହଣି ବ୍ୟବସ୍ଥା ଆଦି ବିଷୟରେ ତର୍ଜମା କରାଯାଇଥିଲା। ଶକ୍ତି ସଦନରେ ରହୁଥିବା ଅନ୍ତେବାସିନୀଙ୍କ ସହ ଶତପଥୀ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ ଓ ଥଇଥାନ ବିଷୟରେ ବୁଝିଥିଲେ। ପରେ କୁଜଙ୍ଗ ଥାନା ମହିଳା ଓ ଶିଶୁ ଡେସ୍କ, ସମାଗୋଳସ୍ଥିତ ଉପ କାରାଗାର ଯାଇ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା, ମହିଳା ହବର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ମହିଳା କମିଶନ ସଦସ୍ୟାଙ୍କୁ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କ ଆର୍ଥିକ, ସାମାଜିକ ବିକାଶ ଓ ନିରାପତ୍ତା ନେଇ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ସଫଳ ରୂପାୟନ ପାଇଁ ରାଜ୍ୟ ମହିଳା ଆୟୋଗଙ୍କ ତରଫରୁ ସମସ୍ତ ଜିଲାକୁ ଏହାର ସଦସ୍ୟାମାନେ ଗସ୍ତ କରି ମହିଳାଙ୍କ ନିରାପତ୍ତା ପାଇଁ କାର୍ଯ୍ୟରତ ବିଭିନ୍ନ ପୋଲିସ ଷ୍ଟେଶନ, ଜେଲ, ସଖୀ-ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନ ଆଦି ନିରୀକ୍ଷଣ କରି କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପଯୁକ୍ତ ଉପଦେଶ ଓ କାର୍ଯ୍ୟାନୁଷ୍ଠାନ ପ୍ରଦାନ କରୁଛନ୍ତି।

## ଶହୀଦ ଦିବସରେ ନୀରବ ପ୍ରାର୍ଥନା

ଜଗତସିଂହପୁର, ୩୦।୧ (ପ୍ରମୋଦ କୁମାର ନାୟକ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶର ସ୍ୱାଧୀନତା ନିମନ୍ତେ ନିଜ ଜୀବନ ଉତ୍ସର୍ଗ କରିଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସମ୍ବିତ କୁମାର ରାଉତ, ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଜିଲାସ୍ତରୀୟ ଅଧିକାରୀ ଏବଂ କାର୍ଯ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ। ଏଥିସହ ସହରର ଥାନା ଛକ ଏବଂ ଗାନ୍ଧୀ ଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସମ୍ମୁଖରେ ଥିବା ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ତଥା ପୌର ପରିଷଦର କର୍ମକର୍ତ୍ତା ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିବାଦୀୟ ବାବାଙ୍କୁ ଉଠାଇନେଲା ପୋଲିସ

ନାଉଗାଁ, ୩୦।୧ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶାଳିଜଙ୍ଗାସ୍ଥିତ ମହିମା ଆଶ୍ରମରେ ମାଘ ଚତୁର୍ଦ୍ଦଶୀ ମେଳା ଶନିବାର ଅନୁଷ୍ଠିତ ହେବ। କିନ୍ତୁ ଶୁକ୍ରବାର ରାତିରେ ଆଶ୍ରମକୁ ବିବାଦୀୟ ବାବା ଗଦାଧର ଦାସ ଫେରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନାଉଗାଁ ପୋଲିସ ମୁଗେଇ ଛକ ନିକଟ ରାସ୍ତାରୁ ତାଙ୍କୁ ଉଠାଇ ନେଇଛି। ଏହି ଆଶ୍ରମକୁ ସିଦ୍ଧ ସାଧୁବାବା ଶ୍ରୀଶ୍ରୀ କୁଳମଣି ଦାସ ପ୍ରତିଷ୍ଠା କରିଥିଲେ। ଏହି ଆଶ୍ରମ ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ। କିନ୍ତୁ ଦୀର୍ଘ ୩ ମାସ ହେବ ଆଶ୍ରମଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। ଆଶ୍ରମର ଅନ୍ତେବାସୀ ଗିନାରାଣୀ ଦାସ ଏଠାକାର ସମ୍ପତ୍ତି ହଡ଼ପ କରି ନିଜ ନାମରେ କରାଇ ନେବା ସହ ଆଶ୍ରମରେ ଗଚ୍ଛିତ ଥିବା ମୂଲ୍ୟବାନ ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ହଡ଼ପ କରି କଟକ ପଳାୟନ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଆଶ୍ରମର ମଠାଧୀଶ ବାବା ଗଦାଧର ଦାସ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ପକ୍ଷରୁ ଆଶ୍ରମ ପରିସରରୁ ଆଶ୍ରମ ସମ୍ପତ୍ତିର ରେକର୍ଡ ପତ୍ର ଜବତ କରାଯାଇଥିଲା। ଏହାର ସମାଧାନ ପାଇଁ ଥାନା ପରିସରରେ ଥାନାଧିକାରୀ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଞ୍ଚଳବାସୀଙ୍କ ପକ୍ଷରୁ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। କିନ୍ତୁ ଖୋଦ ମଠର ମଠାଧୀଶ ବାବା ଗଦାଧର ଦାସ ଆଲୋଚନା ପାଇଁ ଧାର୍ଯ୍ୟ ହୋଇଥିବା ଦିନ ବିଳମ୍ବିତ ରାତ୍ରିରେ ଆଶ୍ରମ ପାଚେରି ଡେଇଁ ଛୁ ମାରିଥିଲେ। ଏହା ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ, ମହିମା ଧର୍ମାବଲମ୍ବୀ ଭକ୍ତ, ଆଶ୍ରମର ଅନ୍ତେବାସୀ ଓ ଗ୍ରାମବାସୀଙ୍କୁ ଚକିତ କରିଥିଲା। ଏହାପରେ ଗିନାରାଣୀ ଦାସ ଓ ତାଙ୍କ ମା' ନାଉଗାଁ ଥାନାରେ ସ୍ଥାନୀୟ ଗ୍ରାମବାସୀଙ୍କ ନାମରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ଗ୍ରାମବାସୀଙ୍କ ପକ୍ଷରୁ ଏକ ପରିଷଦ ଗଠନ କରାଯାଇ ମାଘ ଚତୁର୍ଦ୍ଦଶୀ ମେଳାର ଚୂଡ଼ାନ୍ତ କାର୍ଯ୍ୟ ଶେଷ ହୋଇଛି।

## ଜଗନ୍ନାଥପୁର ହାଇସ୍କୁଲ ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ

ତିର୍ତ୍ତୋଲ, ୩୦।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନାଥପୁର ହାଇସ୍କୁଲ ୧୯୮୨ ବ୍ୟାଚର ବନ୍ଧୁ ମିଳନ ସ୍ଥାନୀୟ ପୋଷ୍ଟ ଅଫିସ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହପାଠୀମାନେ ଯୋଗଦେଇ ଦିବଙ୍ଗତ ଶିକ୍ଷାଗୁରୁ ଓ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ନୀରବ ପାର୍ଥନା କରିଥିଲେ। ବନ୍ଧୁମିଳନ ଉତ୍ସବରେ ସହପାଠୀ, ମହମ୍ମଦ ଇସାକ୍, ବିଧୁ ଭୂଷଣ ମହାନ୍ତି, ପ୍ରଦୀପ୍ତ କିଶୋର ବିଶ୍ୱାଳ, ପ୍ରଦୀପ୍ତ ରଥ, ପ୍ରଦୀପ୍ତ ଦାସ, ପ୍ରଭାତ ମାଣିକ, ରବୀନ୍ଦ୍ର ଓଝା, ରଞ୍ଜନ ନାୟକ, ବିଜିତ ମହାନ୍ତି, ସୁବୋଧ ଖୁଣ୍ଟିଆ, ଗୋପାଳ ଦାସ, ହୃଷିକେଶ ରାଉତରାୟ, ମିହିର ଖଣ୍ଡୁଆଳ, ହେମନ୍ତ ଦାସ, ରଞ୍ଜିତ ମହାନ୍ତି, କ୍ଷେତ୍ରମଣୀ ସ୍ୱାଇଁ, ମିନତୀ ମିଶ୍ର, ଜାନକୀ ଖଣ୍ଡୁଆଳ, ଅଞ୍ଜନା ଖଣ୍ଡୁଆଳ, ପ୍ରଣତି ଜେନା, ନର୍ମଦା ମହାନ୍ତି, ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସମୟର ଅନୁଭୂତି ମନେ ପକାଇଥିଲେ। ଉତ୍ସବରେ ବନ୍ଧୁମାନେ ସପରିବାରେ ଯୋଗ ଦେଇଥିଲେ।

## ପ୍ରଥମ ଓଡ଼ିଶା ସହ ଶିକ୍ଷକ ବ୍ଲକସ୍ତରୀୟ ବୈଠକ

ରାହାମା, ୩୦।୧ (ଶ୍ରୀକାନ୍ତ ଦାସ)

ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ଦ୍ୱାରା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ଏକ ଶିକ୍ଷକ ସହଭାଗିତା ସଭା ଆୟୋଜନ କରାଯାଇଥିଲା। ଏହି ସଂସ୍ଥାର ଆଭିମୁଖ୍ୟ ଏବଂ କୁଜଙ୍ଗ ବ୍ଲକରେ ସଂସ୍ଥା ଦ୍ୱାରା ସ୍କୁଲ ଓ ସମ୍ପ୍ରଦାୟରେ ପରିଚାଳିତ କାର୍ଯ୍ୟଗୁଡ଼ିକୁ ସରକାରୀସ୍ତରରେ ଅବଗତ କରାଯାଇଥିଲା। ସଭାରେ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ମନୋଜ କୁମାର ବେହେରା, ସହକାରୀ ଶିକ୍ଷାଧିକାରୀ ମନୋରଞ୍ଜନ ମଙ୍ଗରାଜ, ସମସ୍ତ ଉଚ୍ଚଶିକ୍ଷକମାନଙ୍କ ସହ ୨୫ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ, ଅଭିଭାବକ ଓ ଅଭିଭାବିକାମାନଙ୍କୁ ସକ୍ରିୟ ଭାବେ ନିୟୋଜିତ କରି ପିଲାମାନଙ୍କ ଶିକ୍ଷଣସ୍ତରରେ ଉନ୍ନତି ଆଣିବା ଓ ସ୍କୁଲ ମଧ୍ୟରେ ସମ୍ପର୍କ ମଜଭୁତ କରିବା ଉପରେ ସଭାରେ ଆଲୋଚନା ହୋଇଥିଲା। ସଭାରେ ପ୍ରଥମ ଏଜୁକେଶନ ଫାଉଣ୍ଡେଶନର ପ୍ରୋଗ୍ରାମ ହେଡ ଅଭିମନ୍ୟୁ ଜେନା, ଜିଲା ସଂଯୋଜକ ବିଶ୍ୱରଞ୍ଜନ ସ୍ୱାଇଁ, ଗୌତମ ପାଗଡ, ସୁବାସ ବେହେରା, ପ୍ରଦ୍ୟୁମ୍ନ ଦାସ, ବନପ୍ରିୟା ସାସମଲ, ବେବିନା ଲେଙ୍କା, ମନୀଷାରାଣୀ ବେହୁରା, ପ୍ରିୟଙ୍କା ପାଣି ଓ ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

## ବିଦ୍ୟୁତ୍ ଟାୱାର ନିର୍ମାଣ ପୁଣି ବନ୍ଦକଲେ ଆନ୍ଦୋଳନକାରୀ

ଏରସମା, ୩୦।୧ (ଦୀପ୍ତି ଖଣ୍ଡୁଆଳ)



ଶ୍ରମିକମାନେ ଫେରିବା ପାଇଁ ଜିନିଷପତ୍ର ସଜାଡୁଛନ୍ତି।

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ନିର୍ମାଣ କରାଯାଉଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟାୱାର ନିର୍ମାଣକୁ ଆନ୍ଦୋଳନକାରୀ ଶୁକ୍ରବାର ପୁନର୍ବାର ବନ୍ଦ କରିଛନ୍ତି। ଶୁକ୍ରବାର କାର୍ଯ୍ୟ ଆରମ୍ଭ କରାଯିବା ସମୟରେ ଗ୍ରାମର କେତେଜଣ ମହିଳା ଓ ପୁରୁଷ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିଥିଲେ। ଫଳରେ ମଧ୍ୟାହ୍ନରେ କମ୍ପାନୀ ପକ୍ଷରୁ ସିମେଣ୍ଟ, ପାଇପ୍ ସହ ଅନ୍ୟାନ୍ୟ ସାମଗ୍ରୀ ଫେରାଇ ନିଆଯାଇଛି। ସୂଚନା ଯୋଗ୍ୟ, ଗ୍ରାମର କେତେଜଣ ଚାଷୀ ହୁରା ପଡ଼ିଆରେ ଗୋରୁ ବାନ୍ଧି ଆସୁଥିଲେ। ସେହି ପଡ଼ିଆ ଦେଇ ଜମିକୁ ଟ୍ରାକ୍ଟର ଚଳାଚଳ ହେଉଥିଲା। ଏଥିସହ ସେଠାରେ ଏକ ରାମମନ୍ଦିର ନିର୍ମାଣ ପାଇଁ ପିଣ୍ଡି ତିଆରି କରାଯାଇଛି। ସେଥିପାଇଁ କେତେଜଣ ଚାଷୀଙ୍କ ସମେତ ଗ୍ରାମର ମହିଳା ଓ ପୁରୁଷ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ କରିଥିଲେ। ଫଳରେ କାର୍ଯ୍ୟ ବନ୍ଦ କରାଯାଇଛି। ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ନିଗମ ଦାସଙ୍କୁ ପଚାରିବାରେ, ରାସ୍ତା, ଡ୍ରେନ ଲାଇନ, ବିଦ୍ୟୁତ୍ ଏସବୁ ସାମୂହିକ ସ୍ୱାର୍ଥ ପାଇଁ କରାଯାଏ। ଏହାକୁ କେତେଜଣ ଉଦ୍ଦେଶ୍ୟମୂଳକ ଭାବରେ ବନ୍ଦ କରିବା ଠିକ୍ ନୁହେଁ। ଆମେ କାମ ବନ୍ଦ କରି ପ୍ରଶାସନକୁ ଜଣାଇଦେଲୁ। ସେ ଯାହା ନିଷ୍ପତ୍ତି ନେବେ କହିଥିଲେ। ତେବେ ଗ୍ରାମବାସୀଙ୍କ କଥାକୁ ପ୍ରଶାସନ ବିଚାର କରିବା ପାଇଁ ଆନ୍ଦୋଳନକାରୀଙ୍କ ପକ୍ଷରୁ ନରେନ୍ଦ୍ରକୁମାର ସ୍ୱାଇଁ ନିବେଦନ କରିଛନ୍ତି।

# ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା

## ବିଭିନ୍ନ ମାର୍ଗରେ ଯାନ ଚଳାଚଳ ଉପରେ କଟକଣା

ଯାଜପୁର,୩୦।୧ (ହର୍ଷବର୍ଦ୍ଧନ ବେହେରା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୩ରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିର ଦର୍ଶନ ଏବଂ ନାଭିଗୟାରେ ପିଣ୍ଡଦାନ ପାଇଁ ଆସୁଛନ୍ତି। ରାଷ୍ଟ୍ରପତି ଏବଂ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଏହି କ୍ରମରେ ଫେବୃଆରୀ ୩ରେ ଯାଜପୁରର ବିଭିନ୍ନ ମାର୍ଗରେ ଯାନବାହନ ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି। ବିଞ୍ଝାରପୁର ଆଡୁ ଯେଉଁ ଯାନଗୁଡ଼ିକ କଟକ ଯିବେ, ସେହି ଗାଡ଼ିସବୁ ରସିକ ଛକରୁ ଅଳକୁଣ୍ଡ, ପ୍ରୀତିପୁର ଭାୟା ରାମବାଗ ଛକରେ ବାହାରି ରିଙ୍ଗ୍ ରୋଡ୍ ଓ ମାଂସାପୋଲ ରାସ୍ତା ଦେଇ କୁଆଖିଆ ଓ ଷଠିପୁର ଯିବେ। ଦୁଇଚକିଆ, ତିନିଚକିଆ ଯାନ ମଙ୍ଗଳା ମନ୍ଦିର ଜାଉଁଳି ବନ୍ଧଠାରୁ ପ୍ରହରାଜପୁର ଦେଇ ସୁନ୍ଦୁରାଇମୁହଁରେ ନଦୀବନ୍ଧ ରାସ୍ତାକୁ ପହଞ୍ଚିବେ। ସେହିପରି କଟକରୁ ଆସୁଥିବା ଯାନ ରିଙ୍ଗ୍ ରୋଡ୍ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ। ଦୁଇଚକିଆ, ତିନିଚକିଆ ଯାନ ସୁନ୍ଦୁରାଇମୁହଁ ମଙ୍ଗଳା ମନ୍ଦିରଠାରୁ ପ୍ରହରାଜପୁର ଦେଇ ମଙ୍ଗଳା ମନ୍ଦିରରେ ପହଞ୍ଚିବେ। ଷଠିପୁରରୁ ଆସୁଥିବା ଯେଉଁ ଯାନ ବିଞ୍ଝାରପୁର ଯିବେ, ସେମାନେ ଡକ ଛକ ଓ କିଲ୍ଲା ଛକ ରିଙ୍ଗ୍ ରୋଡ୍ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ। କୌଣସି ଯାନକୁ ଗରିଆପୁର ଛକରୁ ଯୋଡ଼ିକୂଅ ପଟକୁ ଏବଂ ମହାବୀର ଛକରୁ ଟିଭିଏସ୍ ଛକ ଦେଇ ଯୋଡ଼ିକୂଅ ପଟକୁ ଛଡ଼ାଯିବ ନାହିଁ। ମହିଳା କଲେଜ ଛକରୁ କୌଣସି ଯାନ କୁସୁମା ପଟକୁ ଛଡ଼ାଯିବ ନାହିଁ। ମଙ୍ଗଳା ମନ୍ଦିର ଛକରେ ସମସ୍ତ ଗାଡ଼ିକୁ ଅଟକାଇ ଦିଆଯିବ। ବିରଜା ହାଇସ୍କୁଲ ଛକରୁ କୌଣସି ଯାନ ମନ୍ଦିର ପଟକୁ ଛଡ଼ାଯିବ ନାହିଁ। ସେହିଭଳି ଯୋଡ଼ିକୂଅ ଛକରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯେତେ ସବୁ ଗଳି ରାସ୍ତା ଅଛି, ସେସବୁ ଗଳିରୁ କୌଣସି ଯାନ ମୁଖ୍ୟ ରାସ୍ତାକୁ ବାହାରିବ ନାହିଁ। ସେଗୁଡ଼ିକ ପାଇଁ ସାହିର ଅନ୍ୟ ରାସ୍ତା ବ୍ୟବହାର କରାଯିବ। ବୈଦ୍ୟରାଜପୁର ପୋଲ ଛକରୁ କୌଣସି ଯାନ ଅଠରନଳା ଛକକୁ ଛଡ଼ାଯିବ ନାହିଁ। ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି।

# ଡ୍ରୋନ୍ ଉଡ଼ାଣରେ କଟକଣା

## ୧ରୁ ୩ ଫେବୃଆରୀ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଯାଜପୁର 'ନୋ ଫ୍ଲାଇଂ ଜୋନ୍' ହେବ

ଯାଜପୁର ଟାଉନ,୩୦।୧ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ରେ ଯାଜପୁର ଜିଲା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲାପାଳ ଅମ୍ବର କୁମାର କର ଭାରତୀୟ ନାଗରିକ ସୁରକ୍ଷା ସଂହିତା ସେକ୍ସନ ୧୬୩ ଅଧୀନରେ ପ୍ରଦତ୍ତ କ୍ଷମତା ଆଧାରରେ ଯାଜପୁରର କିଛି ଅଞ୍ଚଳକୁ 'ନୋ ଫ୍ଲାଇଂ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷିତ ଏୟାର ସ୍ପେସ ତିଆରି ଉଦ୍ଦେଶ୍ୟ ନେଇ ୧ ଫେବୃଆରୀ ୨୦୨୬ ରବିବାର ସକାଳ ୬ଟାରୁ ୩ ଫେବୃଆରୀ ୨୦୨୬ ମଙ୍ଗଳବାର ଅପରାହ୍ନ ୧ଟା ଯାଏଁ କୌଣସି ବ୍ୟକ୍ତିବିଶେଷ, ଗଣମାଧ୍ୟମ ସଂସ୍ଥା କିମ୍ବା ପ୍ରାଇଭେଟ୍ ସଂସ୍ଥା ଦ୍ୱାରା ଡ୍ରୋନ୍, ପାରାଗ୍ଲାଇଡର, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।

ପ୍ରଶାସନ ଭବନ ପଡ଼ିଆ ହେଲିପ୍ୟାଡ୍‌ର ୩ କି.ମି. ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ନରସିଂହ ଚୌଧୁରୀ କଲେଜ ହେଲିପ୍ୟାଡର ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ବିରଜା ମନ୍ଦିର ପରିସର ଏବଂ ହେଲିପ୍ୟାଡରୁ ବିରଜା ମନ୍ଦିର ରାସ୍ତା, ସର୍କିଟ ହାଉସ ଏବଂ ଭିଭିଆଇପିଙ୍କ ଅନ୍ୟାନ୍ୟ ରହଣି ସ୍ଥଳରେ ଏହି ନିୟମ ଲାଗୁ ହେବ। ଯାଜପୁର ଆରକ୍ଷୀ ଅଧୀକ୍ଷକ ଏବଂ ରାଷ୍ଟ୍ରପତିଙ୍କ ସେକ୍ରେଟେରିଏଟଙ୍କ ବିନା ଅନୁମତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରାଯାଇପାରିବ ନାହିଁ। ଉପରୋକ୍ତ ଅବଧି ମଧ୍ୟରେ ନିଷେଧାଞ୍ଚଳରେ ଯଦି କୌଣସି ଅନଧିକୃତ ଉଡନ୍ତା ବସ୍ତୁ ଠାବହୁଏ, ତା'ହେଲେ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିବିଶେଷ ବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ରିମିନାଲ ପ୍ରୋସିଡିଙ୍ଗ ନିଆଯିବ। ଏହି ନିଷେଧ ଆଦେଶରୁ ଭାରତୀୟ ବାୟୁସେନା, ଭାରତୀୟ ସ୍ଥଳସେନାର ବିମାନ କିମ୍ବା ହେଲିକପ୍ଟର ଏବଂ ଭିଭିଆଇପିଙ୍କ ଗସ୍ତରେ ବ୍ୟବହୃତ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିମାନକୁ ବାଦ୍ ଦିଆଯାଇଛି।

# ଠକେଇର ଶିକାର ହେଲେ ଦୁର୍ଯ୍ୟୋଧନ

## ସହାୟତା କରିବାକୁ କହି ଲୋନ୍‌ରେ ସ୍କୁଟି ନେଇଗଲେ



ଦୁର୍ଯ୍ୟୋଧନ ମଲିକ

କାଏମା,୩୦।୧ (ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଅନଗ୍ରସରବ୍ୟକ୍ତି ଦୁର୍ଯ୍ୟୋଧନ ମଲିକ ଠକେଇର ଶିକାର ହୋଇଛନ୍ତି। ସରକାରୀ ସହାୟତା ଯୋଗାଇ ଦେବା ବାହାନାରେ ଗ୍ରାମର ଜଣେ ବ୍ୟକ୍ତି ଦୁର୍ଯ୍ୟୋଧନଙ୍କ ନାଁରେ ଲୋନ କରି ଏକ ସ୍କୁଟି କିଣି ନେଇଛନ୍ତି। ସ୍କୁଟିର ଇଏମ୍ଆଇ ପ୍ରଦାନରେ ବିଳମ୍ବ ହେବାରୁ ଫାଇନାନ୍ସ କର୍ମଚାରୀ ଆସି ଦୁର୍ଯ୍ୟୋଧନଙ୍କୁ ଟଙ୍କା ମାଗିଛନ୍ତି। ଏହାପରେ ସେ ଠକାମିର ଶିକାର ହୋଇଥିବା ଜାଣି ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଦୁର୍ଯ୍ୟୋଧନ ଅଭିଯୋଗରେ ଦର୍ଶାଇଛନ୍ତି, ଗ୍ରାମର ଜଣେ ବ୍ୟକ୍ତି ସରକାରୀ ସାହାଯ୍ୟ ଯୋଗାଇ ଦେବା ଆଶାରେ ତାଙ୍କୁ ବିଭିନ୍ନସ୍ଥାନକୁ ଡାକିଥିଲେ। ସେଠାରେ ତାଙ୍କ ଆଧାର କାର୍ଡ, ବ୍ୟାଙ୍କ ଜମାଖାତା, ଏଟିଏମ କାର୍ଡ ଆଦି ଲୋନ ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ନେଇଥିଲେ। ଏହାପରେ ପାନକାର୍ଡ ପାଇଁ ଫଟୋ ଉଠାଇବାକୁ କହି ଏକ ସ୍କୁଟି ଶୋ'ରୁମକୁ ନେଇଥିଲେ। ସେଠାରେ ତାଙ୍କର ଫଟୋ ଉଠାଇଥିଲେ। ଏହାର କିଛିଦିନ ପରେ ଫାଇନାନ୍ସ କର୍ମଚାରୀ ଆସି ଗାଡ଼ି କିସ୍ତି ମାଗିବାରୁ ସେ ଏ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଦୁର୍ଯ୍ୟୋଧନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ସେ ତାଙ୍କୁ ଧମକ ଦେଉଛନ୍ତି। ଦୁର୍ଯ୍ୟୋଧନ ଜଣେ ଦିବ୍ୟାଙ୍ଗ। ସାଇକେଲ ଚଳାଇବା ଶିଖିନାହାନ୍ତି। ସେ ସ୍କୁଟି ଗାଡ଼ି କିଣି କ'ଣ କରିବେ ବୋଲି କହିଛନ୍ତି। ତେଣୁ ପୋଲିସ ତଦନ୍ତ କରି ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି।

# ଛାତରୁ ପଡ଼ି ଯୁବକ ମୃତ

ରସୁଲପୁର,୩୦।୧ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ କୋଇଲା ଡିପୋରେ କାମ କରୁଥିବା କରଞ୍ଜିଆ ଅଞ୍ଚଳର ଟିପୁ ଛାତ୍ରା(୨୫) ନାମକ ଜଣେ ଆଦିବାସୀ ଯୁବକଙ୍କ ଛାତରୁ ଖସିପଡ଼ି ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଯୁବକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟାସନଗର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗଦେଇଥିବା କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଅନ୍ୟ ଅତିଥି।

ଯାଜପୁରରୋଡ୍, ୩୦।୧ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ସିନେ ଅଭିନେତ୍ରୀ ସୁଶ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ମମତାମୟୀ ଦାଶ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ପ୍ରାଧ୍ୟାପକ ବ୍ରଜକିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ସନ୍ତୋଷ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





ଅଧିକାରୀମାନେ ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରୁଛନ୍ତି।

# ବାଲ୍ ବିକାଶ ମୁକ୍ତ ଭାରତ ରଥ ପରିକ୍ରମା ଶୁଭାରମ୍ଭ

ଧର୍ମଶାଳା,୩୦।୧ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ପରିସରରେ ରୁଚିକା ସୋସିଆଲ ସର୍ଭିସ ସଂଗଠନ ପକ୍ଷରୁ ବାଲ ବିକାଶ ମୁକ୍ତ ଭାରତ ରଥ ପରିକ୍ରମା ଶୁକ୍ରବାର ଶୁଭାରମ୍ଭ ହୋଇଛି । ବ୍ଲକ ପରିସରରେ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟ କର, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା, ସିଡବ୍ଲ୍ୟୁସି ଚେୟାର ପର୍ସନ ରେକସୋନା ଜେନା, ରୁଚିକା ସୋସିଆଲ ସର୍ଭିସ ସଂଗଠନର ନିର୍ଦ୍ଦେଶକ ରାମେଶ୍ୱରୀ ଦ୍ୱିବେଦୀ ଓ ଜିଲା ସଂଯୋଜକ ଦେବପ୍ରସାଦ ପାଠକ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତକୁ ଯାଇ ବାଲ୍ୟ ବିବାହର ଅପକାରିତା ଉପରେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମ ଏକ ମାସ ଧରି ଚାଲିବ ବୋଲି ବିଏସ୍ଏସ୍ଓ ଜ୍ଞାନରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଏହି ରଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ଗତ ମାସ ୨୭ରୁ ପରିକ୍ରମା କରି ବାଲ୍ୟବିବାହ ମୁକ୍ତ ସଚେତନତା ସୃଷ୍ଟି କରୁଛି।

# ଟାଟା ଷ୍ଟିଲ୍ କୃଷକ ସମ୍ମିଳନୀରେ ୩୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଯୋଗଦାନ





ଟାଟା ଷ୍ଟିଲ୍ କୃଷକ ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀମାନେ।

କଳିଙ୍ଗନଗର,୩୦।୧ (ଶୁଭାଶିଷ ରାଉତ)

ଟାଟା ଷ୍ଟିଲ ଫାଉଣ୍ଡେଶନର ପ୍ରମୁଖ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ 'ଅରୁଣିମା'ର ନବମ ସଂସ୍କରଣ ଶୁକ୍ରବାର ସୁକିନ୍ଦା କଲେଜଠାରେ ଏକ କୃଷକ ସମ୍ମିଳନୀ ମାଧ୍ୟମରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲାର ବ୍ରାହ୍ମଣୀପାଳ ଅଞ୍ଚଳ ଏବଂ ଯାଜପୁର ଜିଲାର ସୁକିନ୍ଦା ଓ କଳିଙ୍ଗନଗର ଅଞ୍ଚଳର ୩୫୦ରୁ ଅଧିକ ଚାଷୀ ସାମିଲ ହୋଇଥିଲେ। ଏହି ସମ୍ମିଳନୀରେ ସମନ୍ୱିତ କୃଷି ପ୍ରଣାଳୀ (ଆଇ୍ଏଫ୍ଏସ), ଜଳର ଉପଯୁକ୍ତ ବ୍ୟବହାର ଏବଂ ଜଳବାୟୁ-ସହିଷ୍ଣୁ ଚାଷ ପଦ୍ଧତି ଉପରେ ଚାଷୀଙ୍କ ମଧ୍ୟରେ ବିଚାରବିମର୍ଷ ହୋଇଥିଲା। କୃଷି ଓ ଶିଳ୍ପ ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ଉନ୍ନତି ହୋଇପାରିବ, ତାହା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମ୍ମିଳନୀରେ ଦୀର୍ଘସ୍ଥାୟୀ କୃଷି ଓ ଭଲ ଆୟ କରୁଥିବା ଅଞ୍ଚଳର ୪୫ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସୁକିନ୍ଦା ବିଡିଓ ପ୍ରଜ୍ଞାପାରିମିତା ପୃଷ୍ଟି ଯୋଗଦେଇ ଜଳବାୟୁ ସହିଷ୍ଣୁ କୃଷି ପଦ୍ଧତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଟାଟା ଷ୍ଟିଲ ଫାଉଣ୍ଡେଶନର କ୍ଲଷ୍ଟର ହେଡ୍ ଦେବାଞ୍ଜନ ମୁଖାର୍ଜୀ କହିଥିଲେ, ବ୍ରାହ୍ମଣୀପାଳ, ସୁକିନ୍ଦା ଏବଂ କଳିଙ୍ଗନଗରରେ ୨୫,୦୦୦ରୁ ଅଧିକ ଚାଷୀଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି। ୪୦୦ରୁ ଅଧିକ ଚେଞ୍ଜମେକରଙ୍କୁ ଚିହ୍ନଟ କରାଯାଇଛି। ବିଭିନ୍ନ ଉନ୍ନତ କୃଷି ପ୍ରଣାଳୀ ଯୋଗୁ ଚାଷୀଙ୍କର ବାର୍ଷିକ ଆୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଅଧିକ ବୃଦ୍ଧିପାଇଛି।

# ବାଇପାସ୍ ରାସ୍ତା ନ କରି ଡ୍ରେନ୍ ନିର୍ମାଣକୁ ବିରୋଧ

ଚଣ୍ଡିଖୋଲ,୩୦।୧ (ପ୍ରଦୀପ୍ତ କୁମାର ପୃଷ୍ଟି)



ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ୮ ଲେନ କାର୍ଯ୍ୟ ଚାଲୁରହିଛି। ଜାତୀୟ ରାଜପଥ ପ୍ରାଧିକରଣର ନିୟମ ଅନୁଯାୟୀ ପ୍ରତ୍ୟେକ ଛକ ନିକଟରେ ରାସ୍ତାର ଉଭୟ ପାର୍ଶ୍ୱରେ ୨ ଲେନ ଲେଖାଏ ଆଉ ୪ ଲେନ ରାସ୍ତା ନିର୍ମାଣ ହେବ, ଯାହାକି ୧୨ ଲେନ ବିଶିଷ୍ଟ। ତେବେ ଏହି ରାଜପଥର ବାଲିଚନ୍ଦ୍ରପୁର ଛକ ନିକଟରେ ଠିକା ସଂସ୍ଥା ପକ୍ଷରୁ ବାଇପାସ ରାସ୍ତା କଡ଼ରେ ଯେଉଁ ୨ ଲେନ ଭାବରେ ୪ ଲେନ ରାସ୍ତା କରିବା କଥା ତାହା ନ କରି ଡ୍ରେନ ନିର୍ମାଣ କରାଯାଉଛି। ଏହାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଛି। ଠିକା ସଂସ୍ଥା ବାଇପାସ ରାସ୍ତା ନ କରି ଡ୍ରେନ ନିର୍ମାଣ କାର୍ଯ୍ୟ କରୁଥିବାବେଳେ ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ ସାହାଣୀ, ଯୁବନେତା ଅଶୋକ ସିଂହ, ଦିଲୀପ ରାଉତରାୟ, ଅମରେନ୍ଦ୍ର ସିଂହ, ବିପିନ ବିହାରୀ ରାଉତରାୟ, ସୁଶାନ୍ତ ସାହୁ, ଅକ୍ଷୟ ଷେଣ୍ଡ, ସନ୍ତୋଷ ସାହୁ, ସନ୍ଦୀପ ମହାନ୍ତି ଓ ଅଜୟ ସେଠୀ ପ୍ରମୁଖ ଏହାକୁ ବିରୋଧ କରି ଡ୍ରେନ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ବାଇପାସ ରାସ୍ତାକୁ ସଙ୍କୁଚିତ କରାଯାଇ ଡ୍ରେନ ନିର୍ମାଣ କରାଗଲେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେବ ବୋଲି ସେମାନେ କହିଛନ୍ତି। ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଏକ ପ୍ରମୁଖ ବଜାର। ଏଠାକୁ ଦୈନିକ ବହୁ ଲୋକ ଯାତାୟାତ କରୁଛନ୍ତି। ବାଇପାସ ରାସ୍ତାଟି ବ୍ୟସ୍ତବହୁଳ। ଏନେଇ ସ୍ଥାନୀୟ ଲୋକେ ବିଧାୟକ ଅମର କୁମାର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଇପାସ ରାସ୍ତାକୁ ପ୍ରଶସ୍ତୀକରଣ କରିବାକୁ ଦାବି କରିଛନ୍ତି। ବିଧାୟକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ବାଇପାସ ରାସ୍ତାକୁ ଚଉଡ଼ା ରଖାଯିବା ସହିତ ରାସ୍ତାଠାରୁ ଆଉ କିଛି ବାଟଘୁଞ୍ଚାଇ ଡ୍ରେନ ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଥିବା ସୂଚନା ମିଳିଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୈତ୍ରେୟୀ



@ ଦିକୁ ରଞ୍ଜନ



@ ହୃଷୀକେଶ



@ ଦିବ୍ୟଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଜେନାପୁର,୩୦।୧ (ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରସ୍ଥିତ ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଲୋକନାଥ ପୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟ ଉପସ୍ଥିତ ରହି ସ୍ଥାନୀୟ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପାଚେରି କଡ଼ରେ ଥିବା ଅନାବନା ବୃକ୍ଷଲତା ସଫା କରିଥିଲେ। ପରେ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଅନାବନା ଗଛ, ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀକୁ ଏକାଠି କରି ନିଆଁ ଲଗାଇ ନଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବକମାନେ।

## ଫେରାର ଅଭିଯୁକ୍ତ ଗିରଫ

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ବ୍ଲକ କେରୁଆଁପାଳ ପଞ୍ଚାୟତ ସାରାଜେନ୍ଦ୍ରପୁର ଗ୍ରାମର ଶଶାଙ୍କ ଡାକୁଆ ୨୦୧୮ ରେ ସମ୍ପର୍କୀୟ ଶାଳୀକୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେବେଠୁ ଶଶାଙ୍କ ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିଲା। ଶୁକ୍ରବାର ପୋଲିସ ଶଶାଙ୍କଙ୍କୁ ଗିରଫ କରି ରାଜନଗର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରିଥିବା ନେଇ ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି।



# ସରକାରୀ ଜାଗା ଉଚ୍ଛେଦ ନିର୍ଦ୍ଦେଶକୁ ମାନୁନାହାନ୍ତି ଅଧିକାରୀ

- ମୂଲ୍ୟବାନ ସରକାରୀ ଜାଗା ଏବେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାଲିକାନାରେ
- ବୁଲିଲାନି ବଡ଼ବଡ଼ିଆ ଘର ଉପରେ ବୁଲଡୋଜର
- ଗରିବଙ୍କ ଝୁମ୍ପୁଡି ଘର ଓ ପେଟପାଟଣାରେ ହେଉଛି ନାତ


ଗୋବରୀ ନଦୀ ଭିତରେ ଜବରଦଖଲ କରି ଗୃହ ନିର୍ମାଣ କରାଯାଇଛି।

ପଟ୍ଟାମୁଣ୍ଡାଇ, ୩୦।୧ (କଳ୍ପତରୁ ନାୟକ)

ସରକାରୀ ଜମି ଜବରଦଖଲ କରିଥିଲେ ଚାଲିବ ବୁଲଡୋଜର ସାବଧାନ ହୋଇଯାଆନ୍ତୁ। ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ନିମନ୍ତେ ବ୍ୟବହାର ହୁଏ। ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ଓଡ଼ିଶାରେ ଭାଜପା ସରକାର ଗଠନ ପରେ ଏଭଳି ପ୍ରତିକ୍ରିୟା ଦେବା ସହିତ ଜବରଦଖଲ ଉଚ୍ଛେଦ ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ଅପାରଗତାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜବରଦଖଲ ହଟିବା ପରିବର୍ତ୍ତେ ବଢ଼ିଚାଲିଛି। ବଡ଼ବଡ଼ିଆଙ୍କ କୋଠାରେ ବୁଲଡୋଜର ବୁଲିବା ନିୟମ ସ୍ୱପ୍ନ ହୋଇଯାଇଛି। ଖାଲି ଗରିବଙ୍କ ଝୁମ୍ପୁଡି ଘର ଓ ଉଠା ଦୋକାନ ଭଙ୍ଗା ହେଉଛି। ସହରର ମୂଲ୍ୟବାନ ସରକାରୀ ଜାଗା ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରି ନେଇ ମାଲିକାନା ସ୍ୱତ୍ୱ ହାସଲ କରିସାରିଲେଣି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି ସରକାର ମଧ୍ୟ ବହୁ ବ୍ୟକ୍ତିଗତ ଜାଗାରେ କାର୍ଯ୍ୟାଳୟ କରିଛନ୍ତି। ଯାହା କିଛିମାସ ତଳେ ଆଇନ ଆନୁଯାୟୀ ବିଭାଗୀୟ କାର୍ଯ୍ୟାଳୟ ଭଙ୍ଗା ହୋଇ ସେଠାରେ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ ହେଲାଣି। ସେହିପରି ମୁଖ୍ୟ ରାସ୍ତା ମଧ୍ୟ ବ୍ୟକ୍ତିଗତ ମାଲିକାନାରେ ଥିବା ସୂଚନା ମିଳିଛି। ଯାହା ପଟ୍ଟାମୁଣ୍ଡାଇବାସୀଙ୍କୁ ବ୍ୟଥିତ କରିଛି।

ଶିକ୍ଷାବିତ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ସହରରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବହୁ ସରକାରୀ ଜାଗା ମାଡି ବସିଛନ୍ତି। ଏପରିକି ଗୋବରୀ ନଦୀ ସହିତ ପୂର୍ତ୍ତ, ବିଦ୍ୟୁତ, ଶିକ୍ଷା ଓ ରାଜସ୍ୱ ବିଭାଗ ଜମି ସହିତ ପତିତ, ଗୋଚର ଜମିକୁ ମଧ୍ୟ ଛାଡିନାହାନ୍ତି। ପରେ ସରକାରୀ ଜାଗାକୁ ନିଜ ନାମରେ କରାଇ ନେବାକୁ ସକ୍ଷମ ହୋଇ ମାଲିକାନା ହସ୍ତଗତ କରିନେଇଛନ୍ତି। ବର୍ତ୍ତମାନ ବିଭାଗୀୟ କାର୍ଯ୍ୟାଳୟକୁ ଭାଙ୍ଗି ଘରଦ୍ୱାର କରିନେଲେଣି। ବେଆଇନ ଦଖଲ ତୁରନ୍ତ ହଟାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହେଲେ ପଟ୍ଟାମୁଣ୍ଡାଇ ସହରରେ ଭଙ୍ଗାଯିବା ପରିବର୍ତ୍ତେ ସେମାନଙ୍କୁ ଓଲଟା ଦଖଲରେ ଦେବାକୁ ଷଡଯନ୍ତ୍ର ଅଧିକାରୀମାନେ କରୁଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରର ମୂଲ୍ୟବାନ ସରକାରୀ ସମ୍ପତ୍ତି ବହୁ ନାମୀଦାମୀ କୋଟିପତି ଲୋକ ଦଖଲକୁ ନେଇଛନ୍ତି। ବିଭାଗୀୟ ଅଧିକାରୀମାନେ ଟଙ୍କା ଲୋଭରେ ଚଞ୍ଚକତା କରି ତାଙ୍କ ନାମରେ କରିଦେଇଛନ୍ତି। ତାହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି। ଏ ନେଇ ଅତୀତରେ ଜିଲାପାଳ କେନ୍ଦ୍ରୀୟ ରାଜସ୍ୱ ଆୟୋଗଙ୍କ ନିକଟରେ ଅଭିଯୋଗ ହୋଇଥିଲା। କଟକ ଯୋବ୍ରା ୟାଡାସ କର୍ଯ୍ୟାଳୟରୁ ଅତୀତର ନକସା ବାହାରିଥିଲା। ମାତ୍ର କିଛିଦିନ ପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଠପ ହୋଇଗଲା। ମହିଳା ସଙ୍ଗଠକ ସ୍ମିତାରେଖା ନାୟକ କହିଛନ୍ତି, ୧୯୮୨ ମସିହାରେ ପଟ୍ଟାମୁଣ୍ଡାଇ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ସରକାରୀ ଖାତାରେ ୬୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଥିଲା। ଏହାର କିସମ ଅନବାଦୀ, ଆବାଦୀ ଯୋଗ୍ୟ ଅନାବାଦୀ, ରକ୍ଷିତ, ଜଳାଶୟ, ନଦୀ ଏବଂ ଜଙ୍ଗଲ କିସମ ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ମାତ୍ର ଏବେ ସେଠାରେ ଗଢିଉଠିଛି ବଡ଼ବଡ଼ ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ କୋଠା ଘର। ମାତ୍ର ସ୍ଥାନୀୟ ଗରିବ ଅଧିବାସୀଙ୍କୁ ସରକାରୀ ଯୋଜନାରେ ଘର ଯୋଗାଇଦେବାକୁ ଯୋଜନା ଥିଲେ ବି ସେତକ ପୂରଣ ହେଉନି କି ମୁଣ୍ଡ ଗୁଞ୍ଜିବାକୁ ଚେନାଏ ଜାଗା ପାଉନାହାନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ବଢୁଛି। ଆଇନଜୀବୀ ଶତ୍ରୁଜିତ ନାୟକ କହିଛନ୍ତି, ବିଭାଗୀୟ ଅଧିକାରୀ କାର୍ଯ୍ୟରେ ଅବହେଳା ସହ ସଚ୍ଚୋଟତାର ଅଭାବ ଥିଲେ ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସରକାରଙ୍କ ସର୍କୁଲାରରେ ଦର୍ଶାଯାଇଥିବା ନୀୟମଗୁଡ଼ିକୁ ଅନେକ ବିଭାଗ ସମ୍ପୂର୍ଣ୍ଣ ଭାବେ ପାଳନ କରୁ ନ ଥିବା ନଜରକୁ ଆସିଛି। ବହୁ ସରକାରୀ ଅଧିକାରୀ ଚାକିରିରେ ରହିଛନ୍ତି। ହେଲେ ତାଙ୍କ ଅଧୀନରେ ଥିବା ସରକାରୀ ଜାଗା ବ୍ୟକ୍ତିଗତ ମାଲିକାନାରେ ଦଖଲକୁ ଯାଉଥିଲେ ବି ସେମାନେ ପ୍ରତିହତ କରୁନାହାନ୍ତି। ବରଂ ସେମାନଙ୍କୁ ସହଯୋଗ କରୁଛନ୍ତି। ଫଳରେ ବହୁ ବିଭାଗୀୟ ଜାଗା ହରିଲୁଟ ହୋଇଚାଲିଛି। ଏହା କେବଳ ବ୍ୟବସ୍ଥାରେ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ଜନସ୍ୱାର୍ଥ ପାଇଁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି। ତେଣୁ କାର୍ଯ୍ୟରେ ସନ୍ଦେହଜନକ ସଚ୍ଚୋଟତା ଓ ଅପାରଗତା ଥିବା ବ୍ୟକ୍ତିମାନଙ୍କୁ ସରକାର ତୁରନ୍ତ ହଟାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ଜଳାଶୟ ଓ ନଦୀ ଜବରଦଖଲ କରାଯାଇପାରିବ ନାହିଁ। କିପରି ଜବରଦଖଲ କରାଯାଇଛି ତାହା ଉପରେ ତଦନ୍ତ କରାଯାଇ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବାଲି କହିଛନ୍ତି।



ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମୈତ୍ରେୟୀ


@ ଦିକୁ ରଞ୍ଜନ


@ ହୃଷୀକେଶ


@ ଦିବ୍ୟଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭତ୍ତା ୩ ହଜାର ଟଙ୍କା ପ୍ରଦାନ ଦାବିରେ ହିତାଧିକାରୀଙ୍କ ସମାବେଶ

ମାର୍ଶାଘାଇ, ୩୦।୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପଡ଼ିଆରେ ଶୁକ୍ରବାର ଶତାଧି ଭତ୍ତା ହିତାଧିକାରୀ ଏକତ୍ରିତ ହୋଇ ଭତ୍ତା ରାଶି ବୃଦ୍ଧି କରି ୩ ହଜାର ଟଙ୍କା ସରକାର ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ସରକାରୀ କର୍ମଚାରୀଙ୍କ ସମେତ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଉଥିବା ବେଳେ ଅସହାୟ ବୃଦ୍ଧାବୃଦ୍ଧ ଦିବ୍ୟାଙ୍ଗ ଏବଂ ବିଧବାମାନଙ୍କ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଏହି ଅସହାୟମାନଙ୍କୁ ଭତ୍ତା ଟଙ୍କା ୩ ହଜାର ଲେଖାଏଁ ପ୍ରଦାନ କରିବାକୁ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ସରକାରଙ୍କୁ ପ୍ରଦାନ କରିଥିଲେ। ବିଡିଓ ପଞ୍ଚାନନ ମଲିକ ଅନୁପସ୍ଥିତ ଥିବାରୁ ମୁଖ୍ୟ କିରାଣି ରାଜେନ୍ଦ୍ର ପ୍ରସାଦ ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ବିଦ୍ୟାଧର ମଲିକ, ରାଜେନ୍ଦ୍ର ରାଉତ, ଦେବବ୍ରତ ଲେଙ୍କା, ବାନାମ୍ବର ନାୟକ, ପ୍ରଫୁଲ୍ଲ ରାଉତ ପ୍ରମୁଖ ହିତାଧିକାରୀଙ୍କ ପ୍ରତିନିଧି ଭାବେ ଦାବିପତ୍ର ପ୍ରଦାନ କରିଥିଲେ।



ଭତ୍ତା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ମହିଳାପୁରୁଷ।

# ଗୋବରୀ ନଦୀ ବନ୍ଧ ପଥର ପ୍ୟାକିଂ ଧସିଲା

- ନିର୍ମାଣକୁ ଦିନେ ପୂରିଲାନି
- ମହାକାଳପଡ଼ା-ଶିଖର ଗୋବରୀ ନଦୀପଥ
- ଛୋଟ ପଥର ରଖୁନି ନଦୀ ପ୍ରଖର ସ୍ରୋତ

ମହାକାଳପଡ଼ା, ୩୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଶିଖର ଗୋବରୀ ନଦୀ ପାର୍ଶ୍ୱ ବନ୍ଧରେ ନିର୍ମାଣ କାର୍ଯ୍ୟ ଦିନକ ପରେ ପଥର ଧସିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସାମୁଦ୍ରିକ ଜୁଆର ଓ ବନ୍ୟା ଜଳ ପ୍ରଖର ସ୍ରୋତକୁ ରୋକିବା ପାଇଁ ନଦୀ ବନ୍ଧ ନିର୍ମାଣରେ ବହୁ ଅର୍ଥ ବ୍ୟୟ ଅଟକଳ କରାଯାଉଛି। ହେଲେ ବନ୍ଧ ନିର୍ମାଣ କାର୍ଯ୍ୟରେ ଛୋଟ ଛୋଟ ପଥର ସ୍ୱର ଡମ୍ପିଂ ଯୋଗୁ ନଦୀ ଗର୍ଭରେ ଲୀନ ହୋଇଯାଉଛି। ପଥର ସ୍ୱର ନିର୍ମାଣ କାର୍ଯ୍ୟ ଦିନକ ପରେ ଗୋବରୀ ନଦୀ ପ୍ରଖର ସ୍ରୋତରେ ଦବି ଯାଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ବ୍ଲକ ଅଧୀନ ନଦୀ ତଟବନ୍ଧ ନିର୍ମାଣ ବିଭାଗ ପକ୍ଷରୁ ମହାକାଳପଡ଼ା-ଶିଖର ଗ୍ରାମ ସଂଲଗ୍ନ ଗୋବରୀ ନଦୀ ପାର୍ଶ୍ୱରେ ଏକ ପଥର ସ୍ୱର ଡମ୍ପିଂ ବୁଧବାର ସରିଥିଲା। ହେଲେ ଏହି ସ୍ୱର ନିର୍ମାଣ କାର୍ଯ୍ୟ ଗୁରୁବାର ଅପରାହ୍ନରେ ୧୫ ଫୁଟ ଲମ୍ବର ପଥର ଦବି ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ନିରୀକ୍ଷଣ କରିଥିଲେ। ତେବେ ଏହି ନିର୍ମାଣ କାର୍ଯ୍ୟରେ ଛୋଟ ଛୋଟ ପଥର ବ୍ୟବହାର ଯୋଗୁ ଏଭଳି ହେଲା ବୋଲି ଅଭୟ ଦାସ ଓ ପ୍ରଭାସ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ନିର୍ମାଣ କାର୍ଯ୍ୟରେ ବଡ ପଥର ବ୍ୟବହାର କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ନିୟମ ଅନୁସାରେ ନଦୀକୂଳଠାରୁ ନଦୀ ଗର୍ଭକୁ ଯେତିକି ଦୂରତା ପର୍ଯ୍ୟନ୍ତ ପଥର ଡମ୍ପିଂ ହେବା କଥା ତାହା ହେଉନାହିଁ। ଯେତିକି ଉଚ୍ଚତାରେ ବର୍ମ ହେବା କଥା ତାହା ସେତିକି ପଥର ପ୍ୟାକିଂ ନିର୍ମାଣ କରାଯାଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ନଦୀକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି। ମାତ୍ର ବିଭିଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ କେଉଁଠି ପଥର ପ୍ୟାକିଂ ଧସୁଛି ତ କେଉଁଠାରେ ଛୋଟ ଛୋଟ ପଥର ପ୍ୟାକିଂ ନଦୀ ଗର୍ଭକୁ ଚାଲିଗଲାଣି ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରେ ତଦାରଖ କରାଯାଇ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେବ

ପାଟକୁରା, ୩୦।୧ (ରବୀନ୍ଦ୍ର ନାଥ ବାରିକ)

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ତଦନୁଯାୟୀ ଗରଦପୁର ତହସିଲ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି କୌଣସି ସରକାରୀ ରାସ୍ତା ଜବରଦଖଲରେ ଥାଏ ଏବଂ ଜନସାଧାରଣ ଏଥିପାଇଁ ହଇରାଣ ହରକତ ହେଉଥାନ୍ତି ତେବେ ଜସାଧାରଣ ଗରଦପୁର ତହସିଲଦାରଙ୍କୁ ଫେବୃଆରୀ ୨ ତାରିଖ ଭିତରେ ଦରଖାସ୍ତ ମାଧ୍ୟମରେ ଜଣାଇପାରିବେ ବୋଲି ଅତିରିକ୍ତ ତହସିଲଦାର ଗୁଡ୍ରା ହେମ୍ବ୍ରମ ସୂଚନା ଦେଇଛନ୍ତି। ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ମଧ୍ୟ ସେମାନଙ୍କ ପଞ୍ଚାୟତ ମଧ୍ୟରେ ସରକାରୀ ରାସ୍ତା କୌଣସି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଥିଲେ ତାହା ଜଣାଇବାକୁ ଅତିରିକ୍ତ ତହସିଲଦାର ଜଣାଇଛନ୍ତି। ଏପରି ଆଭିଯୋଗ ମିଳିବା ପରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ତୁରନ୍ତ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦାମୋଦର ମେମୋରିଆଲ ଫୁଟ୍‌ବଲ: ସେମିରେ ତାରାସ

ରାଜକନିକା, ୩୦।୧ ( ରବୀନ୍ଦ୍ର କୁମାର ଦାସ)

ଓଳାଭର ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଦାମୋଦର ମଲ୍ଲିକଙ୍କ ପରିବାର ସହଯୋଗରେ ସ୍ଥାନୀୟ କାଳୀ ପଡ଼ିଆଠାରେ ଦାମୋଦର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟଦିନ ଖେଳ ଶୁକ୍ରବାର ନେତାଜୀ କ୍ଲବ ତାରାସ ବନାମ ଏନ୍‌ଏସି ଚାନ୍ଦବାଲି ମଧ୍ୟରେ ହୋଇଥିଲା। ଖେଳରେ ତାରାସ ୪-୩ ଟାଇବ୍ରେକର ଗୋଲରେ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ୧-୧ ଗୋଲରେ ବରାବର ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏହି ଖେଳରେ ଅତିଥି ଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ଭଗବାନ ପରିଡା ଓ କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଦଳର ସୂର୍ଯ୍ୟକାନ୍ତ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଆସୋସିଏଶନର ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ନାଥ, ସମ୍ପାଦକ ପ୍ରୟାଗ ନାୟକ, ସଞ୍ଜୟ ପୃଷ୍ଟି, ସେକ ହାସୀମ, ରାଖାଲ ଦେ, ନିରାକାର ସାମଲ, ଦିବସ ବେହେରା, ଦେବବ୍ରତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେକ ସଲିମ, ଅରୁଣ ବାରିକ ଓ ଶରତ ଜେନା, ଖେଳ ପରିଚାଳନା କରିଥିଲେ।

# ଡ୍ରେନେଜ କଟ୍ ପୁନରୁଦ୍ଧାର ନାମରେ ବହୁ କୋଟି ଦୁର୍ନୀତି ଅଭିଯୋଗ

ଡେରାବିଶ, ୩୦।୧ (ବେବର୍ତ୍ତା ଅଜୟ ଦାସ)

- ଡ୍ରେନେଜ ବିଭାଗର ମନମାନୀ
- ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହେବା ନେଇ ସାଧାରଣରେ ଅସନ୍ତୋଷ

ଡେରାବିଶ ବ୍ଲକ ଅଞ୍ଚଳରେ ଡ୍ରେନେଜ କଟ୍‌ଗୁଡିକରୁ ଜଳ ନିଷ୍କାସନ ସମସ୍ୟା ଲାଗି ରହିଥିବାରୁ ଚାଷୀଙ୍କ ଦୁଃଖ ବଢିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ୧୬, ୧୯ ଓ ୨୦ ନମ୍ବର ଡ୍ରେନେଜ କଟ୍‌ର ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ପକ୍ଷରୁ ଠିକା ସଂସ୍ଥାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପ୍ରତ୍ୟେକ ଡ୍ରେନେଜ କଟ୍‌ର ପୁନରୁଦ୍ଧାର ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟବବରାଦ କରାଯାଇଥିବା ସମ୍ପୃକ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ସେଠୀ କହିଛନ୍ତି। ବର୍ତ୍ତମାନ ଏହି ଡ୍ରେନେଜ କଟ୍‌ର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ତାହା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନେଜ ଖୋଳା ବଦଳରେ ଠିକାଦାର ଡ୍ରେନେଜ ବନ୍ଧରୁ ମାଟି ତାଡି ସେହି ବନ୍ଧରେ ପକାଇ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଅଧିକ ବର୍ଷାଜଳ ଚାଷଜମିରେ ପୂର୍ବବତ ଜମି ରହିବା ସହ ନିଷ୍କାସନ ହୋଇପାରିବ ନାହିଁ ବୋଲି ଅଞ୍ଚଳର ଚାଷୀ ଗୋପୀନାଥ ପଲେଇ କହିଛନ୍ତି।

ଡ୍ରେନେଜ ବନ୍ଧ ଉପରେ ଥିବା ବହୁସଂଖ୍ୟାରେ ତାଳ ଗଛଗୁଡିକୁ ବନ ବିଭାଗର ବିନା ଅନୁମତିରେ ଜେସିବି ମେଶନ ଲଗାଇ ଠିକାସଂସ୍ଥା ଉପାଡି ଦେଇ ସେହି ଡ୍ରେନେଜ ବନ୍ଧରେ ପକାଇ ତା' ଉପରେ ମାଟି ପକାଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ ବିଭାଗ କର୍ତ୍ତୃପକ୍ଷ ଅଭିଯୋଗ ପାଇବା ପରେ ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷଙ୍କୁ ଏହାର କୈଫିୟତ ତଲବ କରିଥିଲେ। ମାତ୍ର ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷ ଏହାକୁ ଭ୍ରୂକ୍ଷେପ ନ କରି ଏହି କାର୍ଯ୍ୟର ତଦାରଖ ମଧ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। କୋଟି କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଡ୍ରେନେଜ କାର୍ଯ୍ୟ ଚାଷୀଙ୍କ ଦୁଃଖକୁ ଆହୁରି ବଢ଼ାଇବ ବୋଲି ଚାଷୀ ଗୌରାଙ୍ଗ ମହାରଣା କହିଛନ୍ତି। ଗୌରାଙ୍ଗଙ୍କ କହିବା ଅନୁଯାୟୀ, କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମିଶି ଏହି ଡ୍ରେନେଜ କଟ୍ ପୁନରୁଦ୍ଧାର ନାମରେ କୋଟି କୋଟି ଟଙ୍କା ଲୁଟର ମସୁଧା କରାଯାଇଛି। ଏହି କାର୍ଯ୍ୟର ନିରପେକ୍ଷ ତଦନ୍ତ କରିବା ପାଇଁ ବିଭିନ୍ନ ଚାଷୀ ମହଲରେ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ସେଠୀଙ୍କୁ ପଚାରିବାରେ ପୁଅ ବାହାଘର ଥିବାରୁ ସେ ବ୍ୟସ୍ତରେ ରହୁଛନ୍ତି। କାର୍ଯ୍ୟସ୍ଥଳକୁ କୌଣସି ଅଧିକାରୀ କାହିଁ ଯାଉନାହାନ୍ତି ବୋଲି ପଚାରିବାରୁ ସେଠୀ କହିଲେ ମାଟି କାମ ସମୟରେ ଅଧିକାରୀଙ୍କ ଉପସ୍ଥିତି ଆବଶ୍ୟକ କରେ ନାହିଁ। ବିଭାଗ ପକ୍ଷରୁ ଠିକାଦାରଙ୍କୁ ଦିଆଯାଇଥିବା ଡିଜାଇନ ଅନୁଯାୟୀ କାର୍ଯ୍ୟ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟ ଚାଲିଥିବା ପ୍ରତ୍ୟେକ ଡ୍ରେନେଜ ନିକଟରେ ସୂଚନା ଫଳକ ମରାଯାଇ ନ ଥିବା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଯନ୍ତ୍ରୀ ସେଠୀ ଅତି ହାଲିକା ନେଇ ଠିକାଦାର ସୂଚନା ଫଳକ ମାରିଦେବେ ବୋଲି କହିଥିଲେ।



ଡ୍ରେନେଜ ବନ୍ଧରୁ ତାଳ ଗଛକୁ ମେଶିନରେ ଓପାଡା ଯାଇ ବନ୍ଧରେ ପକାଯାଉଛି। ଡ୍ରେନ୍ ଖୋଳାଯାଉଛି।

ଅବଦୁଲ କରିମ ଖାନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଲେବର ସ୍ପୋର୍ଟିଂ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ, ରନର୍ସ ଅପ୍ ଦଳର ଖେଳାଳି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୩୦।୧
(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଅବଦୁଲ କରିମ ଖାନ ମେମୋରିଆଲ ଟୁର୍ନାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ ହୋଇଯାଇଛି। ଫକିରାବାଦସ୍ଥ ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଚାନ୍ଦ କ୍ଲବ ସହ ଲେବର ସ୍ପୋର୍ଟିଂ କେନ୍ଦ୍ରାପଡ଼ା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ୨-୦ ଗୋଲରେ ଲେବର ସ୍ପୋର୍ଟିଂ କେନ୍ଦ୍ରାପଡ଼ା ଚାମ୍ପିୟନ ହୋଇଛି। ଏଥିପାଇଁ ଆୟୋଜକ କ୍ଲବର ସଭାପତି ସଲିମ ଖାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଅରୁଣ କୁମାର ନୟକ, ସାମାଜିକ କର୍ମୀ ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ କ୍ଲବକୁ ଟ୍ରଫି ଓ ଦ୍ୱିତୀୟ ସ୍ଥାନରେ ଥିବା ଚାନ୍ଦ କ୍ଲବକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳି ରାକେଶ, ଡୁଙ୍ଗାଙ୍କ ସହ ଓଡ଼ିଶା ପୋଲିସ ଉନ୍ନତ ଖେଳ ପ୍ରଦର୍ଶନ କରିଥିବାରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ସୁକାନ୍ତ ସିଂ, ମାନସ କୁମାର ବିଶ୍ୱାଳ, ମହମ୍ମଦ ସାକଲିନ ଓ ସେକ ମୋକିମ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟକୁ କ୍ଲବ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ ସହିତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

# ବଢ଼ୁଛି କଳା କଲରାପତରିଆ ବାଘ ବଂଶ

ନୟାଗଡ,୩୦।୧(ଲୋକନାଥ ମିଶ୍ର)



ରାଜ୍ୟରେ ବାଘ ଗଣନା ଚାଲିଥିବାବେଳେ କଳା କଲରାପତରିଆ ବାଘ ବଂଶ ନୟାଗଡ଼ ଜିଲାରେ ବଢ଼ିଥିବା ଜଣାପଡିଛି। ଏହାର ଫଟୋ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବ୍ୟବହୃତ ଟ୍ରାପ କ୍ୟାମେରାରେ କଏଦ୍ ହୋଇଛି। ଏହି ବିରଳ ବାଘର ବଂଶ ନୟାଗଡ଼ ଜଙ୍ଗଲରେ ୬ରୁ ୭ଟି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ବାଘ ବଂଶ ଗଣିଆ ଓ ଦଶପଲ୍ଲା ଜଙ୍ଗଲିଆ ଅଞ୍ଚଳରେ ବଢୁଥିବା ଜଣାପଡିଛି। ୨୦୧୫ ଓ ୨୦୨୧ରେ ବନବିଭାଗର ଟ୍ରାପ କ୍ୟାମେରାରେ ଦଶପଲ୍ଲାର ବାଣୀଗୋଛା (ପଶ୍ଚିମ) ବନାଞ୍ଚଳରେ ପ୍ରଥମେ କଳାବାଘ ନଜରକୁ ଆସିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି କଳା ବାଘ ଦେଖାଦେଇଥିଲା। ତତ୍କାଳୀନ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କଳା ବାଘ ନେଇ ଟୁଇଟ୍ କରିବା ପରେ ୨୦୨୩ରେ କଳା ବାଘ ପୁଣି ଚର୍ଚ୍ଚାକୁ ଆସିଥିଲା। କଳା ବାଘଟି ଗଣିଆ ବ୍ଲକର ଛାମୁଣ୍ଡିଆ ଜଙ୍ଗଲିଆ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନବିଭାଗର ଟ୍ରାପ କ୍ୟାମେରାରେ କଏଦ୍ ହୋଇଥିଲା। ସେତେବେଳେ ବନାଞ୍ଚଳ କର୍ତ୍ତୃପକ୍ଷ କଳା ଚିତାବାଘ ବୋଲି କହିଥିଲେ। ଯାହାକି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କଳା ରଙ୍ଗର କଲରାପତରିଆ ବାଘ ବୋଲି କୁହାଯାଇଥିଲା। ଅନ୍ୟପକ୍ଷେ ୨୦୨୫ରେ କଲରା ପତରିଆ ବାଘ ତାର ଛୁଆକୁ ନେଇ ବୁଲୁଥିବା ଫଟୋ ବି ଟ୍ରାପ କ୍ୟାମରେ ଦେଖିବାକୁ ମିଳିଥିଲା।

ପ୍ରକାଶଥାଉକି ୨୦୧୭-୧୮ ବାଘ ଗଣନା ଅନୁସାରେ ନୟାଗଡ଼ରେ ୧୭ଟି କଲରାପତରିଆ ବାଘ ଥିଲେ ବୋଲି ଜଣାପଡିଥିଲା। ପ୍ରତି ୪ ବର୍ଷରେ

## ଟ୍ରାପ୍ କ୍ୟାମେରାରେ ୬ରୁ ୭ ବାଘ ବିଚରଣ ଚିତ୍ର

ଥରେ ବାଘ ଗଣନା ହେଉଥିବାବେଳେ ୨୦୨୧-୨୨ରେ ବାଘ ଗଣନା ହୋଇଥିଲା। ଅନ୍ୟପକ୍ଷେ ପ୍ରତିବର୍ଷ ଜୁନ ପୂର୍ବରୁ ଓ ଡିସେମ୍ବର ମାସରେ ବାଘ ଗଣନା ମଧ୍ୟ ଅନୁରୂପ ଭାବେ ହୋଇଥାଏ। ବାଘ, ବିରଳ କଳା ବାଘ, ହାତୀ ଭଳି ବନ୍ୟପ୍ରାଣୀ ଉପରେ ଟ୍ରାପ କ୍ୟାମେରା ଲଗାଇ ଗଣନା କରାଯାଉଛି। ଏ ନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍ଓ ଦେବାର୍ଚ୍ଚନ ବେହେରାଙ୍କୁ ପଚାରିବାରେ କଳା କଲରାପତରିଆ ବାଘ ନୟାଗଡ଼ ଜଙ୍ଗରେ ରହିଥିବା କଥାକୁ ସ୍ୱୀକାର କରିଛନ୍ତି। ବାଘ ଗଣନା ରେଜଲ୍ଟ ଆସି ନାହିଁ। ରେଜଲ୍ଟ ଆସିଲେ ଜଣାପଡିବ। ଆମେ ଭିଡିଓ ରେକର୍ଡରେ ଦେଖିଛୁ ୬ରୁ ୭ଟି କଳାବାଘ ଅଛନ୍ତି। ବାଘର ସୁରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

# ଜମି ଅଧିଗ୍ରହଣରେ ପାତରଅନ୍ତରକୁ ପ୍ରତିବାଦ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଚକ୍ରଧରପୁର ମୌଜା ବାସିନ୍ଦାମାନେ।

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

- ଜମିର ସର୍ବୋଚ୍ଚ ମୂଲ୍ୟକୁ ଆଧାର କରି କ୍ଷତିପୂରଣ ଦେବାକୁ ନିବେଦନ
- ଜିଲାପାଳଙ୍କୁ ଫେରାଦ୍ ହେଲେ ଚକ୍ରଧରପୁର ମୌଜା ବାସିନ୍ଦା

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବାଇପାସ୍ ଜମି ଅଧିଗ୍ରହଣରେ ଦଶପଲ୍ଲା ତହସିଲ ଚକ୍ରଧରପୁର ମୌଜାର ୫୦ରୁ ଊର୍ଦ୍ଧ୍ୱ ପରିବାରକୁ ପାତରଅନ୍ତର କରାଯାଇ କ୍ଷତିପୂରଣ ଦେବାକୁ କରାଯାଇଥିବା ବ୍ୟବସ୍ଥାର ପ୍ରତିବାଦ ଉଠିଛି। ଜମିର ସର୍ବୋଚ୍ଚ ମୂଲ୍ୟକୁ ଆଧାର କରି କ୍ଷତିପୂରଣ ଦେବାକୁ ଚକ୍ରଧରପୁର ମୌଜା ବାସିନ୍ଦା ଶୁକ୍ରବାର ଜିଲାପାଳଙ୍କୁ ଭେଟି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଜିଲାପାଳଙ୍କୁ ଭେଟିବା ପରେ ଚକ୍ରଧରପୁର ମୌଜା ବାସିନ୍ଦାଙ୍କ ଦାବିକୁ ପ୍ରଶାସନ ଗୁରୁତର ସହ ନେଇ ବିଚାର କରିବ ବୋଲି ପ୍ରତିଶ୍ରୁତି ମିଳିଥିବା କୁହାଯାଇଛି।

ଅଭିଯୋଗ ଅନୁସାରେ ବାଇପାସ୍ ଜମି ଅଧିଗ୍ରହଣ କ୍ଷେତ୍ରରେ ଚକ୍ରଧରପୁର ମୌଜାବାସୀଙ୍କୁ ଅଣଦେଖା କରାଯାଇଛି। ଜମି ଅଧିଗ୍ରହଣ ଆଇନ ୧୯୫୬ ଅନୁସାରେ କ୍ଷତିପୂରଣ ବ୍ୟବସ୍ଥା ହୋଇଥିବାରୁ ଚକ୍ରଧରପୁର ବାସିନ୍ଦାଙ୍କ କ୍ଷତି ହେଉଛି। ସଂଶୋଧିତ ଜମି ଅଧିଗ୍ରହଣ ଆଇନ ୨୦୧୩ ଅନୁସାରେ ଜମିର ମୂଲ୍ୟାୟନ ସ୍ଥାନୀୟ ଜମିର ସର୍ବୋଚ୍ଚ ମୂଲ୍ୟକୁ ଆଧାର କରି ଦିଆଯିବାକୁ ସରକାରୀ ନିୟମ ରହିଛି। ତେବେ ୨୦୧୩କୁ ବାଦ୍ ଦେଇ ୧୯୫୬ ଅନୁସାରେ କ୍ଷତିପୂରଣ ଲାଗୁ କରାଯାଇଥିବାରୁ ଡିସିମିଲି ପିଛା ୭୦ ହଜାର ୨୦୦ ଟଙ୍କା ରହିଛି। ୭୦ ହଜାର ୨୦୦ ଟଙ୍କାରେ ଦଶପଲ୍ଲା ତହସିଲ ଅଞ୍ଚଳରେ ଘରବାରି ଜମି ମିଳିବା ସମ୍ଭବ ନୁହେଁ। ଅପରପକ୍ଷେ ପଡୋଶୀ ହରିଡାବାଡି, କୃଷ୍ଣଚନ୍ଦ୍ରପୁର ଅଞ୍ଚଳର ଜମିର ମୂଲ୍ୟ ଚକ୍ରଧରପୁର ଗାଁ ଜମିର ମୂଲ୍ୟଠାରୁ ୨ରୁ ୩ ଗୁଣା ଦିଆଯାଉଛି। ଏଣୁ ଜିଲାପାଳ ଏହାର ବିଚାର କରି କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରାଯାଇଛି।

# ୩ ଜଣିଆ କାୟାକଳ୍ପ ଦଳ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ପରଖିଲେ

ଓଡଗାଁ, ୩୦।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ୩ ଜଣିଆ କାୟାକଳ୍ପ ଦଳ ଶୁକ୍ରବାର ପରଖିଛନ୍ତି। କେବଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନୁହେଁ ବରଂ ଡାକ୍ତରଙ୍କ ଚାମ୍ବର, ରୋଗୀମାନେ ରହୁଥିବା ୱାର୍ଡ, ସେମାନଙ୍କ ପାଇଁ ଥିବା ବେଡ୍, ଲ୍ୟାବ, ଅପରେଶନ ସ୍ଥାନ ଏବଂ ଅନ୍ୟ ସ୍ପର୍ଶକାତର ସ୍ଥାନଗୁଡିକ ତନ୍ନତନ୍ନ କରି ବୁଲି ଦେଖିବା ସହିତ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଭରସା ପ୍ରତିଷ୍ଠାନରୁ ଡାକ୍ତର ବିଜୟ କୁମାର ଧଳ, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସମରେଶ୍ୱର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ବାଳ ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରଶାନ୍ତ କୁମାର ଦାସଙ୍କୁ ନେଇ ୩ ଜଣିଆ ଦଳ ଆସିଥିଲେ। ସେମାନଙ୍କୁ ସହଯୋଗ କରିବାକୁ ଜିଲା ଗୁଣାତ୍ମକ ଅଧିକାରୀ ସନତ କୁମାର ମହାପାତ୍ର, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଉତ୍ପଳ ପଟ୍ଟନାୟକ, ବ୍ଲକ ପୋଗ୍ରାମ ଅଧିକାରୀ ଇପ୍ସିତା ଦାସ ପ୍ରମୁଖ ସାମିଲ ହୋଇଥିଲେ। ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିଲାଞ୍ଜନ ଦାସ, ଡା. ଦୀପକ କୁମାର ବଳ, ଡା. ପ୍ରଣତୀ ମଞ୍ଜରୀ ଶର୍ମା, ଡା.ସମ୍ପିତ ପ୍ରସାଦଙ୍କ ସହିତ ଫାର୍ମାସିଷ୍ଟ, ନର୍ସ ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାୟା କଳ୍ପ ଟିମକୁ ସ୍ୱଚ୍ଛତା ପରୀକ୍ଷାରେ ସହଯୋଗ କରିବା ସହିତ ସେମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। କାୟାକଳ୍ପ ଦଳ ସ୍ୱଚ୍ଛତାର ପରୀକ୍ଷା ନିରୀକ୍ଷା କରିବା ସହିତ ତତ୍ ସମ୍ବନ୍ଧୀୟ ନଥିପତ୍ରର ଯାଞ୍ଚ କରିଥିଲେ। ପ୍ରାୟ ୩ ଘଣ୍ଟାରେ କାର୍ଯ୍ୟ ସାରି ଶ୍ରୀରଘୁନାଥ ଜୀଉଙ୍କ ଦର୍ଶନ ପରେ କାୟାକଳ୍ପ ଦଳ ଫେରିଥିଲେ। ସୂଚନାଥାଉକି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ରମାନ୍ୱୟରେ ଏକାଧିକ ବର୍ଷଧରି କାୟାକଳ୍ପ ପୁରସ୍କାର ପାଇ ଆସୁଥିବା ବେଳେ ଚଳିତବର୍ଷ ପୁଣିଥରେ ପୁରସ୍କାର ପାଇବା ପାଇଁ ଆଶା ରଖିଛି।

# ମାଘମେଳାରେ ଜାଗା ସଂରକ୍ଷଣ ପାଇଁ ୨ଲକ୍ଷ ଟଙ୍କା ରାଜସ୍ୱ ଆଦାୟ

ଖଣ୍ଡପଡ଼ା,୩୦।୧(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମାଘମେଳାରେ ସ୍ଥାନ ସଂରକ୍ଷଣ ପାଇଁ ଗୁରୁବାର ଭୈମୀ ଏକାଦଶୀ ତିଥି ସୁଦ୍ଧା ମେଳା ପଡିଆରେ ବିଭିନ୍ନ ଷ୍ଟଲ ଖୋଲିବା ଉଦ୍ଦେଶ୍ୟରେ ପ୍ରାୟ ୧୦୦୦ ବର୍ଗ ଫୁଟ ଜାଗା ସଂରକ୍ଷଣ ହୋଇଛି। ଏଥିଲାଗି ପ୍ରାୟ ୨ ଲକ୍ଷ ଟଙ୍କା ଶ୍ରୀଜୀଉଙ୍କର ମାଘ ମେଳା ଅବସରରେ ରାଜସ୍ୱ ଆଦାୟ ହୋଇଥିବା ଦେବୋତ୍ତର ସୁପରଭାଇଜର ବାଇଧର ରାଉତଙ୍କଠାରୁ ସୂଚନା ମିଳିଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୈତ୍ରେୟୀ



@ ଦିକୁ ରଞ୍ଜନ



@ ହୃଷୀକେଶ



@ ଦିବ୍ୟଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ମୟୂରଖାଲିଆ ହାଇସ୍କୁଲର ୬୩ତମ ବାର୍ଷିକ ଉତ୍ସବ

ରଣପୁର, ୩୦।୧ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ୍ ମୟୂରଖାଲିଆ ହାଇସ୍କୁଲର ୬୩ତମ ବାର୍ଷିକ ଉତ୍ସବ ତଥା କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ, ଶିକ୍ଷକ ଅଖିଳ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେବୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ଦୀର୍ଘ ୬୩ ବର୍ଷର ଗୌରବମୟ ଇତିହାସ, ସଫଳତା ଓ ବିଦ୍ୟାଳୟ ଇତିବୃତ୍ତିକୁ ସଂକ୍ଷେପରେ ଉପସ୍ଥାପନ କରିଥିଲେ।

ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ର, ଶିକ୍ଷକ ତଥା ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ସାହୁ, ମନୋଜ କୁମାର ପାତ୍ର, ରବୀନ୍ଦ୍ର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ରମେଶ ରାଉତ, ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ଭଞ୍ଜ, ଭାଗ୍ୟଧର ଦଳେଇ, ଯୁବ ସରପଞ୍ଚ ଶୁଶାନ୍ତ କୁମାର କଳସ, ସଭାପତି ରବୀନ୍ଦ୍ର କୁମାର ବେହେରା ଓ ଉପସଭାପତି ଶ୍ରଦ୍ଧାଞ୍ଜଳି କଳସ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ମା', ମାତୃଭୂମି, ମାତୃଭାଷା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସଙ୍କଳ୍ପବଦ୍ଧ ହେବାକୁ ପ୍ରେରଣାମୂଳକ ଅଭିଭାଷଣ ଦେଇଥିଲେ। କ୍ରୀଡା, ସଙ୍ଗୀତ, କଳା ଓ ନୃତ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରଶଂସା ପତ୍ର, ଟ୍ରଫି ସହ ପୁରସ୍କୃତ କରିଥିଲେ। ୧୦ମ ଶ୍ରେଣୀର ଛାତ୍ର ଆଦିତ୍ୟ କୁମାର ପ୍ରଧାନ ଚାମ୍ପିୟନ ଟ୍ରଫି ହାସଲ କରି ବିଶେଷ ଭାବରେ ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ ବିଦ୍ୟାଳୟର ଗର୍ବ ଓ ଗୌରବ ଜ୍ଞାନରଞ୍ଜନ ବାରିକ ଜାତୀୟସ୍ତରର ରଗବୀ କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରି ରନର୍ସ-ଅପ୍ ଟ୍ରଫି ସହ ଅର୍ଥ ରାଶି ୨୫ହଜାର ଟଙ୍କା ପୁରସ୍କାର ପ୍ରାପ୍ତ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପ୍ରଶଂସା ପତ୍ର ସହ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେବୀ ଅତିଥିମାନଙ୍କ ସମେତ ଉପସ୍ଥିତ ଶିକ୍ଷାବିତ, ଉପଦେଷ୍ଟା ମଣ୍ଡଳୀ, ପୂର୍ବତନ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ କୃତଜ୍ଞତା ଜ୍ଞାପନ ସହ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ରାସ୍ତା ବିବାଦ ସମାଧାନ ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼, ୩୦।୧(ଲୋକନାଥ ମିଶ୍ର)

## ୧ ବନାମ ୧୭ ଗାଁ ବିବାଦ ପ୍ରସଙ୍ଗ

## ପ୍ରତିଶ୍ରୁତି ପରେ ଫେରିଲେ ୧୭ ଗାଁର ଲୋକ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୟାଗଡ଼ ସଦର ଥାନାର ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧଛକ ଦେଇ ଢିପମାଳ ରାସ୍ତା ସମ୍ପୂର୍ଣ୍ଣ କରିବାକୁ ମାଳିସାହି, ଢେଙ୍କେଣା, ଚାହାଳୀ, ଖଣ୍ଡୁଗାଁ ପଞ୍ଚାୟତର ୧୭ ଖଣ୍ଡ ଗାଁଲୋକ ୧୦ ବର୍ଷ ହେଲା ଆନ୍ଦୋଳନ, ଧାରଣା, ପ୍ରତିବାଦ, ଓ ଫେରାଦ୍ ହୋଇଆସୁଛନ୍ତି। ସେମାନଙ୍କ ଦାବି ପୂରଣ ହେଉ ନ ଥିବାରୁ ୧୭ ଖଣ୍ଡ ଗାଁଲୋକ ଏକାଠି ହୋଇ ଶୁକ୍ରବାର ପୁଣିଥରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କୁ ରାସ୍ତା ନିର୍ମାଣ ପାଇଁ ଫେରାଦ୍ ହୋଇଛନ୍ତି। ରାସ୍ତା ବିବାଦର ସମାଧାନ ପାଇଁ ନୂଆ ଜିଲାପାଳ ମଧୁମିତା ରଥ ୧୭ ଖଣ୍ଡ ଗାଁ ଲୋକଙ୍କର ସମସ୍ୟା ଶୁଣିଥିଲେ। ଏପରିକି ସେମାନଙ୍କଠାରୁ ସ୍ମାରକପତ୍ର ନେଇ ବିପକ୍ଷ ଗାଁ ଲୋକଙ୍କ ସହ ଆଲୋଚନା କରି ରାସ୍ତା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

୧୭ ଖଣ୍ଡ ଗାଁଲୋକଙ୍କ ଅଭିଯୋଗ ଅନୁସାରେ ବଳଭଦ୍ରପୁରଠାରୁ ଢ଼ିପାମାଳ ରାସ୍ତାକୁ ଟେଣ୍ଡର କରାଯାଇ ୨୦୧୬ ମସିହାରେ କାମ ଆରମ୍ଭ ହୋଇଥିଲା। ତେବେ ରାସ୍ତା କାମକୁ ଗୁଡୁପାଙ୍ଗି ଗାଁର ଲୋକମାନେ ବନ୍ଦ କରାଇଥିଲେ। ଏପରିକି ପୋଲିସ ସହାୟତାରେ ରାସ୍ତା କାମ ହୋଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୭ରେ ଏଷ୍ଟିମେଟ ବଦଳାଇ ବଳଭଦ୍ରପୁରଠାରୁ ଢିପମାଳ ରାସ୍ତା ଭାୟା ଗୁଡୁପାଙ୍ଗି ନାମିତ କରାଇ ମୂଳ ରାସ୍ତା ସଦାବନ୍ଧଛକ ରାସ୍ତାକୁ ବନ୍ଦ କରିଦିଆଗଲା। ତେବେ ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧଛକ ଦେଇ ଢିପମାଳ ରାସ୍ତାକୁ ଗୁଡୁପାଙ୍ଗି ଲୋକ କଣ୍ଟାବାଡ ପକାଇ ସ୍ଥାନେ ସ୍ଥାନେ ଖୋଳି ରାସ୍ତା ଅବରୋଧ କରିଦେଲେ। ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧଛକ ଦେଇ ଢିପମାଳ ରାସ୍ତା ବନ୍ଦ କରାଯିବା ପରେ ୧୭ ଖଣ୍ଡ ଗାଁର ଆଦିବାସୀ, ଦଳିତ ଲୋକଙ୍କ ସହ ସାଧାରଣ ଲୋକ ଯାତାୟାତ କ୍ଷେତ୍ରରେ ହଟହଟା ହେଉଛନ୍ତି। ରାସ୍ତା ପାଇଁ ବାରମ୍ବାର ଆନ୍ଦୋଳନ ପରେ ସୁଫଳ ମିଳି ନ ଥିଲା। ଜିଲାପାଳ ପୋମା ଟୁଡୁଙ୍କ ସମୟରେ ୫୭ ନଂ. ଜାତୀୟ ରାଜପଥରେ ଧାରଣା ଦେବା ପରେ ବଳଭଦ୍ରପୁରଠାରୁ ଢିପମାଳ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ମିଳିଥିଲା। ତେବେ ସଫଳତା ମିଳିନାହିଁ। ଅନ୍ୟପକ୍ଷେ ୨୦୨୫ ଜୁନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୧୭ ଖଣ୍ଡ ଗାଁଲୋକଙ୍କ ସମସ୍ୟା ଶୁଣି ପୂର୍ବତନ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲକୁ କହିଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ ବୋଲି କ୍ଷୋଭର ସହ ସେମାନେ କହିଛନ୍ତି।

## ୧୦ ବର୍ଷ ହେଲା ବାହାରୁନି ନିର୍ଯାସ

୨୦୧୬ରୁ ୧୦ ବର୍ଷ ଧରି ଲାଗି ରହିଥିବା ରାସ୍ତା ବିବାଦର ନିର୍ଯାସ ବାହାରୁ ନାହିଁ। ବରଂ ଚିନ୍ତା ଦେଇ ଚାଲିଛି। ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବୁନାଲର କ୍ଲିଅରାନ୍ସ ପାଇବା ପରେ ନୟାଗଡ଼ ଜିଲା ପ୍ରଶାସନ ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦୀୟ ବଳଭଦ୍ରପୁର ଓ ଢିପମାଳ ୩ କିମି ରାସ୍ତାକୁ ୨୦୨୨ ଜୁନରେ ୩ଦିନ ଧରି ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରି ମାଟି ରାସ୍ତା ନିର୍ମାଣ କରାଇଥିଲେ। ମାଟି ରାସ୍ତା ନିର୍ମାଣ ପରେ ସେ ସମୟରେ ଗୁଡୁପାଙ୍ଗି ଗାଁ ସଭାପତି ଦିଲୀପ ନାୟକ କହିଥିଲେ, ପ୍ରଶାସନ ପକ୍ଷରୁ ୩ଦିନ ହେଲା ନିର୍ମାଣ ଚାଲିଥିବା ବଳଭଦ୍ରପୁର ଓ ଢିପମାଳ ୩ କିମି ରାସ୍ତାରେ ପ୍ରାୟ ୫୦୦ ଛୋଟ ଗଛ ନଷ୍ଟ ହୋଇଛି। ରାସ୍ତା ନିର୍ମାଣ ନେଇ ପୋଲିସର ଅନୁରୋଧକ୍ରମେ ଗାଁ ଲୋକମାନେ ନୀରବ ରହିଥିଲେ। ତେବେ ଗଛ ନଷ୍ଟ କରି ଜଙ୍ଗଲ ମଧ୍ୟରେ ରାସ୍ତା ନେବା ଠିକ୍ ହେଲା ନାହିଁ ବୋଲି କହିଥିଲେ। ସେହିଭଳି ଗଛ ନଷ୍ଟ ହେବା ନେଇ ୧୭ ଖଣ୍ଡ ଗାଁ ପକ୍ଷରୁ ଦେବରାଜ ବରାଡ କହିଛନ୍ତି, ଜଙ୍ଗଲ ଥିବା ରାସ୍ତାରେ ପୂର୍ବରୁ ଯିବା ଆସିବା କରାଯାଉଥିଲା। ଗୁଡୁପାଙ୍ଗି ଲୋକ ରାସ୍ତା ନିର୍ମାଣକୁ ବିରୋଧ କରି ଗଛ ଲଗାଇ ଦେଇଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ପୁଣି ରାସ୍ତା ଫିଟିଥିଲା। ପରବର୍ତ୍ତୀ ସମୟରେ ରାସ୍ତାର ପୂର୍ଣ୍ଣାଙ୍ଗ କାମ କରାଯିବାର ରହିଥିଲା। ପ୍ରଶାସନିକ ଅଧିକାରୀ, କର୍ମଚାରୀ, ପୋଲିସ ଅଧିକାରୀଙ୍କ ବଦଳି ପରେ ରାସ୍ତା କାମ ଆରମ୍ଭ ହୋଇ ପାରିଲାନାହିଁ। ପୁଣି ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦ ବଢ଼ି ଚାଲିଲା। ଜିଲାପାଳଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିବ ବୋଲି ପ୍ରତିଶ୍ରୁତି ମିଳିଛି। ଗରିବଗୁରୁବାଙ୍କ ପଡିଆ ପଡିଥିବା ୨୫୦ ଏକର ଜମିରେ ପୁଣି ଫସଲ ହେବ। ବିପକ୍ଷ ଗାଁଲୋକ ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ପରେ ଜିଲାପାଳ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।



ରାସ୍ତା ନିର୍ମାଣ ପାଇଁ ୧୭ ଗାଁର ଲୋକ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।



ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶୁକ୍ରବାର ବିଧାନସଭା ପରିସର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ।

# କୋଟିଆକୁ କେହି ଅଲଗା କରିପାରିବେନି: ମନ୍ତ୍ରୀ

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

କୋଟିଆରେ ଆନ୍ଧ୍ର ଅଫିସରମାନେ ପଶିବା ପରେ ଏବେ ସେହି ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ୨ ଜଣ ବରିଷ୍ଠ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ କେହି କୋଟିଆକୁ ଅଲଗା କରିପାରିବେ ନାହିଁ। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆରେ ବେଆଇନ ଅନୁପ୍ରବେଶକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୀମା ଅତିକ୍ରମକରି କୋଟିଆ ଲୋକଙ୍କୁ ଆନ୍ଧ୍ର ପ୍ରଭାବିତ କରୁଛି। ଆନ୍ଧ୍ର ମାଉସୀ ହୋଇ ସାହାଯ୍ୟ କରୁଛି , ଓଡ଼ିଶା ମା’ ଭଳି ଦାୟିତ୍ୱ ତୁଲାଉଛି। କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। କୋଟିଆ ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ତାକୁ ଏଠାରୁ କେହି ଅଲଗା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋଟିଆ ଓଡ଼ିଶାର ଥିଲା ଏବଂ ଆଗକୁ ମଧ୍ୟ ରହିବ। କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ସହ ଗଣ୍ଡଗୋଳ ପାଇଁ ସେମାନେ ଦାୟୀ। ଅଧିକାର ନ ଥାଇ ଆନ୍ଧ୍ର ଦ୍ୱନ୍ଦ୍ୱ ସୃଷ୍ଟିକରିଛି, କିନ୍ତୁ ଆମେ ଛାଡ଼ିବୁ ନାହିଁ। ରାଜନୈତିକ କାରଣରୁ କୋଟିଆକୁ ଖରାପ ନଜରରେ ଦେଖିଲେ ଛଡ଼ାଯିବ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।




# ୧୫ ଜିଲ୍ଲାରେ ଖୁବ୍ କମ୍ କୁଷ୍ଠ ରୋଗୀ ଅଛନ୍ତି: ସ୍ୱାସ୍ଥ୍ୟ ସଚିବ

## ସମ୍ବର୍ଦ୍ଧିତ ହେଲେ ୩ ଡାକ୍ତର, ୫ ଆଶାକର୍ମୀ

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**



ସମ୍ବର୍ଦ୍ଧିତ ଡାକ୍ତର ଓ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍. ଓ ଅନ୍ୟ ଅଧିକାରୀମାନେ।

କୁଷ୍ଠ ରୋଗକୁ ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇପାରିବ। ସାମାଜିକ ସହଯୋଗ ଓ ସଚେତନତା ମାଧ୍ୟମରେ ଏହାକୁ ହରା ଯାଇପାରିବ। ଏବେ ରାଜ୍ୟରେ ଶୀଘ୍ର କୁଷ୍ଠରୋଗ ଚିହ୍ନଟ ହେବା ସହିତ ସହଜରେ ଚିକିତ୍ସା ହୋଇପାରୁଛି। ଫଳରେ ୧୫ ଜିଲାରେ ଖୁବ୍ କମ୍ ସଂଖ୍ୟକ କୁଷ୍ଠ ରୋଗୀ ଅଛନ୍ତି। ଡାକ୍ତର ଏବଂ ଆଶାକର୍ମୀଙ୍କ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆଗାମୀ ଦିନରେ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସମସ୍ତଙ୍କୁ ଅଧିକ କାମ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ୍. କହିଛନ୍ତି। ଶୁକ୍ରବାର ବିଭାଗ ପକ୍ଷରୁ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ କୁଷ୍ଠ ନିବାରଣ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚିବ ଏହା କହିବା ସହ ରାଜ୍ୟର କୁଷ୍ଠ ରୋଗର ସ୍ଥିତି ନେଇ ତଥ୍ୟ ରଖିଥିଲେ। ବିଭାଗର ତଥ୍ୟ ଅନୁଯାୟୀ, ୨୦୨୪-୨୫ ବର୍ଷରେ ରାଜ୍ୟରେ ମୋଟ୍ ୭୩୪୯ କୁଷ୍ଠରୋଗ କେସ୍ ଚିହ୍ନଟ ହୋଇଛି। ସେହିପରି କୁଷ୍ଠ ରୋଗୀ ସଂଖ୍ୟାରେ ୯୨ପ୍ରତିଶତ ହ୍ରାସ ଘଟିଥିବାବେଳେ ଏବେ ୧୦୬ଟି ଗ୍ରେଡ୍-୨ କେସ୍ ରହିଛି। ସେହିପରି ୩୧୯୫ଜଣ କୁଷ୍ଠ ଆକ୍ରାନ୍ତ ଶିଶୁ ରୋଗୀ ଅଛନ୍ତି। ଏଯାବତ୍ ଅସ୍ତ୍ରୋପଚାର ମାଧ୍ୟମରେ ୬୯୭୮ କେସ୍‌ରେ କୁଷ୍ଠ ବିକଳାଙ୍ଗ ରୋଗୀଙ୍କୁ ପୁନଃକ୍ଷମ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ କୁଷ୍ଠ ରୋଗୀଙ୍କୁ ଭଲ କରିଥିବା ଆୟୁଷ ମେଡିକାଲ ଅଫିସର ଡା. ଦିବ୍ୟେନ୍ଦୁ କୁମାର ସାହୁ, ମେଡିକାଲ ଅଫିସର ଡା. ମନୀଷ କୁମାର ସାହୁ ଓ ଆୟୁଷ ମେଡିକାଲ ଅଫିସର ଡା. ତପସ୍ୱିନୀ ମିଶ୍ରଙ୍କୁ ପ୍ରଶଂସାପତ୍ର ସହ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଶାକର୍ମୀ ପ୍ରତିମା ମଲ୍ଲିକ, ରଜନୀ ଭୋଇ, ମଞ୍ଜୁଲତା ଲେଙ୍କା, ୱାଇ. ମଞ୍ଜୁ, ମନୋରମା ମଲ୍ଲିକଙ୍କୁ ଭଲ ପ୍ରଦର୍ଶନ ନିମନ୍ତେ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶଲ୍ୟ ବିଶେଷଜ୍ଞ ତଥା ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡା. ଲକ୍ଷ୍ମଣ କୁମାର କର୍ମୀ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଦରମା ବୃଦ୍ଧିର ପୁନର୍ବିଚାର ହୋଇପାରେ

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

ବିଧାନସଭାର ଗତ ଅଧିବେଶନ ସମୟରେ ସର୍ବସମ୍ମତିକ୍ରମେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ବିଲ୍ ଗୃହରେ ପାରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଆଡୁ ଏହି ବିଲ୍‌କୁ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ଭାଜପାର ମନ୍ତ୍ରୀ ଏବଂ ବିଧାୟକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ବଜେଟ ଅଧିବେଶନ ସମୟରେ ରାଜ୍ୟ ସରକାର ବିଧାୟକମାନଙ୍କ ଦରମା ଓ ଭତ୍ତା ସାଢ଼େ ୩ ଗୁଣା ବୃଦ୍ଧି ନେଇ ଆଣିଥିବା ବିଲ୍ ଉପରେ ପୁନର୍ବିଚାର କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଭାଜପା ବିଧାୟକ ତଥା ଏ ସମ୍ପର୍କିତ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ କହିଛନ୍ତି, ବିଧାୟକମାନେ ପୁନର୍ବିଚାର ଲାଗି ଲିଖିତ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ, ସାଧାରଣ ଲୋକ ସମାଲୋଚନା କଲେ। ଆସନ୍ତା ବଜେଟ ଅଧିବେଶନରେ ପୁନର୍ବିଚାର ହୋଇ ବିଲ୍ ପାରିତ ହୋଇପାରେ। ବିଧାୟକଙ୍କ ଦରମା କିଛି କମ୍ ହୋଇପାରେ। ଆପାତତଃ ସୁହାଇବା ଭଳି ସର୍ବନିମ୍ନ ଆବଶ୍ୟକ ମୁତାବକ ଦରମା କରାଯାଉ। ସରକାର ଏନେଇ ବିଚାର କରୁଛନ୍ତି, ଅନୁଧ୍ୟାନକରି ପଦକ୍ଷେପ ନେବେ ବୋଲି ମଢ଼େଇ କହିଛନ୍ତି।

# ୩ ବାଂଲାଦେଶୀଙ୍କୁ ଦେଶାନ୍ତର କଲା ଜିଲା ପ୍ରଶାସନ



**କେନ୍ଦ୍ରାପଡ଼ା,୩୦।୧(ଜଗନ୍ନାଥ ଧଳ)**

ଦୀର୍ଘ ୨୧ ବର୍ଷ ପରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜିଲା ପ୍ରଶାସନ ଶୁକ୍ରବାର ଦେଶାନ୍ତର କରିଥିବା ସୂଚନା ମିଳିଛି। ସେମାନେ ହେଲେ ଅମିନା ବିବି, ଇନସାନ ଖାନ ଓ ମୁନତାଜ ଖାନ। ୨୦୨୫ ନଭେମ୍ବର ୨୭ରେ ଜିଲାର ବିଭିନ୍ନ ସ୍ଥାନରେ ରହି ଆସୁଥିବା ୧୨ ଜଣିଆ ପରିବାର ସଦସ୍ୟଙ୍କୁ ଅନୁପ୍ରବେଶକାରୀ ସନ୍ଦେହରେ ଜିଲା ପୋଲିସ ଅଟକ ରଖିଥିଲା। ୭ ଦିନ ମଧ୍ୟରେ ଅଟକଙ୍କ ମଧ୍ୟରୁ ପରିଚୟ ପତ୍ର ସଂଗ୍ରହ କରି ୯ ଜଣଙ୍କୁ ଛାଡି ଦେଇଥିଲା। ତେବେ ଏହି ୩ ଜଣ ପରିଚୟ ପତ୍ର ଦେଇ ନ ପାରିବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା। ଏହି ପରିବାର ୧୯୮୭ ମସିହାରେ ବାଂଲାଦେଶରୁ ଆସିଥିବା ସୂଚନା ମିଳିଛି। ଅପରପକ୍ଷରେ ୨୦୦୪ ମସିହାରେ କେନ୍ଦ୍ରାପଡ଼ା ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ରହୁଥିବା ଚିହ୍ନଟ ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। କୋର୍ଟରେ ମାମଲା କରିବା ପରେ ସେମାନେ ଦେଶାନ୍ତର ହୋଇ ନ ଥିଲେ। ସୂଚନାଯୋଗ୍ୟ ବଙ୍ଗ ଭଙ୍ଗ ସମୟରେ ମୋଟ ୧୨୩୭ ବାଂଲାଦେଶୀଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ବଙ୍ଗଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଅଧିକ ହୋଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଲକ୍ଷାଧିକ ଅଛି।

# ସିରିଜ୍ ଦୁର୍ଘଟଣା, ୨୦ ଯବାନ ଆହତ




ଦୁର୍ଘଟଣାଗ୍ରସ୍ତ ଯବାନ ଗାଡ଼ିକୁ କ୍ରେନ୍ ଯୋଗେ ଉଠାଯାଉଛି।

**ଚମ୍ପୁଆ,୩୦।୧(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ରିମୁଳି-ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ନାରଦପୁରଠାରେ ସିରିଜ୍ ଦୁର୍ଘଟଣା ଘଟିଛି। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ୍) ଯବାନଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ପଛରୁ ଟ୍ରକ୍ ଧକ୍କାଦେଇଥିଲା। ବସ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍ ପଛରେ ପିଟିହୋଇଥିଲା। ଫଳରେ ବସ୍‌ର ଆଗ ଓ ପଛ କାଚ ଭାଙ୍ଗିଯାଇଥିବା ବେଳେ ପ୍ରାୟ ୨୦ ଯବାନ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଆଇଏସ୍ଏଫ୍ ଯବାନ ବସ୍ (ଓଡି ୧୩ ଏନ୍ ୦୦୫୪) ଯୋଗେ ଗୁଆଲିରୁ ଘଟଗାଁସ୍ଥିତ ଆନୁଆଲ କୋର୍ସ ଫାୟାରିଂ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ନାରଦପୁର ନିକଟରେ ଏକ ଟ୍ରକ୍ ବସ୍ ପଛକୁ ଧକ୍କାଦେଇଥିଲା। ଫଳରେ ଉକ୍ତ ଯବାନ ଥିବା ଗାଡ଼ିଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍ (ଜେଏଚ୍ ୧୦ ସିପି ୨୭୩୦) ସହ ଧକ୍କା ହୋଇଥିଲା। ଗାଡ଼ି ଭିତରେ ଥିବା ୨୫ ଯବାନଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଥିଲେ। ଖବର ପାଇ ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପରଞ୍ଜନ ନାଏକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଯବାନଙ୍କୁ ଉଦ୍ଧାରକରିବା ସହ ବାସୁଦେବପୁର ଓ ଚମ୍ପୁଆ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ କ୍ରେନ୍ ଯୋଗେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବୁଝାଶୁଝା କରି ପରିସ୍ଥିତି ଶାନ୍ତ ଅବସ୍ଥାକୁ ଆଣିଥିଲା। ଚମ୍ପୁଆ ପୋଲିସ ଏନେଇ ଏକ ମାମଲା(ନଂ. ୩୫/୨୬)ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

**WANTED**
A reputed office requires
Junior Accountant, Personal Assistant, Experience Driver
Qualification: Preferable for Company Secretary, B.Tech, Diploma, C.A Course (Degree & Non Degree) for its Bhubaneswar Office.
8117889084, 9178181581

**URBAN YATRA - TOUR COMPANY**
BHUBANESWAR, ODISHA
URGENT HIRING - IMMEDIATE JOINING
Positions Open:
- SUPERVISOR
- COOK
- WAITRESS
Experience required: 2 years & above
9938012124 | 9439534567
www.urbanyatra.com

MagnetConnects
**JOB VACANCY**
Contact: +91 97008 02000/ +91 73770 61767
Address: Pramila Tower, Sishu Vihar, Patia, Behind Pantaloons, BBSR
- PROJECT MANAGER/ CO-ORDINATOR
- IT - LARAVEL DEVELOPER
- DATA ENTRY/ EXCEL
- OFFICE BOY

**ଆବଶ୍ୟକ**
ମଙ୍ଗଳୁରୁ (କର୍ଣ୍ଣାଟକ)ରେ ଅବସ୍ଥିତ ଏକ କମ୍ପାନୀ ପାଇଁ ହେଲ୍ପରମାନଙ୍କର ଆବଶ୍ୟକତା ଅଛି। ଖାଦ୍ୟ ଏବଂ ରହିବା ସୁବିଧା ଦିଆଯିବ।
ବେତନ: Rs.12,000/-.
ଯୋଗାଯୋଗ କରନ୍ତୁ: 8951619411

**APPOINTMENT**
**CCIE SCHOOL**
Behind RTO-1 Office, Bhubaneswar-22
**Required : TGT (All Subjects) & P.E.T**
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

**କେନ୍ଦ୍ରୀୟ ରେଶମ ବୋର୍ଡ**
(ବୟନ ମନ୍ତ୍ରଣାଳୟ, ଭାରତ ସରକାର)
ବିଟିଏମ୍ ଲେ'ଆଉଟ୍, ମାଦିୱାଳା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: +୯୧ ୮୦ ୨୬୨୮୨୬୯୯ ଫାକ୍ସ: +୯୧ ୮୦ ୨୬୬୮୧୫୧୧ ଇ-ମେଲ୍: estab.csb@nic.in
ବିଜ୍ଞାପନ ସଂ. ସିଏସ୍‌ବି/୦୨/୨୦୨୫
**ନିଯୁକ୍ତି ବିଜ୍ଞପ୍ତି**
ତାରିଖ: ୩୧।୦୧।୨୦୨୬
କେନ୍ଦ୍ରୀୟ ରେଶମ ବୋର୍ଡ ଡେପୁଟେଶନ ଭିତ୍ତିରେ ବିଭିନ୍ନ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଅଧିସୂଚନା ସଂ. ସିଏସ୍‌ବି/୦୨/୨୦୨୫, ତାରିଖ: **୨୨।୧୧।୨୦୨୫** ଜାରି କରିଅଛି, ଯାହା ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର **୨୨-୨୮ ନଭେମ୍ବର, ୨୦୨୫ ସଂସ୍କରଣରେ** ପ୍ରକାଶିତ ହୋଇଥିଲା । ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ ବିଭିନ୍ନ ପଦବୀ ଲାଗି ଆବେଦନ ପ୍ରାପ୍ତ କରାଯିବାର ଶେଷ ତାରିଖକୁ ଆଉ ୩୦ ଦିନ ବୃଦ୍ଧି କରାଯାଇଛି, ଅର୍ଥାତ୍ **ତା୨୦।୦୨।୨୦୨୬ରିଖ** ପର୍ଯ୍ୟନ୍ତ ।
ବିବରଣୀ ପାଇଁ, ସିଏସ୍‌ବି ୱେବ୍‌ସାଇଟ୍: www.csb.gov.in ଦେଖନ୍ତୁ ।
CBC: 41109/12/0018/2526
କେନ୍ଦ୍ରୀୟ ରେଶମ ବୋର୍ଡ

**ପୂର୍ବ ତଟ ରେଳପଥ**
ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)
ନିଯୁକ୍ତି ନିମନ୍ତେ ଅଧିସୂଚନା
ସଂ.: SDCM/KUR/STBA/Notification/NSG-6/2026/Phase-9 ତାରିଖ : 16.01.2026
ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 07 (ସାତ) ଗୋଟି 'NSG-6' ବର୍ଗର ଷ୍ଟେସନଗୁଡ଼ିକ ଠାରେ 03 (ତିନି) ବର୍ଷ ନିମନ୍ତେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ କମିଶନ ଭିତ୍ତିରେ ଅସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBAs) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍** ନିକଟକୁ ଆବେଦନ କରିପାରିବେ।
ଆବଶ୍ୟକ STBAଙ୍କ ସଂଖ୍ୟା : ପ୍ରତ୍ୟେକ ଷ୍ଟେସନରେ ଦିନରାତି କାର୍ଯ୍ୟ କରିବା ନିମନ୍ତେ କେବଳ ଏକ (01) STBA.
ଷ୍ଟେସନଗୁଡ଼ିକର ନାମ
1. ସଦାଶିବପୁର (SSPR), 2. ମୋଟରି (MWQ), 3. ଚାରବାଟିଆ (CBT), 4. ବୁଢ଼ାପଙ୍କ (BDPK), 5. ବାଘୁଆପାଳ (BGPL), 6. ହରିଦାସପୁର (HDS) ଏବଂ 7. ହିନ୍ଦୋଳ ରୋଡ୍ (HND) ।
ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.23.02.2026 ରିଖ 1100 ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍‌ଙ୍କ** କାର୍ଯ୍ୟାଳୟରେ ପକାଯିବା ଦରକାର। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.23.02.2026ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ।
ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.23.02.2026 ରିଖ 1100 ଘଟିକା
ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା.23.02.2026 ରିଖ 1130 ଘଟିକା।
ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ଅବଲୋକନ କରନ୍ତୁ କିମ୍ବା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ : ଜଟଣୀ, ଖୋର୍ଦ୍ଧା, ପିନ୍ : 752050 ଙ୍କ ସହିତ ଯୋଗାଯୋଗ କରନ୍ତୁ।
PR-1064/Q/25-26 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

IISER BERHAMPUR
भारतीय विज्ञान शिक्षा एवं अनुसंधान संस्थान बरहमपुर
INDIAN INSTITUTE OF SCIENCE EDUCATION AND RESEARCH BERHAMPUR
Established by the Ministry of Education, Govt. of India
**Recruitment Notice for Non-Teaching Position**
Advt. No. NT- 01/2025 Dated :31.12.2025
Opening date for submission of online application: **0900 hrs**. of **January 31, 2026**
Closing date of submission of online application: **1730 hrs**. of **March 02, 2026**
Crucial date for calculation of age/qualification/experience: **March 02, 2026**
The Indian Institute of Science Education and Research Berhampur, an Institute of National Importance, established by the Ministry of Education, Government of India, in order to promote higher scientific learning and research as well as scientific exploration at the undergraduate and postgraduate levels of education and to create scientists and academicians of the highest quality invites **ONLINE Applications** from eligible Indian nationals to fill-up the following sanctioned regular post as per the reservation and mode of recruitment mentioned against each: -

| S. No. | Name of the post | Group | Pay Level (as per 7th CPC) | Mode of recruitment | Vertical Reservation UR | SC | ST | OBC | EWS | Horizontal Reservation PWD | Total No. of posts |
|---|---|---|---|---|---|---|---|---|---|---|---|
| A. Registry and Ministerial Cadre | | | | | | | | | | | |
| 1 | Deputy Registrar | A | 12 | Direct Recruitment | 01 | 00 | 00 | 00 | 00 | 00 | 01 |
| 2 | Private Secretary | B | 7 | | 01 | 00 | 00 | 00 | 00 | 00 | 01 |
| 3 | Junior Assistant (MS) | C | 3 | | 01 | 00 | 00 | 00 | 00 | 00 | 01 |
| B. Ministerial Cadre | | | | | | | | | | | |
| 4 | Senior Superintendent | B | 7 | Deputation | 01 | 00 | 00 | 00 | 00 | 00 | 01 |
| C. Technical (Laboratory) Cadre | | | | | | | | | | | |
| 5 | Technical Officer (Lab) | A | 10 | Direct Recruitment | 01 | 00 | 00 | 00 | 00 | 00 | 01 |
| 6 | Junior Technical Assistant (Lab) | C | 5 | | 01 | 00 | 00 | 00 | 00 | 00 | 01 |
| D. Technical (IT) Cadre | | | | | | | | | | | |
| 7 | Senior Technical Officer (IT) | A | 11 | Direct Recruitment | 01 | 00 | 00 | 00 | 00 | 00 | 01 |
| E. Engineering Cadre | | | | | | | | | | | |
| 8 | Assistant Engineer (Civil) | B | 7 | Direct Recruitment | 01 | 00 | 00 | 00 | 00 | 00 | 01 |
| 9 | Junior Engineer (Electrical) | B | 6 | | 01 | 00 | 00 | 00 | 00 | 00 | 01 |
| F. Medical Cadre | | | | | | | | | | | |
| 10 | Medical Officer | A | 10 | Direct Recruitment | 01 | 00 | 00 | 00 | 00 | 00 | 01 |
| 11 | Nurse | B | 7 | | 01 | 00 | 00 | 00 | 00 | 00 | 01 |
| G. Library Cadre | | | | | | | | | | | |
| 12 | Junior Library Superintendent* | B | 6 | Direct Recruitment | 00 | 00 | 00 | 00 | 00 | 01* | 01 |
| H. Sports and Physical Education Cadre | | | | | | | | | | | |
| 13 | Physical Education Instructor | B | 7 | Direct Recruitment | 01 | 00 | 00 | 00 | 00 | 00 | 01 |
| I. Official Language Cadre | | | | | | | | | | | |
| 14 | Junior Translator (Rajbhasha) | B | 6 | Direct Recruitment | 01 | 00 | 00 | 00 | 00 | 00 | 01 |
| | | | | Total | 13 | 00 | 00 | 00 | 00 | 01 | 14 |

* The vacancy is reserved for applicants belonging to category of Persons with Benchmark Disability (PwBD) viz. One Arm (OA), One Leg (OL) and Hard of Hearing (HH).
**Note:** The candidates are required to apply through **ONLINE** process only. Please visit Institute website **https://www.iiserbpr.ac.in/** for submission of online application and full text of the advertisement for all other details regarding age relaxation, probation, recruitment rules etc.
Sd/-
कुलसचिव/Registrar

# ରାଜନେତା ବିଶ୍ୱଜିତ, ସଚିନଙ୍କୁ ମାରାଥନ ଜେରା

## ଗଞ୍ଜାମ ବାଲି, ମଦ ମାଫିଆଙ୍କୁ ଇଡି ଛାଟ

- ଜବତ ୨.୬୩ କୋଟି ଟଙ୍କା, ଦାମୀ ଗାଡ଼ିର ହିସାବ ଖୋଜା
- ୧୬ ଜଣଙ୍କୁ ଇଡି ଅଫିସରେ ହାଜର ହେବାକୁ ସମନ

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

ଆପରାଧିକ ଉପାୟରେ ବହୁ କୋଟିର ସାମ୍ରାଜ୍ୟ ଠିଆ କରିଥିବା ଗଞ୍ଜାମ ବାଲି ଓ ମଦ ମାଫିଆଙ୍କୁ ସାବାଡ୍ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବେଆଇନ ବାଲିଘାଟ ଏବଂ ମଦ ଭାଟିରୁ ଆଦାୟ କରିଥିବା କଳାଧନର ଗୋଟିଗୋଟି କରି ହିସାବ ମାଗୁଛନ୍ତି ଇଡି ଅଧିକାରୀ। ସମନ ପାଇବା ପରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ୧୫ରେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଗଞ୍ଜାମର କଂଗ୍ରେସ ନେତା ବିଶ୍ୱଜିତ ପାତ୍ର ଏବଂ ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ପୁଅ ସଚିନ ପାଢ଼ୀ। ଇଡିର ସୂଚନାନୁସାରେ, କେତେକ ଦସ୍ତାବିଜ୍ ସହ ସେମାନେ ହାଜର ହେବା ପରେ ଅଧିକାରୀମାନେ ରାତି ୯ଟା ୩୦ ପର୍ଯ୍ୟନ୍ତ ପଚରାଉଚରା କରିବା ସହ କଳାଧନର ହିସାବ ମାଗିଥିଲେ। ଆହୁରି ମଧ୍ୟ ବାଲିଘାଟ ଓ ମଦ ଭାଟିର କାଗଜପତ୍ର ମାଗିଥିଲେ। ଏଥିସହ ଇଡି ଜବତ କରିଥିବା ୨.୬୩ କୋଟି ଟଙ୍କାର ହିସାବ ମାଗିଥିଲେ ମଧ୍ୟ ସେମାନେ ଦେଇପାରି ନ ଥିଲେ। ସେମାନେ ଆଉ ଏକ ତାରିଖରେ ହାଜର ହୋଇ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ଇଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଚୋରା ବାଲି ଚାଲାଣ ଓ ବେଆଇନ ମଦ ଭାଟି ଲିଙ୍କ୍‌ରେ ଆଉ ୧୬ଜଣଙ୍କୁ ଇଡି ସମନ କରିଛି। ସମସ୍ତେ ଇଡି ଅଫିସରେ ହାଜର ହୋଇ ଦସ୍ତାବିଜ ରଖିବାକୁ କୁହାଯାଇଛି।

ଗତ ୧୬ ତାରିଖରେ ଗଞ୍ଜାମର ୬ ବାଲି ଓ ମଦ ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ କରି ୨ କୋଟି ୬୩ ଲକ୍ଷ ନଗଦ ଟଙ୍କା, ୧୦ ଦାମୀ ଗାଡି ଓ କିଛି କାଗଜପତ୍ର ଜବତ କରିଥିଲା। ଏଥିସହ ସାରା ରାଜ୍ୟରେ ବାଲି ଓ ମଦ ମାଫିଆଙ୍କ ସହ ଗ୍ୟାଙ୍ଗଷ୍ଟରଙ୍କ ଘର ସମେତ ଏକକାଳୀନ ୨୫ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଗଞ୍ଜାମର ବିଜେଡି ନେତା ହୃଷୀକେଶ ପାଢୀଙ୍କ ଘରେ ରେଡ୍ ହୋଇଥିଲା। ପରେ ହୃଷୀକେଶଙ୍କ ସମେତ ଗଞ୍ଜାମ ଜିଲାର ୮ରୁ ୧୦ ବାହୁବଳୀ ବାଲି ଓ ମଦ ମାଫିଆଙ୍କ ଠିକଣାରେ ଇଡି ଘନ ଘନ ଚଢ଼ାଉ କରିଥିଲା। ଯାଞ୍ଚରେ ମିଳିଥିବା ଆଲମୀରା ଭର୍ତ୍ତି ଟଙ୍କା ସହ ଖୋଲିଥିଲା ବାଲି ଓ ମଦ ମାଫିଆଙ୍କ କଳା ସାମ୍ରାଜ୍ୟ। ସେମାନେ ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଜାଲ୍ ୱାଇ ଫର୍ମ ଜରିଆରେ କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିଲେ। ଏହି ବାଲିକୁ ସେମାନେ ଆନ୍ଧ୍ରପ୍ରଦେଶକୁ ଉଚ୍ଚ ଦରରେ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟ ଆସିବା ପରେ ଏହି ଚଢ଼ାଉ କରିଥିଲା ଇଡି। ରେଡ୍ ବେଳେ ବାଲି ମାଫିଆଙ୍କ ଚୋରା ମଦ କାରବାର ସମ୍ପର୍କରେ ମଧ୍ୟ ସୁରାକ ମିଳିଥିଲା।



ଇଡି ଅଫିସ୍‌ରେ ହାଜର ହେଉଛନ୍ତି କଂଗ୍ରେସ ନେତା ବିଶ୍ୱଜିତ ପାତ୍ର।

# ଶୌଚାଳୟରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଭାଇ

ଧାମନଗର,୩୦।୧(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଗୁହାଳିଆ ଗ୍ରାମର ରଞ୍ଜିତା ଖଟୁଆ ନାମ୍ନୀ ମହିଳାଙ୍କର ଗୁରୁବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଶୌଚାଳୟରୁ ତାଙ୍କ ମୃତଦେହ ମିଳିଛି। ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ହତ୍ୟା କରିଥିବା ମୃତ ରଞ୍ଜିତାଙ୍କ ଭାଇ ଲମ୍ବୋଦର ଖଟୁଆ(୩୧) ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ହତ୍ୟା ମାମଲା (ନଂ.୪୩/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ରଞ୍ଜିତାଙ୍କ ସ୍ୱାମୀ ଅକ୍ଷୟ ରାଉତ(୨୮), ଶାଶୁ କାଞ୍ଚନ ରାଉତ(୪୯) ଓ ଶ୍ୱଶୁର ଶ୍ରୀଧର ରାଉତ(୫୫)ଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣା ଘଟିବାର କିଛି ସମୟ ପରେ ଶାଶୁଘର ଲୋକ ଫେରାର ହୋଇଯାଇଥିବା ରଞ୍ଜିତାଙ୍କ ବାପଘର ଲୋକେ କହିଛନ୍ତି।



ରଞ୍ଜିତା ଖଟୁଆ

ଅଭିଯୋଗ ଅନୁଯାୟୀ, ଧାମନଗର ଥାନା ଅଧୀନ ଚନ୍ଦେଶ୍ୱର ଗ୍ରାମର ସ୍ୱର୍ଗତ ଅନନ୍ତ ଖଟୁଆଙ୍କ ଝିଅ ରଞ୍ଜିତାଙ୍କର ୪ବର୍ଷ ତଳେ ଗୁହାଳିଆ ଗ୍ରାମର ଅକ୍ଷୟଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ନଗଦ ୫୦ ହଜାର ଟଙ୍କା ଏବଂ ସୁନା ରୁପା ସହ ବିଭିନ୍ନ ଆସବାବପତ୍ର ଦେଇଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକ ଯୌତୁକକୁ ନେଇ ରଞ୍ଜିତାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଅନେକଥର ଆପୋସ ବୁଝାମଣା ହୋଇଥିଲା। ଏପରିକି ୪ମାସ ପୂର୍ବରୁ ନିର୍ଯାତନା ଅସହ୍ୟ ହେବାରୁ ରଞ୍ଜିତା ବାପଘରେ କିଛିଦିନ ରହିଥିଲେ। ପରେ ସ୍ୱାମୀ, ଶ୍ୱଶୁର ଓ ପରିବାର ଲୋକେ ଆସି ବୁଝାମଣା କରି ତାଙ୍କୁ ଘରକୁ ନେଇଯାଇଥିଲେ। ହେଲେ ଗୁରୁବାର ବିଳମ୍ବିତ ରାତିରେ ଶାଶୁଘର ଲୋକ ରଞ୍ଜିତାଙ୍କ ତଣ୍ଟିକୁ ଶାବଳରେ ଚାପି ମାରିଦେବା ସହ ଘର ପାଖ ଶୌଚାଳୟରେ ପକାଇ ଦେଇଥିବା ଲମ୍ବୋଦର ଅଭିଯୋଗରେ ଦର୍ଶାଇଛନ୍ତି। ବାପଘର ଲୋକଙ୍କ ବିରୋଧ ସତ୍ତ୍ୱେ ଶାଶୁଘର ଲୋକ ମୃତ ରଞ୍ଜିତାଙ୍କୁ ଜୋରଜବରଦସ୍ତ ଆମ୍ବୁଲାନ୍ସ ଯୋଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଲମ୍ବୋଦର କହିଛନ୍ତି। ମୃତ ରଞ୍ଜିତାଙ୍କ ସ୍ୱାମୀ ଭୁବନେଶ୍ୱରରେ ଏକ ମେଡିସିନ ଦୋକାନରେ କାମ କରନ୍ତି। ଘଟଣାର ଦୁଇଦିନ ପୂର୍ବରୁ ୧ ବର୍ଷ ଝିଅର ଜନ୍ମଦିନ ଥିବାରୁ ସେ ଘରକୁ ଆସିଥିଲେ। ଏନେଇ ଥାନାଧିକାରୀ ରଞ୍ଜନ ସେଠୀ କହିଛନ୍ତି, ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଫେରାର ନିର୍ଦ୍ଦେଶକ ତନ୍ମୟଙ୍କୁ ପଶ୍ଚିମବଙ୍ଗରୁ ଗିରଫକଲା ସିବିଆଇ

## ୨ କୋଟିର ଏକ୍ସପ୍ରେସ୍ କଲ୍‌ଟିଭେଶନ ଚିଟ୍‌ଫଣ୍ଡ୍ ଠକେଇ ମାମଲା

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

୨ କୋଟି ଟଙ୍କା ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଏକ୍ସପ୍ରେସ୍ କଲ୍‌ଟିଭେଶନ ଲିମିଟେଡ୍‌ର ଅନ୍ୟତମ ନିର୍ଦ୍ଦେଶକଙ୍କୁ ପଶ୍ଚିମବଙ୍ଗ ନଦିଆରୁ ଗିରଫ କରିଛି ସିବିଆଇ। ଗିରଫ ଅଭିଯୁକ୍ତ ଜଣକ ହେଲେ ତନ୍ମୟ ମିର୍ଦ୍ଧା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ୨୦୨୨ରେ କମ୍ପାନୀ ବିରୋଧରେ ଚାର୍ଜଶିଟ ଦାଖଲ ହୋଇଥିଲା। ହେଲେ ତଦନ୍ତରେ ସହଯୋଗ ନ କରି ଫେରାର ହୋଇଯାଇଥିଲେ ଅଭିଯୁକ୍ତ ତନ୍ମୟ। ଫଳରେ ସିବିଆଇ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲା। ହେଲେ ତନ୍ମୟ ସିବିଆଇ ଅଧିକାରୀଙ୍କୁ ଚକ୍‌ମା ଦେଇ ସ୍ଥାନ ବଦଳାଇ ଲୁଚି ବୁଲୁଥିଲେ। ତେବେ ସେ ପଶ୍ଚିମବଙ୍ଗ ନଦିଆରେ ଥିବା ନେଇ ଗୋଇନ୍ଦା ସୂଚନା ପରେ ସିବିଆଇ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତନ୍ମୟ ଏକ୍ସପ୍ରେକ୍ସ କଲ୍‌ଟିଭେଶନ ଲିମିଟେଡ୍ ନାମରେ ଏକ କମ୍ପାନୀ ଖୋଲି ନିଜେ ଏହାର ନିର୍ଦ୍ଦେଶକ ଥିଲେ। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ଅଫିସ ଥିଲା। ସେ ଲୋକଙ୍କୁ ଟଙ୍କା ଜମା କଲେ କମ୍ ଦିନରେ ଦୁଇଗୁଣା ଦେବାକୁ ଲୋଭ ଦେଖାଇ ୨ କୋଟିରୁ ଊର୍ଦ୍ଧ୍ୱ ସଂଗ୍ରହ କରିଥିଲେ।

# ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## କ୍ଷୀର ବ୍ୟବସାୟୀ ହତ୍ୟା ମାମଲା

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୩ ବିବସ୍ୱତ ଗୌତମ ଏହି ମାମଲାର ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଗୋଷାଣି ନୂଆଗାଁ ଥାନା ଅଞ୍ଚଳର ରୂପେଶ ପାଢ଼ୀ(୩୦), ଶ୍ରୀନୁ ପାତ୍ର(୩୮), ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ବନ୍ଧସାହିର ରଞ୍ଜିତ କୁମାର ସାହୁ ଓରଫ ନାକା (୨୯), ଶିବ ମହାକୁଡ଼ (୨୯) ଓ ଅନ୍ୟ ଏକ ମାମଲାରେ ଗିରଫହୋଇ ଢେଙ୍କାନାଳ ଜେଲରେ ଥିବା ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ବେଢ଼ାବନ୍ଧ ସାହିର ଶଙ୍କର ସାହୁ(୩୧)। ଜେଲ ଭୋଗିବା ସହ ପ୍ରତ୍ୟେକ ଅଭିଯୁକ୍ତ ୧୩ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୮ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୨୦ ଜୁନ୍ ୧୨ ରାତିରେ ହେରିଟେଜ କମ୍ପାନୀର କ୍ଷୀର ବ୍ୟବସାୟୀ ଲମ୍ବୋଦରଙ୍କୁ ହିଲପାଟଣାସ୍ଥିତ ତାଙ୍କ ଗୋଦାମରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ଲୁଟ୍ ଉଦ୍ଦେଶ୍ୟରେ ଆସିଥିଲେ। ଘରେ ଲୁଟେରାଙ୍କ ଶବ୍ଦ ଶୁଣି ଲମ୍ବୋଦର ନିଦରୁ ଉଠି ପଡିଥିବା ବେଳେ ସେମାନେ ଧରାପଡିଯିବା ଭୟରେ ତାଙ୍କୁ ହତ୍ୟାକରିଥିଲେ। ଗୋଦାମ ମ୍ୟାନେଜର ଭି. ବିନୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ, ଶ୍ରୀନୁ, ରଞ୍ଜିତ, ଶିବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ଫେରାର ଥିବାବେଳେ ଢେଙ୍କାନାଳରେ ଏକ ଡକାୟତି ଘଟଣାରେ ଗିରଫହୋଇ ଜେଲ ଯାଇଥିଲେ। ବ୍ରହ୍ମପୁର ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ଏସ୍‌ଡିଜେଏମ୍ କୋର୍ଟରେ ହାଜରକରି ଲମ୍ବୋଦର ହତ୍ୟା ମାମଲାରେ ଜଡ଼ିତ କରିଥିଲା। ଲମ୍ବୋଦର କ୍ଷୀର ଗୋଦାମରେ ଶୋଇଥିବା ବେଳେ ସେଠାରେ ଟଙ୍କା ଓ ସୁନା ଥିବା ଜାଣି ଅଭିଯୁକ୍ତମାନେ ସେସବୁ ଲୁଟିବାକୁ ନିକଟସ୍ଥ ଏକ ହୋଟେଲରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ନେଇ ପୋଲିସ ତଦନ୍ତରୁ ଜଣାପଡିଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରିଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲା

ବାଲେଶର, ୩୦।୧(ବାଞ୍ଛାନିଧି ଦେ)

ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ କାଳିଆ ବାସ୍କେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହିତ ପୀଡ଼ିତା ଦିବ୍ୟାଙ୍ଗ ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବସ୍ତା ଥାନା ବେଣାପୁରା ଗ୍ରାମର କାଳିଆ ବାସ୍କେ ସ୍ଥାନୀୟ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ୨୦୨୩ ଅଗଷ୍ଟ ୨୫ରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ୨୧ ଜଣ ସାକ୍ଷୀ ଓ ୨୯ଟି ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଇମୋହନ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ।

## Business

# 'ଚେତକ ସି୨୫'ର ବଜାର ପ୍ରବେଶ

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)

ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଚେତକ ଶୋ'ରୁମରେ ଶୁକ୍ରବାର ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଚେତକ ସି୨୫ର ବଜାର ପ୍ରବେଶ କରାଯାଇଛି। ଷ୍ଟାଇଲିଶ, ସ୍ଲିକ ଓ ଯୁବମୁଖୀ ଡିଜାଇନ ସହିତ ଆସିଥିବା ଏହି ସ୍କୁଟର ଚେତକ ପୋର୍ଟଫୋଲିଓକୁ ଆଉ ଏକ ନୂଆ ଆକର୍ଷଣ ଯୋଗାଇଛି। ସହର ଭିତରେ ସହଜ ଯାତାୟାତକୁ ଲକ୍ଷ୍ୟକରି ଡିଜାଇନ ହୋଇଥିବା ସି୨୫ ହାଲୁକା ଓ ସୁବିଧାଜନକ ରାଇଡିଂ ଅନୁଭୂତି ପ୍ରଦାନ କରୁଛି। ନିଓ-କ୍ଲାସିକ ଡିଜାଇନରେ ତିଆରି ହୋଇଥିବା ପ୍ରିମିୟମ ମେଟାଲ ବଡି, ଉଚ୍ଚମାନର ପେଣ୍ଟ ଫିନିଶ, ସିଗ୍ନେଚର ଡିଆର୍‌ଏଲ୍ ହେଡ୍‌ଲ୍ୟାମ୍ପ, ଜଏଣ୍ଟ ବିହୀନ ମୋନୋ-ବଡି ଡିଜାଇନ ରହିଛି। ୨.୫ କିଲୋୱାଟର ବ୍ୟାଟେରି ସହ ଆସିଥିବା ଚେତକ ସି୨୫ ଥରେ ଚାର୍ଜ କଲେ ୧୧୩ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୫୫ କି.ମି. ରହିଛି। ହିଲ୍ ହୋଲ୍ଡ ଆସିଷ୍ଟ, 'ଗାଇଡ ମି ହୋମ' ଲ୍ୟାମ୍ପ ଓ ଡିସ୍କ ବ୍ରେକ୍ ଭଳି ଆଧୁନିକ ସୁରକ୍ଷା ବ୍ୟବସ୍ଥା ଏହାକୁ ଆଉ ଅଧିକ ସୁବିଧାଜନକ କରିଛି। ଏହି ବଜାର ପ୍ରବେଶ ଅବସରରେ ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ମନସୂର ବକ୍ସ ଓ ଡାଇରେକ୍ଟର ସାହିରା ବାନୁ ଉପସ୍ଥିତ ଥିଲେ। ଓଡ଼ିଶା ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲହୋତ୍ରା କହିଛନ୍ତି, ସହରୀ ଜୀବନଶୈଳୀରେ ଛୋଟ ଯାତ୍ରା ଓ ସ୍ୱାଧୀନ ଯାତାୟାତର ଆବଶ୍ୟକତା ବଢୁଛି। ଏହି ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସ୍କୁଟର ତିଆରି ହୋଇଛି । ଏହାର ବଜାର ମୂଲ୍ୟ ୯୧,୩୩୯ଟଙ୍କା(ଏକ୍ସ ଶୋ'ରୁମ୍ ମୂଲ୍ୟ) ରହିଥିବାବେଳେ ପ୍ୟାନ୍ ଇଣ୍ଡିଆ ସ୍ତରରେ ପ୍ରଥମ ୧୦ ହଜାର ଗ୍ରାହକ ଏହାକୁ ୭୪,୬୦୦ ଟଙ୍କାରେ କିଣିପାରିବେ।




# ଏ. ଅରବିନ୍ଦାକ୍ଷନ, ଯମୁନା ବୀଣୀଙ୍କୁ ତଥାଗତ ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୩୦।୧

ନୂଆଦିଲ୍ଲୀର ସାହିତ୍ୟ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ଏକ ସମାରୋହରେ କେରଳର ବରିଷ୍ଠ ହିନ୍ଦୀ ସାହିତ୍ୟକାର ଏ. ଅରବିନ୍ଦାକ୍ଷନ ଏବଂ ଅରୁଣାଚଳ ପ୍ରଦେଶର ଯୁବ କବୟିତ୍ରୀ ଯମୁନା ବୀଣୀଙ୍କୁ 'ତଥାଗତ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପ୍ରଖ୍ୟାତ ସାହିତ୍ୟକାର ରାମଦରଶ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯାଏ। ସମାରୋହର ଶୁଭାରମ୍ଭ ମହାକବି ନିରାଲାଙ୍କ ସରସ୍ୱତୀ ବନ୍ଦନା ଉପରେ ଆଧାରିତ କଥକ ନୃତ୍ୟ ପ୍ରସ୍ତୁତିରେ ହୋଇଥିଲା। ତଥାଗତ ଟ୍ରଷ୍ଟର ସଂରକ୍ଷକ ଡା. ଏନ୍‌ପି ସିଂହଙ୍କ ସହ ବରିଷ୍ଠ ସାହିତ୍ୟକାର ଅନାମିକା, ଓମ୍ ନିଶ୍ଚଳ, ଅଶୋକ ବାଜପେୟୀ, ଚନ୍ଦ୍ରକାନ୍ତା ପ୍ରମୁଖ ଯୋଗଦେଇଥିଲେ। ଏ. ଅରବିନ୍ଦାକ୍ଷନଙ୍କ କୃତି 'ଧଡକନୋଂ କେ ଭୀତର ଜାକର' ଏବଂ ଯମୁନା ବୀଣୀଙ୍କ ସଂଗ୍ରହ 'ଜବ ଆଦିବାସୀ ଗାତା ହେଁ' ବେଶ୍ ପାଠକାଦୃତ ହୋଇଛି।




# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟ

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯାଜପୁର କେନ୍ଦୁଝର ରୋଡ୍ ଏବଂ ଜଖପୁରା ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟକ୍ଷମତା ସହିତ ଜଖପୁରା ଷ୍ଟେଶନରେ ନନ-ଇଣ୍ଟରଲକିଂ କାର୍ଯ୍ୟକଳାପ ସହିତ ଜଡ଼ିତ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକର ମାର୍ଗ ପରିବର୍ତ୍ତନ କରାଯାଇଛି। ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ, ୬୮୪୩୮/୬୮୪୩୭ କଟକ-ଭଦ୍ରକ-କଟକ ମେମୁ, ପୁରୀ-ଜଳେଶ୍ୱର ମେମୁ, ୬୮୪୪୧ ଜଳେଶ୍ୱର -ପୁରୀ ମେମୁ, ଖୋର୍ଦ୍ଧା ରୋଡ - କେନ୍ଦୁଝରଗଡ଼ ମେମୁ, କେନ୍ଦୁଝରଗଡ଼-ଖୋର୍ଦ୍ଧା ରୋଡମେମୁସାମୟିକବାତିଲ ରହିବ।

# ପ୍ୟାରିସ୍‌ରେ ପ୍ରଦର୍ଶିତ ହେଲା ଇନ୍ଦ୍ରିୟା ଜୁଏଲେରି



ଭୁବନେଶ୍ୱର, ୩୦।୧

ଆଦିତ୍ୟ ବିର୍ଲା ଜୁଏଲେରୀର ପ୍ରିମିୟମ ବ୍ରାଣ୍ଡ ଇନ୍ଦ୍ରିୟା ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ ପ୍ଲାଟଫର୍ମ ପ୍ୟାରିସ କୋଟୁର ଉଇକରେ ଏହାର ସଂଗ୍ରହ ପ୍ରଦର୍ଶନ କରିଛି। ଏହି ସହଯୋଗରେ ପ୍ରସିଦ୍ଧ କୋଟୁରର୍ ଗୌରବ ଗୁପ୍ତା ଇନ୍ଦ୍ରିୟାଙ୍କୁ ଅଫିସିଆଲ ଜୁଏଲେରି ପାର୍ଟନର୍ ଭାବେ ବାଛିଛନ୍ତି। ଇନ୍ଦ୍ରିୟା ତା'ର ଉତ୍କୃଷ୍ଟ କାରିଗରି ଓ ଡିଜାଇନ ଶ୍ରେଷ୍ଠତା ପାଇଁ ପରିଚିତ। ଏହି ସହଯୋଗ ମାଧ୍ୟମରେ ଭାରତୀୟ ଜୁଏଲେରିର କଳାତ୍ମକତାକୁ ବିଶ୍ୱସ୍ତରୀୟ ଫ୍ୟାଶନ ମଞ୍ଚରେ ଉପସ୍ଥାପନ କରାଯାଇଛି। ଭାରତର ସମୃଦ୍ଧ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ ଇନ୍ଦ୍ରିୟାର ଡିଜାଇନ ଗୌରବ ଗୁପ୍ତାଙ୍କ ସ୍କଲ୍ପଚରାଲ କୋଟୁର୍ ଭାଷାକୁ ଆହୁରି ସମୃଦ୍ଧ କରିଛି। ଗୌରବ ଗୁପ୍ତା କହିଛନ୍ତି, ମୋ ପାଇଁ ଜୁଏଲେରି ଶରୀରର ଏକ ଆଭୂଷଣ ନୁହେଁ, ବରଂ ତା'ର ଆଭ୍ୟନ୍ତରୀଣ ପରିଭାଷା। ଇନ୍ଦ୍ରିୟାର ମାର୍କେଟିଂ ଓ ଭିଜୁଆଲ ମର୍ଚ୍ଚାଣ୍ଡାଇଜିଂ ହେଡ୍ ଶାନ୍ତିସ୍ୱରୂପ ପଣ୍ଡା କହିଛନ୍ତି, ଇନ୍ଦ୍ରିୟା ଭାରତୀୟ କଳା, କାରିଗରି, ସ୍ଥାପତ୍ୟ ଓ ସଂସ୍କୃତିର ସୂକ୍ଷ୍ମ ସୌନ୍ଦର୍ଯ୍ୟକୁ ତା'ର ଡିଜାଇନ ଭାଷାରେ ଆଣିବାରେ ଗର୍ବ ଅନୁଭବ କରେ। ଗୌରବ ଗୁପ୍ତାଙ୍କ ସହ ଏହି ସହଯୋଗ ଏକ ପ୍ରୟାସ, ଯାହା ପ୍ୟାରିସ କୋଟୁର୍ ଉଇକ ମାଧ୍ୟମରେ ବିଶ୍ୱକୁ ଭାରତୀୟ ଦ୍ୱନ୍ଦ୍ୱ ଧାରଣାକୁ ଏକ ଅନନ୍ୟ ରୂପରେ ଉପସ୍ଥାପନ କରିବ। ଇନ୍ଦ୍ରିୟାର ଡିଜାଇନ ହେଡ ଅଭିଷେକ ରସ୍ତୋଗୀ କହିଛନ୍ତି, ପ୍ରତ୍ୟେକ ପିସ କୋଟୁରକୁ ବୃଦ୍ଧି କରୁଛି।

# ସିଏମ୍‌ପିଡିଆଇର ୫ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୩୦।୧

ରାଞ୍ଚିର ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ୍ (ସିଏମ୍‌ପିଡିଆଇ) ପରିବାରର ୫ ଜଣ ସେବାନିବୃତ୍ତ କର୍ମଚାରୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ସେବାନିବୃତ୍ତ ହେଉଥିବା ସଦସ୍ୟମାନେ ହେଲେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଓମ୍ ପ୍ରକାଶ, ମମତା ଗୁପ୍ତା (ୟୁଡିସି), ୟୁଡିସି ଅମିତା ମେହେରା, କୋଲ ସାମ୍ପଲିଂ ଟେକ୍ନିସିଆନ ଦିନେଶ କୁଜୁର ଏବଂ ଭୋଲା ରାମ। ଏହି ଅବସରରେ ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ ଚୌଧୁରୀ ଶିବରାଜ ସିଂହ, ନିର୍ଦ୍ଦେଶକ (ଟେକ୍‌ନିକ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ତକ୍‌ନିକୀ/ଇଏସ୍) ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍‌ନିକ/ଆରଡି ଆଣ୍ଡ୍ ଟି) ନୃପେନ୍ଦ୍ର ନାଥ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର ଯୋଗଦେଇ ସେବାନିବୃତ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୟୁନିୟନ ପ୍ରତିନିଧି ସତୀଶ କୁମାର ସିଂହ, ପ୍ରଳୟ ଭଟ୍ଟାଚାର୍ଯ୍ୟ, ସୌଭିକ ଭୂଷଣ ଦେବ ଏବ ଚୁକଲାଲ ତଥା ସିଏମ୍‌ଓଏଆଇ ପ୍ରତିନିଧି ରାମ ସ୍ୱରୂପ ଖିଲାରୀ ମତବ୍ୟକ୍ତ କରିଥିଲେ। ଉପ ପ୍ରବନ୍ଧକ (ରାଜଭାଷା) ଅଭୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ।

# ପାୱାର ହସ୍ପିଟାଲ ପକ୍ଷରୁ କର୍କଟ ପରୀକ୍ଷଣ ଶିବିର

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)

ଓପିଟିସିଏଲ୍ ଓ ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମିଳିତ ସହଯୋଗରେ ଭୁବନେଶ୍ୱର ଭୋଇନଗରସ୍ଥିତ ପାୱାର ହସ୍ପିଟାଲରେ ଏକ ମାଗଣା କର୍କଟ ସଚେତନ ଓ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗର୍ଭାଶୟ କର୍କଟ, ମୁଖ ଗହ୍ୱର କର୍କଟ ଓ ସ୍ତନ କର୍କଟ ଉପରେ ସଚେତନତା ସହ ମାଗଣା ପରୀକ୍ଷଣ କରାଯାଇଥିଲା। କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସ୍ମିତି ଦାସ ଏହି ରୋଗର ପରାମର୍ଶ ଦେବା ସହ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଶିବିରରେ ଶତାଧିକ କର୍ମଚାରୀ ଓ ପରିବାର ସଦସ୍ୟ ଏବଂ ଆଞ୍ଚଳିକ ବାସିନ୍ଦା ଉପସ୍ଥିତ ହୋଇ ପରୀକ୍ଷଣ ଓ ଚିକିତ୍ସା ପରାମର୍ଶର ସୁବିଧା ନେଇଥିଲେ। ଓପିଟିସିଏଲ୍‌ର ମହାପ୍ରବନ୍ଧକ (ମାନବ ସମ୍ବଳ) ମଧୁମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ହୋଇଥିଲା।



# ବିନା ଅତିଥିରେ ବ୍ୟାସ ସରୋବର ମହୋତ୍ସବ ଉଦ୍‌ଘାଟିତ


ମହୋତ୍ସବ ଉଦ୍‌ଘାଟନୀ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଯାଜପୁରରୋଡ୍,୩୦ା୧ (ପବିତ୍ର ରଞ୍ଜନ ମହାନ୍ତି)

ପୁରାଣ ପ୍ରସିଦ୍ଧ ବ୍ୟାସସରୋବର ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ବିନା ଅତିଥିରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ଉଦ୍‌ଘାଟନ କରିବାପାଇଁ ପୌର ପରିଷଦ ପକ୍ଷରୁ ଯାଜପୁର ଜିଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ଓ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ କେହିଜଣେ ଅଧିକାରୀ ଯୋଗଦେଇ ନ ଥିଲେ।

## ସହରବାସୀଙ୍କ ସହଯୋଗ କାମନା କଲେ ପୌରାଧ୍ୟକ୍ଷ

ଫଳରେ ବହୁ ବିଳମ୍ବରେ ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ପାରିଷଦମାନଙ୍କୁ ନେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ମହୋତ୍ସବକୁ ଉଦ୍‌ଘାଟନ କରି ସେ କହିଥିଲେ, ରାଜ୍ୟ ସରକାର ବ୍ୟାସ ସରୋବରକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେଇଛନ୍ତି। ଏହି ପୀଠର ବର୍ଣ୍ଣନା ମହାଭାରତରେ ରହିଛି। ଏହି ମହୋତ୍ସବ ସହରବାସୀଙ୍କ ଟିକସ ଓ ପୌର ପରିଷଦ ନିଜସ୍ୱ ପାଣ୍ଠିରେ ଅନୁଷ୍ଠିତ ହେଉଛି। କୌଣସି ସରକାରୀ, ବେସରକାରୀ କିମ୍ବା କଳିଙ୍ଗନଗର ଶିଳ୍ପ ସଂସ୍ଥାଗୁଡ଼ିକର ଅବଦାନ ନାହିଁ। ବ୍ୟାସନଗର ସ୍ୱାଭିମାନର ମାଟି। ଏହି ବ୍ୟାସ ମହୋତ୍ସବ ସହରବାସୀଙ୍କ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ। ତେଣୁ ୧୧ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ସଫଳ କରିବାରେ ସହରବାସୀ ସହଯୋଗର ହାତବଢ଼ାଇବାକୁ ପୌରାଧ୍ୟକ୍ଷ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ପାରିଷଦ ବିଜୟ ଜେନା, ସିଦ୍ଧାର୍ଥ ସାମଲ, ପାର୍ଥ ସାରଥି ନାୟକ, ସନ୍ତୋଷ ବରାଳ, ଶିବାନନ୍ଦ ନାୟକ, ଅଶୋକ ଦାସ, କୁମୁଦିନୀ ରାଉତ, ଉର୍ମିଳା ପରିଡ଼ା, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, କୁନି ହାଁସଦା, ସରିତା ଜେନା, ବୁଦୁନୀ ଦରାଇ, ଅନ୍ନପୂର୍ଣ୍ଣା ତରାଇ, ରଶ୍ମିତା ଖୁଣ୍ଟିଆ, ରବୀନ୍ଦ୍ର ରାଉତ, ଦିଲୀପ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବ୍ୟାସମାରାଥନରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ୟାସଶ୍ରୀ କଳାନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସୀ ପଣ୍ଡା ଓ ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଗୋବିନ୍ଦ ସାହୁ ଥିଲେ ପରୋପକାରୀ

ଧର୍ମଶାଳା,୩୦ା୧ (ବଟକୃଷ୍ଣ ପରିଡ଼ା)


ଗୋବିନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ଧର୍ମଶାଳା ବ୍ଲକ ଅଧୀନ ଜାରକା ବଜାରର ପ୍ରତିଷ୍ଠିତ ମିଠା ବ୍ୟବସାୟୀ, ୨ ଥର ବିଏସ୍‌ପିର ଧର୍ମଶାଳା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ସାହୁଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ପରିବାର ପକ୍ଷରୁ ଧର୍ମଶାଳା କ୍ଲବ ପରିସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ତଥା ସମ୍ଭବ ପତ୍ରିକାର ସମ୍ପାଦକ ଅଖିଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ନାରାୟଣ ମଳିକ, ଅନାଦି ସାହୁ, କୃଷକନେତା ବସନ୍ତ ପରିଡ଼ା, ପ୍ରାକ୍ତନ ଏମ୍‌ପି ରୀତା ତରାଇ, ଖବରଦାତା ବଟକୃଷ୍ଣ ପରିଡ଼ା, ଶୁଭକାନ୍ତ ନାୟକ, ଅବିନେଶ୍ୱର ଶତପଥୀ, ମାନସ ରଞ୍ଜନ ଜେନା, ସୁବ୍ରତ ଜେନା, ଗିରିଧାରୀ ବେହେରା, ହରିହର ମଳିକ, ସାହିତ୍ୟିକ ରମାକାନ୍ତ ଜେନା, ହରିହର ସାହୁ, ନିର୍ମଳ ସାହୁ, କାର୍ତ୍ତିକ ମଳିକ, ଦୁର୍ଗା ପ୍ରସନ୍ନ ଦାଶ, ସାମାଜିକ କର୍ମୀ ସୁଜାତା ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗୋବିନ୍ଦ ଜଣେ ଜଗନ୍ନାଥ ଭକ୍ତ, ନିସ୍ୱାର୍ଥପର ରାଜନୀତିଜ୍ଞ, ସଫଳ ବ୍ୟବସାୟୀ, ଦରଦୀ, ସରଳ, ଅମାୟିକ, ନିର୍ଭିକ, ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଓ ସ୍ପଷ୍ଟବାଦୀ ବ୍ୟକ୍ତିଥିଲେ ମତବ୍ୟକ୍ତ କରିଥିଲେ। ତାଙ୍କ ପୁତୁରା ନିର୍ମଳ ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମନସ୍ୱିନୀ ଜାତୀୟ କବାଡ଼ି ଚାମ୍ପିୟନଶିପ୍‌ର ବୈଷୟିକ ଅଧିକାରୀ

ରସୁଲପୁର,୩୦ା୧ (ରଞ୍ଜିତ ରାଉତ): ମନସ୍ୱିନୀ ସାହୁ ଜାତୀୟ ମହିଳା କବାଡି ପ୍ରତିଯୋଗିତାରେ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇବା ଲାଗି ମନୋନୀତ ହୋଇଛନ୍ତି। ମନସ୍ୱିନୀ ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତର ପିଏମଶ୍ରୀ ମଧୁବନ ହାଇସ୍କୁଲରେ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ। ଜଣେ କବାଡି ଖେଳ ପରିଚାଳିକା ଭାବରେ ତାଙ୍କର ସୁନାମ ରହିଛି। ତାଙ୍କ ଦକ୍ଷତା ଉପରେ ଆମେଚର କବାଡି ଫେଡରେଶନ ଅଫ୍ ଇଣ୍ଡିଆ (ଏକେଏଫ୍ଆଇ) ପୁଣିଥରେ ଆସ୍ଥା ପ୍ରକଟ କରିଛି। ମନସ୍ୱିନୀ ଓଡ଼ିଶାରୁ ଏକମାତ୍ର କବାଡ଼ି ଖେଳ ପରିଚାଳିକା ଭାବରେ ହାଇଦ୍ରାବାଦ ଗସ୍ତ କରିଛନ୍ତି, ଯେଉଁଠାରେ ୭୨ତମ ଜାତୀୟ ମହିଳା କବାଡି ପ୍ରତିଯୋଗିତା ଗତ ୨୭ ତାରିଖରୁ ଆରମ୍ଭ ହୋଇଛି। ମନସ୍ୱିନୀ ଜଣେ ପୂର୍ବତନ ଉଚ୍ଚକୋଟିର କବାଡି ଖେଳାଳି।



ସେ ବିଭିନ୍ନ ସମୟରେ ଜାତୀୟ କବାଡି ପ୍ରତିଯୋଗିତା, ପ୍ରୋ-କବାଡି, ବିଚ୍ କବାଡ଼ି, ମହିଳା କବାଡି ଫେଷ୍ଟିଭାଲ ଭଳି ଜାତୀୟସ୍ତର କବାଡ଼ି ପ୍ରତିଯୋଗିତାରେ ସଫଳତାର ସହିତ ଅଫିସିଆଲ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହି ସଫଳତା ପାଇଁ ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ସମ୍ବିତ୍ ମହାନ୍ତି, ରମେଶ ଚନ୍ଦ୍ର ପଣ୍ଡା, ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ପୂର୍ବ ସରକାରଙ୍କୁ ଦାୟୀକଲେ ବବିତା

## ପାଲଟପୁର ପଞ୍ଚାୟତରେ କ୍ୟାନ୍ସର, କିଡ୍‌ନୀ ରୋଗ ଆତଙ୍କ ଘଟଣା


ଭାଜପା ନେତ୍ରୀ ବବିତା ମଲ୍ଲିକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଦଶରଥପୁର,୩୦ା୧ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କିଡ୍‌ନୀ ରୋଗରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନ ୧୨ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭାଜପା ନେତ୍ରୀ ବବିତା ମଲ୍ଲିକ ପାଲଟପୁର ପଞ୍ଚାୟତର ପ୍ରଭାବିତ ଗ୍ରାମକୁ ଗସ୍ତ କରିବା ସହ କିଡ୍‌ନୀ ଓ କ୍ୟାନ୍ସର ଯୋଗୁ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପଞ୍ଚାୟତରେ ପାନୀୟ ଜଳସମସ୍ୟା ସମ୍ପର୍କରେ ଫୋନ ଯୋଗେ ବିଭାଗୀୟ ଏସ୍‌ଡିଓ, ଦଶରଥପୁର ବିଡିଓ ଏବଂ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ପାଲଟପୁର ପଞ୍ଚାୟତରେ ଉପୁଜି ଥିବା ଏହି ସମସ୍ୟା ପାଇଁ ସେ ପୂର୍ବ ବିଜେଡି ସରକାରଙ୍କୁ ଦାୟୀ କରିଛନ୍ତି। ବିଗତ ୨୪ ବର୍ଷ ମଧ୍ୟରେ ପାଲଟପୁର ପଞ୍ଚାୟତର ସର୍ବନିମ୍ନ ମୌଳିକ ସମସ୍ୟା ସମାଧାନ କରିବାରେ ବିଜେଡି ସରକାର ବିଫଳ ହୋଇଛି ବୋଲି ବବିତା କହିଛନ୍ତି। ବବିତାଙ୍କ ଏହି ପରିଦର୍ଶନ ସମୟରେ ମଣ୍ଡଳ ସଭାପତି ଶୁକଦେବ ଦାସ, ଜାଫରପୁର ସମିତିସଭ୍ୟା ଶୈରେନ୍ଦ୍ରି ସାମଲ, ପାଲଟପୁର ଭାଜପା ସଭାପତି ପୀତବାସ ବେହେରା, ଯୁବନେତା ପ୍ରକାଶ ରାଉତ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଳିଙ୍ଗନଗର, ୩୦ା୧ (ଶୁଭାଶିଷ ରାଉତ)

ଦାନଗଦି ପିଏମ୍ ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସୁଧାଂଶୁ ଶେଖର ଭଞ୍ଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଏବିଡିଓ ଦିବ୍ୟକାନ୍ତି ମିଶ୍ର ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୪୧ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିଥିଲେ। ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା।


TRIDENT
Bhubaneswar

**Tender Notice (e-Tender)**

Sealed Tenders are invited for the supply of following categories of items to **Trident Bhubaneswar** as per our specifications, for the period mentioned below:

**Contract Period**
**1st APRIL 2026 to 31st MARCH 2027 (1 Year)**

1. Mushroom
2. Frozen Veg-Peas & Corn
3. Dry Fruits
4. Flowers
5. Whole Spices
6. Atta/Maida
7. Grocery
8. Goat
9. Fish
10. Dairy Products
11. Eggs
12. Bread
13. Sweets/ Namkeen
14. Charcoal
15. Pulses (From April to September & October to March)
16. Vegetables (From April to September & October to March)
17. Exotic/ English Vegetables (From April to September & October to March)
18. Fruits & Imported Fruits (From April to September & October to March)

Tender forms will be sent electronically on registered email ID after payment of Rs. 500.00 in cash non-refundable to the Purchase Office at Trident Bhubaneswar, CB-1, Nayapalli, Mobile no: 8637211123 all working days between 1000 to 1600 hrs from 31st January to 4th February 2026. The tender form will be submitted online from 04th February to 07th February 2026 till 1700 Hrs. FSSAI license for food vendors are mandatory.
The Management reserves the Right to reject or accept all offers/tenders in full or in part without assigning any reasons whatsoever.
Management- Trident Bhubaneswar

**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002**
**(E-mail:cetjusnl@gmail.com)**

**TENDER CANCELLATION NOTICE**

Due to unavoidable circumstances, tender invited vide NIT no. 541/PR/JUSNL/2025-26 for Design, Engineering, supply, erection, testing & commissioning of Line Differential Protection for underground 132/33 KV Grid Sub-Station, Irba (Sikidiri) to Sikidiri Switchyard (SRHP) transmission line on turnkey basis is hereby cancelled.

PR No. 366925

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

PR 372061 Jharkhand Urja Sancharan Nigam Ltd(25-26).D
Sd/-
General Manager, C&M (NWBP)

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹ ୧୮ ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩0 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ଫେବୃଆରୀ ୦୫, ୨୦୨୬ ଅପରାହ୍ନ ୦୪:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ **ମୁଖ୍ୟ ଯନ୍ତ୍ରୀ** (ସିଓଏନ୍)/II/ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୪୫୯୪-ଜିଆର୍‌ସି-ସିଇ-ସି-II-୨୬-୨୦୨୫; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ସିଇ/ ସିଓଏନ୍/ ଟାଟାନଗର, କନ୍‌ଷ୍ଟ୍ରକ୍ସନ୍ ଅର୍ଗାନାଇଜେଶନ୍, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ବିଭିନ୍ନ ନିର୍ମାଣ ସାଇଟ୍/ସେକ୍ସନଗୁଡ଼ିକରେ ପ୍ରୋଜେକ୍ଟ ସୁପରଭିଜନ୍ ସର୍ଭିସେସ୍ ଯୋଗାଇବା ପାଇଁ ପ୍ରୋଜେକ୍ଟ ସୁପରଭିଜନ୍ ସର୍ଭିସେସ୍ ଏଜେନ୍ସି (ପିଏସ୍ଏସ୍ଏ) ନିଯୁକ୍ତି ଲାଗି ପ୍ରସ୍ତାବ ଅନୁରୋଧ (ଆର୍‌ଏଫ୍‌ପି); **ଆନୁମାନିକ ମୂଲ୍ୟ:** ₹୮.୪୫ କୋଟି; **ବିଡ୍ ଅମାନତ:** ୫,୭୨,୫୦୦.୦୦; **ନିର୍ମାଣ ଅବଧି:** ୨୪ ମାସ + ୬ ମାସର ଡିଏଲ୍‌ପି ଅବଧି; **ସମାପ୍ତି ତାରିଖ:** ୦୬।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-1124)**

**OFFICE OF THE BALASORE MUNICIPALITY, BALASORE**
No. 563 Date: 27.01.2026
**E-Procurement Notice**
**Bid Identification No. BM_09_2025-26**

No. 13001/11/2526: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.

1. Name of the Work : Civil works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date & time of Bidding : 28.01.2026 to 09.02.2026
6. Last date & time for receipt : 09.02.2026 upto 5.00 P.M.
7. Bids received online shall be opened on : 10.02.2026 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.
**Sd./- Executive Officer, Balasore Municipality**
**OIPR-13001/13154/1/25-26/0011**

**ODISHA STATE CO-OPERATIVE MARKETING FEDERATION Ltd.**
**MARKFED - ODISHA**
**Old Station Road, Bhubaneswar - 751006, E-mail: odishamarkfed@gmail.com**
**"e" Procurement Notice**
**No. 39001/1/2526** **Bid Identification No. MARKFED/06/2025-26**
**No. 270** **Civil/401/2025-26** **Date: 29.01.26**

1. Name of the Work : Renovation & modernization of Conference Hall of MARKFED, Odisha at Bhubaneswar
2. No. of Works : 01 (One)
3. Estimated Cost : 61.39 lakh
4. Period of Completion : 3 (Three) Months
5. Date & time of availability of Bid document in the portal : From 11.00 A.M. of 03.02.2026 to 5.30 P.M. on 26.02.2026
6. Last date/time of receipt of Bids in the portal : 5.30 P.M. on 26.02.2026
7. Date of opening of Bid from portal : 12.30 hours on 27.02.2026
8. Name & address of the Officer Inviting Bid : Managing Director, MARKFED-Odisha, Old Station Road, Bhubaneswar-751006
9. The bidders have to participate in ONLINE bidding only. Further details can be seen from the website "e-Procurement portal **www.tendersodisha.gov.in**" & any addendum, corrigendum, cancellation of tender can also be seen in the said website.

**OIPR-39001/39017/1/25-26/0001** **Sd./- Managing Director, MARKFED-ODISHA**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
**E-mail: eerwss_mal@nic.in, eerwssmlkg@gmail.com**
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. RWSS_MKG_ONLINE_04/2025-26** **Dated: 27.01.2026**

No. O-2152: The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor licence issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.

1. Name of the Work : Construction of External Electrification (As detailed in TCN)
2. No. of Works : 02 Nos.
3. Estimated Cost : Rs.5.50 Lakhs to Rs.5.80 Lakhs
4. Tender Paper Cost : Rs.4000/- each
5. Class of Contractor : HT Electrical Contractor
6. Period of Completion : 01 (One) Calendar Month
7. Critical Dates :

| Procurement Officer | Bid Identification No. | Availability of Tender Online for Bidding | | Last Date of seeking tender clarification | Date of opening the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_04 of 2025-26 | 01.02.2026 at 09.00 hours | 10.02.2026 upto 17.00 hours | 09.02.2026 | 11.02.2026 at 11.00 hours |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**OIPR:** **Sd./- Superintending Engineer, RWS&S Division, Malkangiri**

**GOVERNMENT OF ODISHA** **No. 32001/11/2526**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**LOWER SUKTEL RRC&B DIVISION, BALANGIR**
**At: Laltikra, Dist.: Balangir, PIN - 767002, email Id: isrrcbdbgr@gmail.com**
**Government of Odisha "e" PROCUREMENT NOTICE**

| | | |
|---|---|---|
| 1 | Type of Work | Development of infrastructure and basic amenities centres at RR Colony, Kumiapali at Kapilbahal under LSIP, Balangir |
| 2 | Nos. of works | 7 (Seven) Nos. of Packages |
| 3 | Class of Contractor | 'B' or 'C' or 'D' Class Contractor |
| 4 | BID Identification Number | LSRRC&BD-BGR-07/2025-26 to LSRRC&BD-BGR-13/2025-26 |
| 5 | Estimated Cost | Rs.5,37,099/ to Rs.59,66,450/- |
| 6 | Period of Completion | 2 (Two) Months for each packages |
| 7 | Date & time of availability of bid document in the portal | 31.01.2026 at 10.30 A.M. to 16.02.2026 upto 05.30 P.M. |
| 8 | Last date/time for receipt of bid in the portal | 16.02.2026 upto 5.30 P.M. |
| 9 | Date of opening of technical bid | 17.02.2026 at 10.30 A.M. |
| 10 | Name & address of the Officer Inviting Bid | Superintending Engineer, Lower Suktel RRC&B Division, Balangir, At: Laltikra, Dist.: Balangir, PIN - 767002 |

(i) Further details can be seen from the e-Procurement Portal **http://tendersodisha.gov.in**.
(ii) Any Corrigendum/Addendum/Cancellation will be displayed in the Govt. website only.
**Sd./- Superintending Engineer**
**OIPR-32001/32182/1/25-26/0011** **Lower Suktel RRC&B Division, Balangir**

**ଭାରତୀୟ କପା ନିଗମ ଲିମିଟେଡ୍**
ଭା.କ.ନି. C.C.I.
**ଶାଖା କାର୍ଯ୍ୟାଳୟ, ରାୟଗଡ଼ା**
ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା – ୭୬୫୦୦୧ (ଓଡ଼ିଶା)
ମୋବାଇଲ ଆପ୍ कपास किसान
ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫–୨୬ ତାରିଖ: ୩୦.୦୧.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫–୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।
କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୮.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ।
ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍‌ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./– ଶାଖା ପ୍ରମୁଖ

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA**
**E-mail ID: eerwkaranjia@yahoo.com**
**Letter No. 247** **Date: 22.01.2026**
**1st CORRIGENDUM NOTICE**
**BID IDENTIFICATION No. RWDKNJ-15/2025-26**
**The Tender Call Notice vide Bid Identification No. RWDKNJ-15/2025-26 (Road) vide this office Letter No. 125 Date: 13.01.26**

No. 25001/7/2526: Due to unavoidable circumstances, tender invited vide Bid Identification No. RWDKNJ-15/2025-26 (Road) works vide this office Letter No. 125 Dt.13.01.2026 S/R, Periodical Maintenance Work. The Important dates have been changed as per following

| | | |
|---|---|---|
| 1 | Availability of tender online | 27.01.2026 at 05.00 P.M. instead of 22.01.2026 |
| 2 | Last date of availability of tender | 02.02.2026 upto 5.00 P.M. instead of 28.01.2026 |
| 3 | Last date & time of seeking tender | 31.01.2026 at 11.00 A.M. instead of 27.01.2026 |
| 4 | Date of opening of Tender | 03.02.2026 at 11.00 A.M. instead of 29.01.2026 |

**Sd./- Executive Engineer**
**OIPR-25001/25086/1/25-26/0007** **R.W. Division, Karanjia**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
**No. O-2145** **E-mail Id - eerw_deogarh@yahoo.co.in**
**E-Procurement Notice**
**BID IDENTIFICATION No. SERWDGH-Online-14/2025-26**

1. No. of Building Works : (01 No.)
2. Estimated Cost : Approx. Rs.93.77 Lakhs
3. Mode of submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 02.02.2026, 10.00 A.M. to 12.02.2026 upto 5.00 P.M.
5. Date and time of opening of tender : 13.02.2026, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.

**Sd./- Superintending Engineer**
OIPR- **R.W. Division, Deogarh**

Odisha Coal and Power Limited OCPL
**ODISHA COAL AND POWER LTD.**
**(A GOVT. OF ODISHA COMPANY)**
**Zone-A, 4th Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664**

**TENDER NOTICE**

**NIT No.: OCPL/MCMP/SER-167(R)/2025** **Dt.: 31.01.2026**

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/Download of Tender Document | Date of Submission/ Opening |
|---|---|---|---|---|
| 1 | Renovation of Pond at Village Kiripsira, Hemgir, Sundargarh | NIL | 13.02.2026 | 3.00 P.M./ 3.30 P.M. on 20.02.2026 |

Any further clarifications may please be addressed to the undersigned at the above address or by email to: **sudhakar.sinha@ocpl.org.in**

**Sd./- Sr. Manager (Commercial & Contracts)**

ଧରିତ୍ରୀ 52 Years
ଧରିତ୍ରୀ DHARITRI
ସାହିତ୍ୟାୟନ
www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ଶନିବାର, ୩୧ ଜାନୁଆରୀ, ୨୦୨୬ | Bhubaneswar, Saturday, 31 January, 2026

# ସ୍ପର୍ଶ

## ଗଳ୍ପ

ପ୍ରତାପ ବିଶ୍ୱାଳ



॥ ଏକ ॥

ତପୁଭାଇ ହଠାତ୍ ତା' ହାତକୁ ଧରିପକାଇ କହିଲେ: ଗୋଟାଏ କଥା ପଚାରିବି କହିବୁ ମିତା ?

ତପୁଭାଇଙ୍କ ହାତକୁ ଛାଡିଦେଇ ସେ ଏକପ୍ରକାର ଦୌଡ଼ି ଦୌଡ଼ି ଘରକୁ ଆସୁ ଆସୁ ଦ୍ୱାରବନ୍ଧ ପାଖରେ ଛିଡ଼ାହୋଇ ପଛକୁ ଚାହିଁଲା। କୁମାରପୂର୍ଣ୍ଣିମାର ତୋଫା ଜହ୍ନରାତି। ଜୋଛନା ଜୁଆରରେ ଗାଁଦାଣ୍ଡ ଭାସୁଛି। ତପୁଭାଇ ମନ ଦୁଃଖରେ ସେଠିଛିଡ଼ା ହୋଇଛନ୍ତି ଏକା ଲୟରେ ତା' ଆଡ଼କୁ ଚାହିଁ।

ଘର ଭିତରକୁ ପଶିଆସି ଖଟ ଉପରେ ବସିଯାଇ ଭାବିଲା କ'ଣ କହିଥାନ୍ତେ ତାକୁ ତପୁଭାଇ ! ଏଇ କିଛିଦିନ ହେଲା ତାଙ୍କ ଚାହାଣିଟା କାହିଁକି କେଜାଣି ଅଲଗା ଅଲଗା ଲାଗୁଛି ତାକୁ।

ଦାଣ୍ଡରେ ତା' ବୟସର ପିଲାମାନେ କିଏ ପୁଚି, କିଏ ଲୁଡୁ ଖେଳୁଛନ୍ତି। ଲତା ଭାଉଜ, ମିତା ନାନୀ ଆଦି ତାସ୍ ଖେଳରେ ବ୍ୟସ୍ତ ଥିଲେ। ବୟସ୍କା ଭୁଆସୁଣୀମାନେ କାନ୍ଧରେ ହାତ ରଖି କୁଆଁରପୂନେଇଁ ଗୀତ ଗାଇ ଆଗକୁ ପଛକୁ ହୋଇ ନାଚିବାରେ ବ୍ୟସ୍ତ।

ଛାତିଟା କାହିଁକି ଉଠ୍‌ପଡ଼ ହେଉଛି। ସେ ଖଟରୁ ଉଠିଯାଇ ଝରକା ଖୋଲିଦେଲା। ପୁଳାଏ ଥଣ୍ଡା ପବନ ସହ ଶେଫାଳି ଗଛରୁ ପଶିଆସିଲା ମହମହ ବାସ୍ନା। ଝର୍କା ବାଟ ଦେଇ ବାଡ଼ି ଆଡ଼କୁ ଚାହିଁଲା। ରୁପା ରଙ୍ଗର ଜୋଛନା ବିଛାଡ଼ି ହୋଇ ପଡ଼ିଛି ବାଡ଼ିଟାସାରା। କେମିତି ଗୋଟାଏ ଅସହଜ ଅସହଜ ଲାଗୁଛି। ଖଟ ପାଖକୁ ଆସି ଖଟ ଧାରରେ ବସିଯାଇ ସେ ତା' ବାଁ ହାତ ପାପୁଲିକୁ ଚାହିଁଲା। ଟିକିଏ ଲାଲ୍ ଦିଶିଲା ପରି ଲାଗିଲା ପାପୁଲିଟା। ଡାହାଣ ହାତ ପାପୁଲିରେ ବାମହାତ ପାପୁଲିକୁ ଧୀରେ ଧୀରେ ସାଉଁଳାଇ ଆଣିଲା। କେମିତି ଏକ ମିଠା ଅନୁଭବରେ ସେ ଶିହରିଉଠିଲା। ଭାବିଲା କ'ଣ ଆଉ ଅଧିକଟେ କହିଥାନ୍ତେ ତପୁଭାଇ ତାକୁ। ଯାହା କହିବା କଥା ତ ଆଖି ତାଙ୍କର ସବୁ କହିଦେଇଛି। ପୁଣି ଭାବିଲା ଯାଇ କହିବ କି ତପୁଭାଇକୁ କ'ଣ କହିବ କୁହ ?

ସେ ଦୌଡ଼ି ଆସିଲା ଘରୁ ପୁଣି ଦାଣ୍ଡକୁ। ଦାଣ୍ଡରେ ସେମିତି ଭରା ଜହ୍ନରାତି। ତପୁଭାଇକୁ ମନେମନେ ଖୋଜିହେଲା ତାସ୍ ଖେଳ, କଉଡ଼ି ଖେଳ, ପୁଚିଖେଳ ପାଖରେ। କେଉଁଠି ବି ପାଇଲାନାହିଁ। ଆକାଶର ଜହ୍ନକୁ ଚାହିଁଲା। ଜହ୍ନ ଭିତରେ ତପୁଭାଇଙ୍କ ମୁହଁଟା ଦିଶିଯାଉଥିଲା। ପୁଣି ଥରେ ଆଉଁଶି ଦେଲା ଡାହାଣ ହାତରେ ତପୁଭାଇ ଧରିଥିବା ତା' ବାମହାତର ପାପୁଲିକୁ। ଚାରିଆଡ଼କୁ ଚାହିଁଲା। କେହି ନାହାନ୍ତି ପାଖରେ। ଚୁମାଟିଏ ଦେଲା ତପୁଭାଇ ଧରିଥିବା ଜାଗାରେ। କେଜାଣି କାହିଁକି ଲୁହ ଦୁଇଟୋପା ଖସିପଡ଼ିଲା ତା' ହାତରେ।

॥ ଦୁଇ ॥

ତାଙ୍କ ବିବାହର ତିରିଶ ବର୍ଷ ପୂର୍ତ୍ତି ପାଇଁ ପୁଅ ଝିଅ ଦି'ଜଣ ଆଜି ବେଶ୍ ତତ୍ପର। ତାଙ୍କ ପାଇଁ ନୂଆ ପ୍ୟାଣ୍ଟ ଶାର୍ଟ, ମା' ପାଇଁ ନୂଆ ଶାଢ଼ି, ତାଙ୍କ ପସନ୍ଦର ଖାଇବା ସବୁର ବନ୍ଦୋବସ୍ତ କରିଛନ୍ତି ସେମାନେ। ଏପରି କି ମା'କୁ ଆଜି ରୋଷେଇ କରିବାକୁ ମନାକରି ବାହାରୁ ରୋଷେଇଆ ଆଣିଛନ୍ତି। ସନ୍ଧ୍ୟାକୁ ତାଙ୍କ ପରି କେତେଜଣ ବୟସ୍କ, ବୟସ୍କାଙ୍କୁ ନିମନ୍ତ୍ରଣ କରିଛନ୍ତି। ଘରକୁ ସଜାଡ଼ିଛନ୍ତି ରଙ୍ଗ ବେରଙ୍ଗର ଫୁଲ ଓ ବେଲୁନ୍‌ରେ।

ଏ ସବୁ ଦେଖି ସ୍ତ୍ରୀଙ୍କୁ ସେ ପଚାରିଲେ: ଏସବୁ କ'ଣ ? ବିବାହ ଆସି ତିରିଶ ବର୍ଷ ହେଲାଣି ଏ ପର୍ଯ୍ୟନ୍ତ ବିବାହ ବାର୍ଷିକରେ ତ ମୁଁ ତୁମ ପାଇଁ ଛୋଟିଆ ଉପହାରଟିଏ ବି କେବେ ଆଣିନି। ଏପରି କି ଚାକିରି କରୁଥିବା ସମୟରେ ଘରକୁ ବି ଆସିପାରେନି। ଆଜି ଏ ବୁଢ଼ା ବୟସରେ ଏ କି ଫାର୍ସ ?

ସ୍ତ୍ରୀ କହିଲେ: ପିଲାମାନେ କ'ଣ ଆଉ ଛୋଟ ଅଛନ୍ତି। ତାଙ୍କୁ କହିଲେ ସେ ଆମ କଥାକୁ ମାନିନେବେ। ଯାହା ତାଙ୍କ ମନକୁ ଆସୁଛି କରୁଛନ୍ତି। କରନ୍ତୁ। ନହେଲେ ତାଙ୍କ ମନ ଦୁଃଖ ହେବନି!

ଭୋଜିଭାତ, ଆନୁଷଙ୍ଗିକ କାମ ସରୁସରୁ ରାତି ଏଗାରଟା। ଶୋଇବା ଘରକୁ ଯାଇ ଦେଖନ୍ତି ତ ବିଛଣା ଚାଦର ବଦଳା ହୋଇ ନୂଆ ବିଛଣା ଚାଦରଟିଏ ପଡ଼ିଛି ଖଟ ଉପରେ। ତକିଆ ଖୋଳ ଦୁଇଟି ବି ମୁଣ୍ଡ ପାଖରେ ନୂଆ। ସେ ଆଶ୍ଚର୍ଯ୍ୟ ହେଲେ ଗୋଟିଏ ତକିଆ ପରିବର୍ତ୍ତେ ଦୁଇଟା ତକିଆକୁ ଦେଖି! କାରଣ ପ୍ରାୟ ତିନିବର୍ଷ ହେଲା ସ୍ତ୍ରୀ ଝିଅ ଅନ୍ୟ ଗୋଟେ କୋଠରିରେ ଶୁଅନ୍ତି। ତେଣୁ ଗୋଟିଏ ତକିଆ ତାଙ୍କ ମୁଣ୍ଡ ପାଖରେ ଥାଏ। ଖଟବାଡ଼ରେ ଟଙ୍ଗାହୋଇଛି ରଜନୀଗନ୍ଧାର ମାଳ। ସେ ମନେମନେ ଟିକିଏ ହସିଲେ ପିଲାମାନଙ୍କ ଏପରି କାମକୁ ଦେଖି।

ବିଛଣାକୁ ଯିବାକୁ ଘରର ଲାଇଟ ବନ୍ଦ କରି ଜିରୋ ପାୱାର ବଲ୍‌ବର ସୁଇଚ ଅନ୍ କରିଛନ୍ତି ତ ସ୍ତ୍ରୀ କ୍ଷୀର ଗ୍ଲାସ୍‌ଟାଏ ଧରି ଆସି କହିଲେ: ନିଅ। ସେ ସ୍ତ୍ରୀଙ୍କ ଆଡ଼କୁ ଚାହିଁଲେ। ତାଙ୍କ ପାକଳ ମୁହଁରେ ଓଠ ନ ଫିଟା ହସ ଦିଶୁଥିଲା ଏକ ଅନିର୍ବଚନୀୟ ସୁଷମାରେ ପୂର୍ଣ୍ଣ, ନାଁ ଜଣା ନଥିବା ଫୁଲଟିର ସୌନ୍ଦର୍ଯ୍ୟ ପରି। କହିଲେ: ଆଜି କ'ଣ ତୁମେ ! ଝିଅ ?

ସେମାନଙ୍କର ଆଦେଶ ହୋଇଛି ମୁଁ ଆଜି ଏଇଠି ଶୋଇବି।

କ୍ଷୀର ଗ୍ଲାସ୍‌ଟାକୁ ତରତର କରି ପିଇଦେଇ ଖଟ ଉପରକୁ ଭିଡ଼ି ଆଣିଲେ ସେ ସ୍ତ୍ରୀଙ୍କୁ। ସ୍ତ୍ରୀ କହିଲେ: ଏ କ'ଣ !

ଆଜକୁ ତିରିଶ ବର୍ଷ ତଳର ସେ ରାତି କଥା ତୁମର କ'ଣ ମନେପଡୁନି। ସ୍ତ୍ରୀ କିଛି ଉତ୍ତର ଦେଲେନାହିଁ। ସେ ସ୍ତ୍ରୀଙ୍କୁ ସ୍ପର୍ଶକଲାବେଳେ ତାଙ୍କୁ ଲାଗିଲା ତିରିଶ ବର୍ଷ ତଳର ସେ ଉତ୍ଫୁଲ୍ଲିତ ନଦୀ ଯେପରି ଆଜି ଶୁଖି ବାଲିସ୍ତୂପରେ ପରିଣତ ହୋଇଯାଇଛି। କୌଣସି ପ୍ରତିକ୍ରିୟା ନାହିଁ ତାଙ୍କ ସ୍ପର୍ଶର। ସ୍ତ୍ରୀ କହିଲେ: ତୁମେ ବି କ'ଣ ପିଲାଙ୍କ ପରି ହେଉଛ ! ବସନ୍ତ ହଜିଗଲାଣି ଅନେକ ଦିନରୁ। ମୁଁ ଏବେ ଶୁଖିଲା କାଠ ଗଣ୍ଡିଟାଏ ମାତ୍ର। ଦଲକାଏ ପବନ ତୁମେ। ତୁମ ସ୍ପର୍ଶ କ'ଣ ମୋ' ମନରେ କି ଦେହରେ ଆଉ ବସନ୍ତର ସେ ମାଦକତା ଭରିଦେଇ ପାରିବ ଭାବୁଛ ? ଦିନସାରା ଏପଟ ସେପଟ ହୋଇ ଥକି ଯାଇଥିବ, ଶୋଇପଡ଼।

ସ୍ତ୍ରୀଙ୍କ ଆଡ଼କୁ ପିଠିକରି କଡ଼ ଲେଉଟାଇ ସେ ଶୋଇବାକୁ ଚେଷ୍ଟା କରୁଥିଲେ।

- ରାହାଡିଙ୍ଗା, ଜଗତ୍‌ସିଂହପୁର
ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### From Files to Butterflies




**ଲେଖକ:** ରାଜୁ ସାମଲ
**ପ୍ରକାଶକ:** ରତ୍ନଚିରା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ପୁସ୍ତକ ଏକ ରହସ୍ୟମୟ କବିତାଗ୍ରନ୍ଥ (Mystical Musings)। ବହିରେ ରହିଛି ପାଞ୍ଚଟି ପରିଚ୍ଛେଦ। ପ୍ରଥମ ପରିଚ୍ଛେଦରେ ୨୭, ଦ୍ୱିତୀୟରେ ୨୧, ତୃତୀୟରେ ୧୬, ଚତୁର୍ଥରେ ୨୭ ଓ ପଞ୍ଚମରେ ୧୦ଟି କାବ୍ୟାତ୍ମକ କଥନିକା। ବହିରେ ଥିବା ଲେଖାଗୁଡ଼ିକର ଉଦ୍ଦେଶ୍ୟ ଏକ ଜାତିରହିତ ହିନ୍ଦୁବାଦର ପ୍ରସ୍ତାବନା, ଯାହାକୁ 'ଶ୍ରୀ-ହିନ୍ଦୁ' ଭାବେ ନାମିତ କରିଛନ୍ତି କବି। ଏହି 'ଶ୍ରୀ-ହିନ୍ଦୁ' ପରିକଳ୍ପନାଟି ତେବେ କ'ଣ ? 'ମୁଖବନ୍ଧ'ରେ କୁହାଯାଇଛି: "Sri-Hinduism is purified version of Hinduism because it is cast-free. It is ready to arrive at the doorstep of our life like a new dawn to flush out the illusion of caste that sorrounds us ominously and makes our existence miserable." 'ଶ୍ରୀ-ହିନ୍ଦୁବାଦ' ଏପରି ଏକ ଚିନ୍ତନ (Idea), ଯାହା ପାଇଁ ସମୟ ଏବେ ଅନୁକୂଳ। କବିଙ୍କ ମତରେ ଈଶ୍ୱରଙ୍କର ନିର୍ମାତା ମଣିଷ, ତେଣୁ ଜାତିପ୍ରଥା ପ୍ରଚଳନରେ ଥାଇ ହିନ୍ଦୁସମାଜରେ ଐକ୍ୟ ପ୍ରତିଷ୍ଠା ସମ୍ଭବ ନୁହେଁ। କର୍ଣ୍ଣ ଅପମାନିତ ହୁଅନ୍ତି ଶ୍ରୀକୃଷ୍ଣଙ୍କ ଉପସ୍ଥିତି ସତ୍ତ୍ୱେ। କବିଙ୍କର ଅବସୋସ ଯେ ପ୍ରକୃତି, ପଶୁପକ୍ଷୀ, ମେଘ, ସୂର୍ଯ୍ୟୋଦୟ ଆଦିରେ ପ୍ରାଣସତ୍ତାର ଯେଉଁ ସ୍ଫୁରଣ, ତାହା ମଣିଷଠାରେ ଦୁର୍ଲଭ। ସବୁ ସୁବିଧାର ଅଧିକାରୀ ହୋଇ ବି ମଣିଷ ଜାତି ପରସ୍ପରଠୁଁ କେତେ ଭିନ୍ନ ! ଜିନ୍ନା, ଶାରଦା ଦେବୀ, ବିବେକାନନ୍ଦ, ଗୁରୁନାନକ, ଜଗନ୍ନାଥ ପୁରୀ, ଚଣ୍ଡାଳ ଓ ଆଦି ଶଙ୍କରାଚାର୍ଯ୍ୟ, ଯୋଗେନ୍ଦ୍ରନାଥ ମଣ୍ଡଳ, ସାର୍ତ୍ରେ, ଆଇନଷ୍ଟାଇନ୍, ଟାଗୋର, ଆରାବଳୀ ପର୍ବତମାଳାର ଭିଲ, ରବିଦାସ, ଓସୋ, ସୁଇଡେନ୍‌ର ରାଜକୁମାରୀ ମୀରା, ଗାନ୍ଧିଜୀ, ମେଘନାଦ ଶାହା, ଚାର୍ଲସ୍ ଡାରୱିନ୍, ସତ୍ୟବତୀ ଓ ରାଣୀ ରାସମଣି ପ୍ରମୁଖଙ୍କ ଜୀବନ-ଦୃଷ୍ଟାନ୍ତ ଆଧାରରେ କବି ଶ୍ରୀ ସାମଲ ଜାତିବିହୀନ ହିନ୍ଦୁବାଦର ଯେଉଁ ନକ୍ସା ଆଙ୍କିଛନ୍ତି, ତା'ର କ୍ୱଚିତ୍ ବିକଳ୍ପ ଉପଲବ୍ଧ। ଦର୍ଶନ ଓ ବିରଳ କବିତ୍ୱର ମିଳନ-ବେଦୀ ହୋଇଉଠିଛି ଆଲୋଚ୍ୟ ଗ୍ରନ୍ଥ। ପାଠକ ଯିଏ ବି ହେଉ, ମନ ମାନୁ କି ନ ମାନୁ, ବହିଟି ତାଙ୍କୁ ପଢ଼ିବାକୁ ବାଧ କରିବ।

### ସାଂସ୍କୃତିକ ଦୃଷ୍ଟି ଓ ଦର୍ଶନ




**ଲେଖକ:** ଡ. ସୁରେନ୍ଦ୍ର କୁମାର ମହାରଣା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୩୦/-

ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥରେ ସଂସ୍କୃତି ଓ ଧର୍ମ ସମ୍ପର୍କୀୟ ସାତଟି ପ୍ରବନ୍ଧ ସ୍ଥାନିତ। ସେଗୁଡ଼ିକ ହେଲା- ଓଡ଼ିଶାରେ ଜୈନଧର୍ମ ଓ ସଂସ୍କୃତି, ବୌଦ୍ଧ-ସଂସ୍କୃତିର ବିକାଶରେ ଓଡ଼ିଶାର ଭୂମିକା, ଓଡ଼ିଶାର ବୌଦ୍ଧକଳା ଓ ଭାସ୍କର୍ଯ୍ୟ, ଓଡ଼ିଶାର ତନ୍ତ୍ର-ସଂସ୍କୃତି, ଉତ୍କଳୀୟ ସଂସ୍କୃତିର ମୂକସାକ୍ଷୀ ଧଉଳି, ପୁରାଣ-ଇତିହାସର ମନ୍ଥନ ଆଲେଖ୍ୟ: ନାଭିକ୍ଷେତ୍ର ନାଭିଗୟା ଓ ଜଗତ୍‌ସିଂହପୁର ଜିଲାର ଜୈନ ଓ ବୌଦ୍ଧ ସଂସ୍କୃତି। 'ପ୍ରାରମ୍ଭିକା'ରେ ପ୍ରାବନ୍ଧିକ କହନ୍ତି: "ବିଭିନ୍ନ ସମୟରେ ଲିଖିତ, ପ୍ରକାଶିତ ଓ ବିକ୍ଷିପ୍ତ ଉତ୍କଳୀୟ ସଂସ୍କୃତି ସମ୍ପର୍କିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତେକ ଉପାଦେୟ ପ୍ରବନ୍ଧକୁ ଏହି ପୁସ୍ତକରେ ଏକତ୍ର କରାଯାଇଛି।" ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ତଥ୍ୟନିଷ୍ଠ ଓ ଭାରତୀୟ ଦର୍ଶନ ତଥା ସଂସ୍କୃତିର ବିବିଧ ପକ୍ଷକୁ ଆଲୋକିତ କରେ। ୧୯୫୧ ମାର୍ଚ୍ଚ ସଂଖ୍ୟା 'ନବଭାରତ' ଆଧାରରେ ପ୍ରାବନ୍ଧିକ କହିଛନ୍ତି: "ଜୈନଧର୍ମର ଆଦିତୀର୍ଥଙ୍କର ଋଷଭନାଥ ହେଉଛନ୍ତି ଜଗନ୍ନାଥ"(ପୃ:୨୧)। ତାଙ୍କ ମତରେ ବୌଦ୍ଧଧର୍ମକୁ ବିଶ୍ୱଧର୍ମରେ ପରିଣତ କରିବାରେ ବିହାର ଅପେକ୍ଷା ଓଡ଼ିଶାର ଭୂମିକା ଅଧିକ(ପୃ:୫୬)। ବିଭିନ୍ନ ସ୍ଥାନର ବୌଦ୍ଧକଳା ଓ ଭାସ୍କର୍ଯ୍ୟର ଅବତାରଣା ଦିଗରେ ପ୍ରାବନ୍ଧିକଙ୍କ ଅନୁଧ୍ୟାନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଜଗନ୍ନାଥଙ୍କୁ ତନ୍ତ୍ର-ଦେବତା ଭାବେ ଅଭିହିତ କରି ଡ. ମହାରଣା କହନ୍ତି: "ଜଗନ୍ନାଥଙ୍କ ଦର୍ଶନ ମାତ୍ରେ ଭକ୍ତର ମନେହୁଏ ସତେ ଯେପରି ତାଙ୍କ ମୁଖମଣ୍ଡଳର ଚିତା ଓ ନୟନ-ଭଙ୍ଗିମାରେ ପୂରି ରହିଛି ସମ୍ମୋହନ, ସ୍ତମ୍ଭନ, ବଶୀକରଣ ଓ ଉଚ୍ଚାଟନ ଆଦି ତନ୍ତ୍ରୋକ୍ତ ଷଡ଼ାଭିଚାର ଲକ୍ଷଣ"(ପୃ:୯୮)। ଧଉଳି ଓ ଯାଜପୁରର ନାଭିଗୟା ସମ୍ପର୍କରେ ଲେଖକଙ୍କର ବିଶ୍ଳେଷଣ ଗବେଷକ ତଥା ସାଧାରଣ ପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ



"ତମ ବାଟରେ ତମେ ଯଦି ପୃଥିବୀକୁ ଉନ୍ନତ କରି ନ ପାରିଲ, ତମ ପାଇଁ ସେ ପୃଥିବୀ ନିରର୍ଥକ।"
-ଟୋନି ମରିସନ୍

**ଟୋନି ମରିସନ୍**ଙ୍କ ଜନ୍ମ ୧୮ ଫେବୃଆରୀ ୧୯୩୧ରେ ଓ ପରଲୋକ ୫ ଅଗଷ୍ଟ ୨୦୧୯ରେ। ସେ ଔପନ୍ୟାସିକା ଓ ସମ୍ପାଦିକା- ଉଭୟ। କୃଷ୍ଣକାୟ ନାରୀଙ୍କ ଜୀବନଚିତ୍ର ତାଙ୍କ ଲେଖାରେ ରୂପ ପାଏ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ଦି ବ୍ଲୁଏଷ୍ଟ ଆଏ' (୧୯୭୦), 'ସଙ୍ଗ୍ ଅଫ୍ ସୋଲୋମନ୍' (୧୯୭୭), 'ବିଲଭ୍ଡ' (୧୯୮୭), 'ଜାଜ୍' (୧୯୯୨) ଓ 'ପାରାଡାଇଜ୍' (୧୯୯୭)। ବିଶ୍ୱ ସାହିତ୍ୟକୁ ବିରଳ ଅବଦାନ ପାଇଁ ଆମେରିକୀୟ ଏଇ ଲେଖିକାଙ୍କୁ ୧୯୮୮ରେ ମିଳେ 'ପୁଲିଜର ପୁରସ୍କାର' ଓ ୧୯୯୩ରେ 'ନୋବେଲ ପୁରସ୍କାର'।

## କବିତା

### ଧାନତଳି

ପୀତାମ୍ବର ତରାଇ

**ଉ**ତ୍ତର ଦିଗରୁ ଉଡ଼ିଆସୁଥିବା ମେଘଖଣ୍ଡ
କୋଉଠି ବର୍ଷିବ ?
ବେଳ ଅବେଳରେ କହି ତ ଥାଉ ତ୍ରାହି ଅଚ୍ୟୁତ
କିଛି ଖବର ଅନ୍ତର ଅଛି କି ସନାତନ !

ବିଲ ଫାଟି ଦି'ଫାଳ,
ଯେମିତି ଫାଟିପଡ଼ିଛି ଭାଗ୍ୟର ଭୂଗୋଳ
ଗମ୍‌ଗମ୍ ଝାଳ, ଲୁହଲହୁ ଏକାକାର
ଉଡ଼ିଯାଉଥିବା ପକ୍ଷୀର ଛାଇ
ଭାସି ଆସୁଥିବା କେଉଁ ନିଷ୍କାମ
ବାଟୋଇର ବାଟଚଲା ଗୀତ
ଏତିକିରେ ରାଜି ନୁହେଁ ଧାନପିଣ୍ଡ
ମାଟି ଧରିବନି ଚେର, କହ-
କିଏ ଯୋଗାଇବ ସୁବର୍ଣ୍ଣ ସ୍ୱପ୍ନ
ବର୍ଷକ ଆହାର !

ଏ କି କଥା, କୋଉ ହାତର ନା ଆଦେଶର
ରେ ମେଘଖଣ୍ଡ ଦଣ୍ଡେ ଛିଡ଼ା ହ'
ନେ' ବିକଳ ବିଲର ନିଉନ ନିମନ୍ତ୍ରଣ
ହିଡ଼ ନୁହେଁ ତ ରଇତ ହାଡ଼ରେ ବ'
ଶୁଣୁ, ହତାଶର କାନ୍ଦବୋବାଳି।

ଆରେ ନାଇଁରେ ନାଇଁ, ଇଏ ଆମର ନୁହଁ
କାଳିଦାସଙ୍କ ଦୂରନ୍ତ ମେଘଦୂତ
ସୁଦୂର ନାୟିକାର ବୋହିଚାଲିଛି ପ୍ରେମପତ୍ର
ବେଳ କାହିଁ! କ୍ଷଣିଏ ଅଟକିବ
ଗଜାମେଲି ଆଉଟୁପାଉଟୁ ଧାନ ବିହନର
ସେ କି ବର୍ଷା ଋତୁର ବର୍ଣ୍ଣନା ଶୁଣିବ !

ନାହିଁ ହୋ ସନାତନ, ଧାନ ଆଉ ମଣିଷର
ସମ୍ବନ୍ଧ ଭିତରେ କାହାର ଚାଲିଛି ଗୋଟେ
ଗୁପତ ନଟଖଟ
କେବେ ଜଳବିହୁନେ ତ କେବେ ବହୁଳେ
ସୃଷ୍ଟିନାଶ, ଆମେ କି ଜାଣୁ ଜଳ ପୁରାଣ
କିବା ଲୋକ, ଛାର ନର ଜନମ
ସାରୁପତ୍ରେ ବିନ୍ଦୁଏ ଜଳ-ଧାରଣ।

ଆସି ଶେଷ ହେଲାଣି ଆଷାଢ଼ ଶ୍ରାବଣ,
କ'ଣ କହୁଛି ଆଗତ ଅନାଗତର
ମାଳିକା ଭିଆଣ
ହିଡ଼ ମୁଣ୍ଡରେ ପଡ଼ିଛି ମଲା ତଳି ଗଣ୍ଡାକ
ଗଡୁଛି ବିଷ-ବିଷୟ, ପବନରେ ଉଡୁଛି
ଚିରାମିରା ଜୀବନର ଅଜପା ବୃତ୍ତାନ୍ତ
ଏଣେ ବଳେଇଗଲାଣି ମୂଳକୁ ସୁଧ
ହଁ ରେ ଭାଇ ଇଏ ଅଧା ମରଣ
'ଚାଷ ଅଛି ଯାହାର କି ଆନନ୍ଦ ତାହାର'
କିଏ ଲେଖିଲା ଏମନ୍ତ ରେ ସନାତନ !

- ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୪୩୭୧୬୩୪୨୧

### ସ୍ମୃତିର ଦହନ

ଅନସୂୟା ପଣ୍ଡା

**ବ୍ୟ**ସ୍ତତାରେ ହସିଦେଲେ
କିଛି ସ୍ମୃତିକୁ ପଖାଳି
ବେଢ଼ିଯାଆନ୍ତି ସମସ୍ତେ
ପଚାରନ୍ତି ମିଳିଛି କି
ଦୁର୍ଲଭ କିଛି !

ଜିଜ୍ଞାସାର ଧାଡ଼ି ଲମ୍ବିଥାଏ
ଅତି ନିବିଡ଼ତର ଆପଣାଠୁଁ ବଳି
ମୋହଗ୍ରସ୍ତ ସମ୍ବନ୍ଧମାନେ
ସୁଖ ଦୁଃଖର ପରମ ସାଥୀଗଣ
ଆହା ଆହା କହି ବେଢ଼ିଯାଆନ୍ତି
ପାରିଦେଇ ସ୍ମୃତିର ଗାଲିଚା।

ଆୟୁଷ ସଙ୍କୁଚିତ ହେବାକୁ ଆରମ୍ଭିଲାଣି
ସମୟ ଖର୍ଚ୍ଚ ହେଲାଣି
ଶୀତଳତା ସ୍ପର୍ଶ କଲାଣି
କହିପାରେନି କାହାକୁ ବୁଝେଇ
ଦୂର ଦିଗନ୍ତର ଜହ୍ନରେ
ଦେଖିଲି ଏବେ ଏବେ ମୋ' ଛବି।

ବ୍ୟକ୍ତ ଅସ୍ତିତ୍ୱ ପାଉଁଶ ମୁଠାକରେ ବିଲୀନ
ଜୁଇର ଦହନରେ ଦୈହିକ ସତ୍ତା
ମହାଶୂନ୍ୟରେ ପାଲଟିଛି ଅବ୍ୟକ୍ତ ଆତ୍ମା
ହେଲେ ସ୍ମୃତିସବୁ ଅପାସୋରା
କେବେ ହଜେନା କି ମନରୁ ଲିଭେନା।

- ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

### ଗୀତି-କବିତା

### ପାଦ ଥାପିଥିଲି

ଲକ୍ଷ୍ମୀପ୍ରିୟା ପୃଷ୍ଟି

**ପା**ଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ପାଇବାକୁ ଥିଲା ଯେତେ ପ୍ରତିଶ୍ରୁତି
ସବୁ ଗଲା ମିଛ ହୋଇ।

ବୁଲାଣି ବାଟରେ ଘଡ଼ିଏ ଅଟକି
ଜହ୍ନ ବି ପଚାରେ ମୋତେ
ବାକି ରହିଗଲା କେତେ ଯେ କାହାଣୀ
ପୂରଣ କି ହେବ ସତେ !

ସତର ପଥରେ ଶହେ ପଦାଘାତ
ମିଛକୁ ବାହାବା କହି
ସମୟ ଲେଖିଛି କେତେ ଯେ କାହାଣୀ
ଜୀବନର ଦ୍ରୋହୀ ହୋଇ।

ରାଣ ଦେଇଥିଲା ଋତୁ କେବେ ଦିନେ
ସଜାଇବ ବୋଲି ରଙ୍ଗେ
ରାତି ପାହିଗଲା ସରିନି ସପନ
ଅବେଳେ ସପନ ଭାଙ୍ଗେ।

ପାଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ଅନିଶ୍ଚିତ ଏଠି ଯେତେ ସବୁ ସ୍ୱପ୍ନ
ନୀରବେ ଏକଥା କହି।

ମୋ: ୭୩୭୭୩୧୮୭୮୯

# ସରଳ ଜୀବନ

## ଅନୁବାଦ ଗଳ୍ପ

ମୂଳଲେଖା : ଶ୍ରୀମତୀ ସୁଧାମୂର୍ତ୍ତିଜୀ
ଅନୁସୃଜନ: ସୁଜାତା ମହାନ୍ତି

ଅ ଙ୍ଗେ ନି ଭା କ ଥା

ଦିନ ଥିଲା, କେତେ ସରଳ, ସୁନ୍ଦର, ସହଜ ଥିଲା ମଣିଷର ଜୀବନ-ଶୈଳୀ। ଉତ୍ତର କର୍ଣ୍ଣାଟକର ଗୋଟିଏ ଅଖ୍ୟାତ ପଲ୍ଲୀରେ ମୋର ଜନ୍ମ। ସେ ସମୟର ଲୋକମାନେ ନିଷ୍କପଟ, ସରଳ ଏବଂ ନିରୀହ ଥିଲେ।

କୌଣସି ବ୍ୟକ୍ତିର ଭୁଲ୍ ଦେଖିଲେ ପାଖରେ ଥିବା ବ୍ୟକ୍ତି ନିଃସଂକୋଚରେ ସେଇ ଭୁଲ୍‌ଟିକୁ ଦର୍ଶାଇ ପାରୁଥିଲେ, ଭୁଲ୍ କରିଥିବା ବ୍ୟକ୍ତି ଜଣକ ସେଥିପାଇଁ କ୍ଷମାପ୍ରାର୍ଥନା କରୁଥିଲେ। ଭବିଷ୍ୟତରେ ସେଇ ଭୁଲ୍‌ର ପୁନରାବୃତ୍ତି ନ କରିବା ପାଇଁ ସଜାଗ ହେଉଥିଲେ। ପରସ୍ପର ପ୍ରତି ବ୍ୟବହାରରେ ଛନ୍ଦ, କପଟ ନ ଥିଲା। ସାମାଜିକ ଜୀବନ ବେଶ୍ ନିରଳସ, ସହଜ ଏବଂ ସୁବିଧାଜନକ ଥିଲା। ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିଲା।

ସେ ସମୟର ପରିବେଶ ଭଲ ଥିଲା। ଆବଶ୍ୟକସ୍ଥଳେ ବ୍ୟକ୍ତି ସାହାଯ୍ୟ ଏବଂ ସହଯୋଗ କରୁଥିଲେ। ସାହାଯ୍ୟ ଗ୍ରହଣ କରିଥିବା ବ୍ୟକ୍ତି କୃତଜ୍ଞତା ଜ୍ଞାପନ କରୁଥିଲେ।

ମୋ' ପିଲାଦିନର କଥା। ଆମ ଗୃହପାଳିତ ପ୍ରାଣୀ ଗାଁର ଜନୈକ ଗୋପାଳର ବଗିଚାରେ ପଶି ସମସ୍ତ ପରିବା ଫସଲ ନଷ୍ଟ କରିଦେଲା। ଗୋପାଳ ଜଣକ କ୍ରୋଧରେ ଗାଇଟିକୁ ବାନ୍ଧି ରଖିଲା। ଖବର ପାଇ ଆମେ ପହଞ୍ଚିଲୁ। କଥାଟି ଗାଁ ମୁଖିଆଙ୍କ ଉପସ୍ଥିତିରେ ସମାଧାନ ହେଲା। ଗୋପାଳର ଫସଲ କ୍ଷତିର ମୂଲ୍ୟ ଭରଣା କରି ଆମେ ଗାଇଟିକୁ ମୁକୁଳାଇ ଆଣିଲୁ। ଉଭୟ ପକ୍ଷ ମୁଖିଆଙ୍କ କଥା ମାନିଲେ। କାହା ମନରେ ବିଦ୍ୱେଷ ଅବା ତିକ୍ତତାଭାବ ରହିଲା ନାହିଁ।

ଅନ୍ୟ ଏକ ଘଟଣା। ଆମ ଗାଁର ପଡ଼ୋଶୀଙ୍କର ଶାଶୁମା' ଏବଂ ଗୃହ ପ୍ରବେଶ କରିଥିବା ନବବଧୂ ମଧ୍ୟରେ ଛୋଟ ଛୋଟ କଥାରେ ଝଗଡ଼ା ଲାଗୁଥିଲା। ଶାଶୁ ଦୁଷ୍ଟ ପ୍ରକୃତିର ଥିଲେ। ସଦାସର୍ବଦା ନିରୀହ ଅଳ୍ପବୟସ୍କା ବୋହୂ ଉପରେ ଅତ୍ୟାଚାର କରୁଥିଲେ। ପ୍ରତି କଥାରେ ଗଞ୍ଜଣା ଦେଉଥିଲେ। ସେଇ ଘରେ ପାଦ ଥାପିବା ଦିନଠା'ରୁ ବୋହୂଟିର ଖରାପ ସମୟ ଆରମ୍ଭ ହୋଇଯାଇଥିଲା। କଥାରେ ଅଛି, 'ମୂଷିକ ଏବଂ ମାର୍ଜାର' ମଧ୍ୟରେ ବନ୍ଧୁତା ହୋଇପାରେନା। ଶାଶୁ ଏବଂ ବୋହୂଙ୍କର କଳି-ଝଗଡ଼ା ଏବେ ବି ଘର-ଘରର- କାହାଣୀ। ଗାଁର ଶେଷଭାଗରେ ଥିବା ପୋଖରୀର ପଥର ପାହାଚ ଉପରେ ବସି ବୋହୂଟି ଅନେକ ଥର ଧକେଇ ଧକେଇ କାନ୍ଦେ। ସେଇ ବୋହୂର ଦୁଃଖ-କାହାଣୀ ମୋ' ଜେଜେମା' ଜାଣିଲେ। କାଳବିଳମ୍ବ ନ କରି ତାଙ୍କ ଘରକୁ ଗଲେ। ଶାଶୁମା'ଙ୍କୁ ବୁଝାଇଲେ। "ଅନ୍ୟ ଘରର ଝିଅଟି ତୁମ ଘରକୁ ବୋହୂ ହୋଇଆସିଛି। ତାକୁ କାହିଁକି ହଇରାଣ କରୁଛ ? ସେ ସବୁ ଉପରବାଲା ଦେଖୁଛନ୍ତି। ଦେଖିବ, ଦିନେ ନା ଦିନେ ସେ ତୁମର ଠିକ୍ ବିଚାର କରିବେ।"

ସେ ସମୟରେ ଗୁରୁଜନଙ୍କ ପରାମର୍ଶକୁ ଗୁରୁତ୍ୱ ଦିଆଯାଉଥିଲା। ମୋ' ଜେଜେମା' ସ୍ନେହୀ ମଣିଷ ଏବଂ ପଡ଼ୋଶୀପ୍ରେମୀ ଥିଲେ। ସେ କଦାପି ଭାବୁନଥିଲେ ସେ କାହିଁକି ଅନ୍ୟଘର ଶାଶୁ-ବୋହୂ କଳିରେ ମଧ୍ୟସ୍ଥତା କରିବେ। ସେ ଅନ୍ୟର ମଙ୍ଗଳ କାମନା କରୁଥିଲେ।

ସେ ଚାହୁଁଥିଲେ ପରିବାର ମଧ୍ୟରେ ପରସ୍ପର ସ୍ନେହ ଓ ସଦ୍ଭାବନା ବଜାୟ ରହୁ। ଯୁବତୀ ବୟସର ବୋହୂଟିକୁ ଉଚିତ୍ ନ୍ୟାୟ ମିଳୁ। ଏପରି ହେଲା, ସେହି ଦୁଷ୍ଟମତି ଶାଶୁ ଉପରେ ଜେଜେମା'ଙ୍କ କଥାର ଗଭୀର ପ୍ରଭାବ ପଡ଼ିଲା। ତାଙ୍କ ଆଚରଣରେ ପରିବର୍ତ୍ତନ ହେଲା। ବୋହୂର ଅବଶିଷ୍ଟ ଦିନ ଭଲରେ କଟିଲା। ଶାଶୁର ଆଚରଣରେ ମଧ୍ୟ ଅନେକ ସୁଧାର ଆସିଲା। ଜେଜେମା' ଏବଂ ପଡ଼ୋଶୀ ଶାଶୁଙ୍କ ସମ୍ପର୍କ ମଧ୍ୟ ଭଲ ରହିଲା। ଲୋକମାନେ ଭାବୁଥିଲେ ଜଣେ ବୟସ୍କ ବ୍ୟକ୍ତି ଆମର ମଙ୍ଗଳ ନିମନ୍ତେ ପରାମର୍ଶ ଦେଉଛନ୍ତି। ସେତେବେଳେ ସେମାନଙ୍କ କଥା ଗ୍ରହଣୀୟ ଥିଲା।

ସହଜ ଓ ସରଳ ଉପାୟରେ ଝଗଡ଼ାର ସମାଧାନ ହେଉଥିଲା। କେହି ଏଥିରେ ମାନସିକ ସ୍ତରରେ ଆଘାତପ୍ରାପ୍ତ ହେଉନଥିଲେ। ପୋଲିସ କିମ୍ବା କୋର୍ଟ କଚେରି ଯାଇ ଅଯଥା ବ୍ୟସ୍ତ ବିବ୍ରତ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା।

ଅନ୍ୟ ଏକ ଘଟଣା। ମୋ' ବାପାଙ୍କ ଦେହାନ୍ତ ପରେ ତାଙ୍କ ନାଁରେ ରନ୍ଧନଗ୍ୟାସ୍ ଆଣିବା ଆଇନ ଅନୁଯାୟୀ ଠିକ୍ ନୁହେଁ ମନେକରି ମୁଁ ଘରର ଅନ୍ୟ ଜଣେ ସଦସ୍ୟଙ୍କ ନାଁକୁ ଟ୍ରାନ୍ସଫର କରିବା ପାଇଁ ମନସ୍ଥକଲି। ସାଙ୍ଗରେ ବାପାଙ୍କ ଡେଥ୍ ସାର୍ଟିଫିକେଟ୍ ଏବଂ ରାଶନ୍‌କାର୍ଡ ନେଇ ଗ୍ୟାସ୍ ଏଜେନ୍ସିକୁ ଗଲୁ। ମ୍ୟାନେଜର କହିଲେ, ଆପଣଙ୍କ ନାଁକୁ ବଦଳ କରିବା ପାଇଁ ଅନ୍ୟ ଭାଇ ଓ ଭଉଣୀଙ୍କ ଲିଖିତ ସମ୍ମତି ଆବଶ୍ୟକ। ସେମାନେ ଲେଖିଦେବେ ଯେ ଭବିଷ୍ୟତରେ ଏ ରନ୍ଧନଗ୍ୟାସ୍ ପାଇଁ ସେମାନେ ଦାବିଦାର ହେବେ ନାହିଁ।

ସେତେବେଳେ ମୋ' ଭାଇ ଭଉଣୀ ଆମେରିକାରେ ଅବସ୍ଥାନ କରୁଥିଲେ। ସେମାନଙ୍କ ଦସ୍ତଖତ ଆଣିବା ସମୟସାପେକ୍ଷ ଏବଂ କଷ୍ଟକର ଥିଲା। କିନ୍ତୁ ଗ୍ୟାସ୍ ଏଜେନ୍ସି ମ୍ୟାନେଜର ତାଙ୍କ ଜିଦ୍‌ରେ ଅଟଳ ଥିଲେ। କାର୍ଯ୍ୟର ବିଫଳତା ନେଇ ମୁଁ ନିରାଶରେ ଫେରିଲି।

ଗ୍ୟାସ୍ ଶେଷ ହେବା ପରେ ଯେତେବେଳେ ଅନ୍ୟ ଏକ ଭରା ଗ୍ୟାସ୍ ସିଲିଣ୍ଡର ପାଇଁ ଗଲି, ମ୍ୟାନେଜର କହିଲେ ଆପଣଙ୍କ ବାପାଙ୍କ ନାଁରେ ଗ୍ୟାସ୍ ରହିଛି ଏବଂ ବାପାଙ୍କ ଦେହାନ୍ତ ହୋଇ ସାରିଛି। ମୃତବ୍ୟକ୍ତିଙ୍କ ନାମରେ ଗ୍ୟାସ୍ ଦେଇ ହେବ ନାହିଁ। ଆଇନର ଯୂପକାଠି ମଧ୍ୟରେ ଛନ୍ଦି ହୋଇ ମୁଁ ନିରୁପାୟ ହୋଇ ଫେରିଲି। ଭାବିଲି, ବାପାଙ୍କ ମୃତ୍ୟୁ ଖବର ଯଦି ନ ଜଣାଇଥା'ନ୍ତି, ବୋଧହୁଏ ନିୟମିତ ଗ୍ୟାସ୍ ଆଣି ପାରିଥାନ୍ତି।

ଆଇନର ସଂଶୋଧନ ଅଥବା ସରଳୀକରଣ ନ ହେବା ପର୍ଯ୍ୟନ୍ତ ଏପରି ଅସୁବିଧା ଲାଗି ରହିଥିବ।



ଅନ୍ୟ ଏକ ସମସ୍ୟା। ରାସ୍ତାରେ ଯିବା ସମୟରେ ଦେଖିଲି, ଜଣେ ମହିଳା ସଫେଇ କର୍ମଚାରୀ ଉଚ୍ଚସ୍ୱରରେ ଭୋ ଭୋ ହୋଇ କାନ୍ଦୁଛନ୍ତି ଏବଂ ଆଖିରୁ ଝରିପଡୁଥିବା ଲୁହ ନିଜ ପଣତକାନିରେ ପୋଛୁଛନ୍ତି। ନିକଟକୁ ଯାଇ ଜାଣିବାକୁ ପାଇଲି, ତାଙ୍କର ମଦ୍ୟପ ସ୍ୱାମୀ ଅଧିକାଂଶ ସମୟ ମଦନିଶାରେ ଚୂର୍ ହୋଇ ପତ୍ନୀଙ୍କୁ ମାର୍‌ପିଟ କରନ୍ତି ଏବଂ ନିଷ୍ଠୁର ବ୍ୟବହାର କରନ୍ତି। ମଦ୍ୟପ ସ୍ୱାମୀକୁ ଭେଟି ଅନେକ ବୁଝାଇଲି। ସେ କ୍ରୋଧରେ କହିଲା, "ମାଡାମ୍! ଆପଣ କାହିଁକି ଆମ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରୁଛନ୍ତି ? ଯଦି ମୋ' ସ୍ତ୍ରୀ ଅସୁବିଧା ଭୋଗୁଛି ସେ ଓକିଲ ପରାମର୍ଶ କରୁ ଅଥବା ଥାନାକୁ ଯାଇ ମୋ' ବିରୁଦ୍ଧରେ କହୁ। ଆପଣଙ୍କୁ ଜଣାଇବାରେ ଲାଭ କ'ଣ ?"

ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଆଇନର ସୃଷ୍ଟି। ଯଦି ତାହା କାର୍ଯ୍ୟକାରୀ ନ ହେଲା, ତା'ହେଲେ ଏପରି ଆଇନ କ'ଣ ପାଇଁ? ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ଅନେକ ଛୋଟବଡ଼ ସମସ୍ୟାର ସମ୍ମୁଖୀନ ହୁଏ। ଯଦି ସବୁଠି ଆଇନ ଉପରେ ନିର୍ଭର କରାଯାଏ, ତା'ହେଲେ ତୁରନ୍ତ ସମାଧାନ ଜଟିଳ ହେବ। ଆମ ସମାଜର ବୁଦ୍ଧିଜୀବୀମାନଙ୍କର ଏହାର ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧରେ ଚିନ୍ତା କରିବାର ଆବଶ୍ୟକତା ରହିଛି।

ମୋ: ୬୩୭୦୯୧୦୧୪୧

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ